


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-126 ◆SUNDAY ◆2 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୨୬ ◆ରବିବାର ◆୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ମନ୍ଦିରରେ ଦଳାଚକଟା ୧୨ ଶ୍ରଦ୍ଧାଳୁ ମୃତ





**୨୫ରୁ ଊର୍ଦ୍ଧ୍ୱ ଲୋକ ଆହତ**

■ **ଶ୍ରୀକାକୁଲମ, ୧।୧୧ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟାରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଭକ୍ତଙ୍କ ମଧ୍ୟରେ ମଧ୍ୟରେ ୮ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ଏକକାଳୀନ ଦର୍ଶନ ପାଇଁ ୫ ହଜାର ଲୋକଙ୍କର ବ୍ୟବସ୍ଥା ଥିବା ବେଳେ ଆଜି ପ୍ରାୟ ୨୫ ହଜାର ଲୋକଙ୍କର ସମାଗମ ହୋଇଥିଲା। ଭିଡ଼ ଅସମ୍ଭାଳ ହୋଇପଡ଼ିବାରୁ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଥିବା କୁହାଯାଉଛି। ରାଜ୍ୟ ସରକାର ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଆନ୍ଧ୍ର ▶ପୃଷ୍ଠା-୭

## ଆଖିବୁଜିଲେ ପାତ୍ରପୁର ଝିଅ ରୁପା

■ **ପାତ୍ରପୁର, ୧।୧୧ (ସମିସ):** ଆନ୍ଧ୍ରପ୍ରଦେଶ ଭେଙ୍କଟେଶ୍ୱର ମନ୍ଦିର ଦଳାଚକଟାରେ ପ୍ରାଣ ହରାଇଥିବା ୧୨ଶ୍ରଦ୍ଧାଳୁଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ଅଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ଗୁଡ଼ିପଦର ଗ୍ରାମର ଆର. ଦିଲେଶଙ୍କ ଝିଅ ଆର. ରୁପା (୨୧)। ଗ୍ରାମର କିଛି ଲୋକଙ୍କ ସହ ରୁପା ଉକ୍ତ ମନ୍ଦିରକୁ ଯାଇଥିଲେ। ସେଠାରେ ଦଳାଚକଟାରେ ରୁପାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ସାଂସଦ ▶ପୃଷ୍ଠା-୭

# ବିଶ୍ୱକପ୍ ଫାଇନାଲ ଆଜି

ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଫାଇନାଲରେ ବିଜୟୀ ଦଳ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିବ।

ଅଧିକ ବିବରଣୀ ପୃଷ୍ଠା-୧୨




## ଏମିତି ବି ଆସେ ମୃତ୍ୟୁ ...

# ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ




**ଅଳ୍ପକେ ବର୍ତ୍ତିଗଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ**

■ **ବୋଲଗଡ଼, ୧।୧୧ (ସମିସ):** ଏମିତି ବି ଆସେ ମୃତ୍ୟୁ! ବସ୍ ଚଳାଉ ଚଳାଉ ହୃଦ୍‌ଘାତରେ ଟଳିପଡ଼ିଲେ ଚାଳକ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦର ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ବଜାରଠାରେ ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି। ମୃତ ବସ୍ ଚାଳକ ହେଲେ, ସ୍ଥାନୀୟ ଗୋଡ଼ିଆଳି ଗ୍ରାମର ସୁବଳ ମାର୍ଥାଙ୍କ ପୁଅ ଶରତ ଚନ୍ଦ୍ର ମାର୍ଥା (୫୫)। ତାଙ୍କ ଘର ଗୋଡ଼ିଆଳି ଗ୍ରାମରେ। ଦୀର୍ଘ ବର୍ଷ ହେଲା ସେ ସପରିବାରେ ଚୂଡ଼ା ଗ୍ରାମରେ ରହି ଆସୁଥିଲେ। ଅପରପକ୍ଷେ, ବସ୍‌ରେ ଥିବା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସୌଭାଗ୍ୟବଶତଃ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, 'ବିଶାଖା' (ଓଡି-୦୨ ଏବି ୦୫୯୯) ନାମକ ବସ୍‌ଟି ମହିଳା, ପୁରୁଷ ଓ ଛୋଟ ଛୁଆଙ୍କ ସମେତ ପ୍ରାୟତଃ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ସୋରଡ଼ା ଭଞ୍ଜନଗର ଅଭିମୁଖେ ଯାଉଥିଲା। ବୋଲଗଡ଼ ଷ୍ଟାଣ୍ଡରେ ଗାଡ଼ିଟି ରହଣି ▶ପୃଷ୍ଠା-୭

# ଅଚେତ କରି ବିଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ


**ଅଫିସରୁ ଫେରୁଥିବା ବେଳେ ବାଟରୁ ଟେକିନେଲେ**

**୨ ଯୁବକ ଅଟକ**



■ **ଭୁବନେଶ୍ୱର, ୧।୧୧ (ସମିସ):** ସୁବର୍ଣ୍ଣପୁରରେ ଲଜ୍ଜା। ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ୍ ହିକୁଡି ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି। ଶୁକ୍ରବାର ସଂଧ୍ୟାରେ ୨୦ ବର୍ଷୀୟା ଏହି ଯୁବତୀଜଣଙ୍କ ଅଫିସ୍ ସାରି ଘରକୁ ଫେରୁଥିବା ବେଳେ ୩ଜଣ ଯୁବକ ତାଙ୍କୁ ଅଚେତ କରି ଏକ ବିଲ ମଝିକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ଯୁବତୀଜଣଙ୍କ ଆଜି ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ପୁଲିସ ୨ଜଣ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ଅପରପକ୍ଷେ, ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ▶ପୃଷ୍ଠା-୭

# ଜାଭେଦ ଅଖତର୍‌ଙ୍କୁ ସୋଆ ସାହିତ୍ୟ ସମ୍ମାନ



■ **ଭୁବନେଶ୍ୱର, ୧।୧୧ (ସମିସ):** ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ 'ସୋଆ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ତାରିଖରୁ ଆୟୋଜିତ ହେବାକୁ ଥିବା ଦୁଇଦିନିଆ 'ତୃତୀୟ ସୋଆ ସାହିତ୍ୟ ଉତ୍ସବ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧନା ସ୍ୱରୂପ, ୭ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରାଯିବ। ଅଖତର ଏକାଧାରରେ ଜଣେ ସଂଳାପ ଲେଖକ, ଗୀତିକାର, କବି ଏବଂ ଚିନ୍ତକ। ତାଙ୍କର ▶ପୃଷ୍ଠା-୭

## ଚନ୍ଦକାରୁ ନରକଙ୍କାଳ ମିଳିବା ଘଟଣାର ପର୍ଦ୍ଦାଫାସ

# ରାଜଧାନୀରେ ବି ଗୁଣିଗାରେଡ଼ି ପାଇଁ ହତ୍ୟା

■ **ଭୁବନେଶ୍ୱର, ୧।୧୧ (ସମିସ):** ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣାରୁ ପରଦା ହଟିଛି। ୨୪ଘଣ୍ଟା ଭିତରେ ମୃତକଙ୍କୁ ଚିହ୍ନଟ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ମୃତକ ହେଉଛନ୍ତି, ପିତାଗାଡ଼ିଆ ଗାଁର ବଳରାମ ଦେଓଗାମ୍ (୭୨)। ତାଙ୍କୁ ହତ୍ୟା କରି ପୋତିଦେଇଥିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫରେଷ୍ଟ ୱାଚମ୍ୟାନ କହ୍ନେଇ ହେମ୍ବ୍ରମ (୨୭) ଓ ରାମ ସାମଦା (୨୫)। ଗୁଣିଗାରେଡ଼ି ସନ୍ଦେହରେ ବଳରାମଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୁକ୍ତ ଦ୍ୱୟ ପ୍ରକାଶ କରିଛନ୍ତି। ସେମାନଙ୍କର ଏଭଳି ସ୍ୱୀକାରୋକ୍ତି ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି। ପଛୁଆ ଓ ଦୁର୍ଗମ ଅଞ୍ଚଳରେ ଘଟୁଥିବା ଏଭଳି ବୀଭତ୍ସ କାଣ୍ଡ ରାଜଧାନୀକୁ ଛୁଇଁଥିବାରୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

ପୁଲିସ ସୂଚନାନୁସାରେ, ଗତ ସେପ୍ଟେମ୍ବରରେ ବଳରାମଙ୍କ ନାତୁଣୀ ତଥା




**ଧରାପଡ଼ିଲେ ଦୁଇ ଅଭିଯୁକ୍ତ**

**'ବାପାଙ୍କ ମୃତ୍ୟୁ ପାଇଁ ସେ ଦାୟୀ'**

ରାମଚରଣଙ୍କ ଝିଅର ଏକୋଇଶିଆକୁ କହ୍ନେଇର ବାପା ପର୍ଶୁରାମ ହେମ୍ବ୍ରମ ଯାଇଥିଲେ। ସେଠାରୁ ସାରି ଫେରିବା ବେଳେ ବଳରାମଙ୍କ ଘର ଠାରୁ ମାତ୍ର ୫୦ ମିଟର ଦୂରରେ ପର୍ଶୁରାମଙ୍କର ମୃତ୍ୟୁ ହୋଇଥିଲା। ବଳରାମ ଗୁଣିଗାରେଡ଼ି କରି ତାଙ୍କ ବାପାଙ୍କୁ ହତ୍ୟା କରିଥିବା ସନ୍ଦେହ କରି କହ୍ନେଇ ପ୍ରତିଶୋଧ ପରାୟଣ ▶ପୃଷ୍ଠା-୭

# ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗେଇଲା ଓଡ଼ିଶା

## ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍‌ର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ



**୨୦୦୦ କୋଟି ନିବେଶ, ୧୦୦୦ ନିଯୁକ୍ତି**

**ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ହବ୍ ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ**

**ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ 'ପାୱାର ଇଲୋକ୍ଟ୍ରୋନିକ୍ସ ହବ୍': ଅଶ୍ୱିନୀ ବୈଷ୍ଣବ**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୂର୍ବ ସରକାର ଆରମ୍ଭ କରିଥିବା ସେମିକଣ୍ଡକ୍ଟର ଯାତ୍ରା କ୍ଷେତ୍ରରେ ଓଡ଼ିଶା ଶନିବାର ଆଉ ପାଦେ ଆଗକୁ ବଢ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମିପୂଜନ ସମାରୋହରେ ଯୋଗ ଦେଇଛନ୍ତି। ୨୦୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧୦୦୦ ପ୍ରଫେସନାଲ(ବୃତ୍ତିଧାରୀ)ଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ଅଭିଭାଷଣ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜବୁତ୍ ହେଉଛି। ▶ପୃଷ୍ଠା-୭




# ରାଜସ୍ଥାନରେ ଶହେବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା



ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ରାଜସ୍ଥାନରେ ଦୀର୍ଘ ୧୦୮ ବର୍ଷ ପରେ ଚଳିତ ବର୍ଷ ସର୍ବାଧିକ ବର୍ଷା ହୋଇଛି । ୨୦୨୫ରେ ସର୍ବାଧିକ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି । ପୂର୍ବରୁ ୧୯୧୭ରେ ମୌସୁମୀ ଋତୁରେ ସର୍ବାଧିକ ୮୪୪.୨ ମିମି ବର୍ଷା ହୋଇଥିଲା । କିନ୍ତୁ ଏବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୭୧୫.୨ ମିମି ବର୍ଷା ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ତରଫରୁ କୁହାଯାଇଛି । ଏଥିସହ ଇତିହାସରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି । ୧୯୦୧ ପରେ ଅର୍ଥାତ ୧୨୫ ବର୍ଷ ପରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି । ରାଜ୍ୟରେ ହାରାହାରି ବର୍ଷା ୪୩୫.୬ ମିମି ଥିବା ବେଳେ ଏଥର ୬୪ ପ୍ରତିଶତ ଅଧିକ ବର୍ଷା ହୋଇଛି । ରାଜସ୍ଥାନରେ ଗତ ୧୫ ବର୍ଷ ମଧ୍ୟରେ ୫ଥର ଅସାଧାରଣ ଭାବେ ସର୍ବାଧିକ ବର୍ଷା ହୋଇଛି ଓ ଏହା ରାଜ୍ୟର ଶ୍ରେଷ୍ଠ-୧୦ ସର୍ବକାଳୀନ ରେକର୍ଡରେ ସାମିଲ ହୋଇଛି । ପୂର୍ବରୁ ୧୯୦୮ରୁ ୧୯୭୫ ମଧ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷାଠାରୁ ଅଧିକ ୫ ଥର ଯଥା ୧୯୦୮, ୧୯୧୭, ୧୯୪୪, ୧୯୭୩ ଓ ୧୯୭୫ରେ ହୋଇଥିଲା । କିନ୍ତୁ ୨୦୧୧ ଓ ୨୦୨୫ ମଧ୍ୟରେ ବର୍ଷାର ରେକର୍ଡ ବାରମ୍ବାର ଭାଙ୍ଗିଥିଲା । ୨୦୧୧, ୨୦୧୯, ୨୦୨୨, ୨୦୨୪ ଓ ୨୦୨୫ରେ ବର୍ଷାର ରେକର୍ଡ ଟପ୍-୧୦ ତାଲିକାରେ ସାମିଲ ହୋଇଛି । ପୁଣି ପ୍ରଥମଥର ପାଇଁ ୧୧୭ ବର୍ଷର ମଧ୍ୟରେ ରାଜସ୍ଥାନରେ କ୍ରମାଗତ ଦୁଇବର୍ଷ ହରାହାରିଠାରୁ ଅଧିକ ବର୍ଷା ହୋଇଛି ।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି ଯେ ଗତ ୪ ମାସ ହେଲା ରାଜ୍ୟରେ କ୍ରମାଗତ ବର୍ଷା ହେବାରେ ଲାଗିଛି । ନଭେମ୍ବର ମାସରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି ।

## ଟ୍ରମ୍ପଙ୍କୁ କ୍ଷମା ମାଗିଲେ କାନାଡ଼ା ପ୍ରଧାନମନ୍ତ୍ରୀ କାର୍ଣ୍ଣି

ସଓଲ, ୧।୧୧(ଏଜେନ୍ସି): କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମା ମାଗିଛନ୍ତି । ଫଳରେ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଶେଷ ବୋଲି ଅନୁମାନ କରାଯାଉଛି । ଏକ ବିବାଦୀୟ ବିଜ୍ଞାପନ କାରଣରୁ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା । ଏଥିରେ ପୂର୍ବତନ ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ପୁରୁଣା ଭାଷଣକୁ ବ୍ୟବହାର କରି ଟାରିଫ୍ ବିରୋଧରେ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଥିଲା । ଦକ୍ଷିଣ କୋରିଆର ଗୁଆନଝୁ ସହରରେ ସାମ୍ବାଦିକମାନଙ୍କ ସହ କଥା ହେବା ବେଳେ କାର୍ଣ୍ଣି ଟ୍ରମ୍ପଙ୍କୁ କ୍ଷମା ମାଗିବା କଥା କହିଛନ୍ତି । ସେ ରାଗିବା ସହ ମୋ ଉପରେ ଅସନ୍ତୋଷ ଜାହିର କରିଥିଲେ । ଯଦି ଆମେରିକା ପ୍ରସ୍ତୁତ ହେବ ତେବେ ବାଣିଜ୍ୟ ନେଇ ପୁଣି କଥାବାର୍ତ୍ତା ଆରମ୍ଭ କରିବାକୁ କାନାଡ଼ା ରାଜି ଅଛି ବୋଲି ସେ କହିଛନ୍ତି । ଏହି ବିବାଦୀୟ ବିଜ୍ଞାପନ କାନାଡାର ଓଣ୍ଟାରିଓ ରାଜ୍ୟ ସରକାର ପ୍ରସାରଣ କରିଥିଲେ । ଏଥିରେ ଟାରିଫ ଆମେରିକା ପାଇଁ କ୍ଷତିକାରକ ବୋଲି ରେଗାନ କହୁଥିବାର ଦେଖାଯାଇଥିଲା । ଏଥିରେ ଟ୍ରମ୍ପ ରାଗି ଯାଇଥିଲେ । ଫଳରେ ସେ କାନାଡା ଉପରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ ଲାଗୁ କରିଥିଲେ । ଫଳରେ କାନାଡା ଉପରେ ଆମେରିକାର ଟାରିଫ ୩୫ରୁ ୪୫ ପ୍ରତିଶତରେ ପହଞ୍ଚିଥିଲା । ଭାରତ ଓ ବ୍ରାଜିଲ ପରେ ଏହା ତୃତୀୟ ସର୍ବାଧିକ ଟାରିଫ ବିବେଚିତ ହେଉଛି ।

## ଅପରେସନ ସିନ୍ଦୂର ହେଉଛି ଧର୍ମଯୁଦ୍ଧ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୫୩ ବର୍ଷ ପରେ ନିଜ ପିଲାବେଳର ବିଦ୍ୟାଳୟ ପରିଦର୍ଶନରେ ମଧ୍ୟପ୍ରଦେଶର ସତନା ଗସ୍ତରେ ଯାଇଛନ୍ତି । ପିଲାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂରକୁ ଏକ ଧର୍ମ ଯୁଦ୍ଧର ଆଖ୍ୟା ଦେଇଛନ୍ତି । ଏହା ଆଗକୁ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେ କେବେ କୌଣସି ନିର୍ଦ୍ଦୋଷ ନାଗରିକଙ୍କର କ୍ଷତି ପହଞ୍ଚାଇନାହୁଁ । ନମାଜ କିମ୍ବା କୌଣସି ଧାର୍ମିକ ପ୍ରାର୍ଥନା ସମୟରେ ଆମେ କେବେବି ଆକ୍ରମଣ କରିନାହୁଁ ବୋଲି ସେ କହିଛନ୍ତି । ୧୯୭୧ ଯୁଦ୍ଧ ସମୟରେ ସେ ଏହି ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢୁଥିଲେ । ଦୀର୍ଘ ୫୬ ବର୍ଷ ପରେ ନିଜ ପିଲା ବେଳର ସ୍କୁଲରେ ପହଞ୍ଚି ସେ ଭାବପ୍ରବଣ ହୋଇ ପଡ଼ିଥିଲେ । ଅପରେସନ ସିନ୍ଦୂର ପୂରା ଦେଶକୁ ଏକାଠି କରିବା ସହ ଗୋଟିଏ ସୂତ୍ରରେ ବାନ୍ଧିଥିଲା । ଟେକନିକ୍ ଓ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଏହି ମିଶନ ସଫଳ ହୋଇଥିଲା ବୋଲି ସେ କହିଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ । ଗତ ମେ ୭ରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଠିକଣାକୁ ମିସାଇଲ ମାଡ କରି ଧ୍ୱଂସ କରିଥିଲା । ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ । ସରକାର ସେନାର ଏହି କାର୍ଯ୍ୟାନୁଷ୍ଠାନକୁ ଅପରେସନ ସିନ୍ଦୂର ବୋଲି କହିଥିଲେ ।

## ୩୦ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଫେରାଇଲା ଇସ୍ରାଏଲ

ତେଲ ଅଭିଭ୍, ୧।୧୧(ଏଜେନ୍ସି): ଅସ୍ତ୍ରବିରତି ଚୁକ୍ତି ଅନୁସାରେ ଇସ୍ରାଏଲ ୩୦ଜଣ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଗାଜାକୁ ଫେରାଇଛି ବୋଲି ଖାନ୍ ୟୁନିସ ସ୍ଥିତ ନାସେର ମେଡିକାଲ କମ୍ପ୍ଲେକ୍ସ ତରଫରୁ କୁହାଯାଇଛି । ପଣବନ୍ଦୀ ପ୍ରତିବଦଳ ଚୁକ୍ତି ଅନୁସାରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି ବୋଲି କୁହାଯାଇଛି । ପ୍ରଥମେ ଜଣେ ମୃତ ପଣବନ୍ଦୀଙ୍କ ବଦଳରେ ଇସ୍ରାଏଲ ୧୫ ଜଣ ପାଲେଷ୍ଟାଇନ୍‌ଙ୍କୁ ଫେରାଇବାର ଚୁକ୍ତି ହୋଇଥିଲା । ଏଥିସହ ଇସ୍ରାଏଲ ଗାଜାକୁ ମୋଟ୍ ଉପରେ ୨୨୫ ଜଣ ନାଗରିକଙ୍କୁ ମୃତ ବା ଜୀବିତ ଅବସ୍ଥାରେ ଫେରାଇ ସାରିଛି । ରେଡ୍ କ୍ରସ୍ ଏହି ମୃତଦେହଗୁଡିକୁ ନାସେର ଆଣିଥିଲା । ଅକ୍ଟୋବର ୧୦ରେ ଏହି ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ୨୦୨୩ ଅକ୍ଟୋବର ୭ରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା । ହାମାସ ଏପର୍ଯ୍ୟନ୍ତ ଇସ୍ରାଏଲ ୨୦ଜର ପଣବନ୍ଦୀଙ୍କୁ ଫେରାଇ ସାରିଛି । ହମାସ ମଧ୍ୟ ଥାଇଲାଣ୍ଡ ଓ ନେପାଳ ଜଣେ ନାଗରିକଙ୍କୁ ଫେରାଇଥିଲା । ଅବଶ୍ୟ ପୂର୍ବରୁ ହମାସ ଅସ୍ତ୍ରବିରତି ଚୁକ୍ତି ଉଲ୍ଲଂଘନ କରୁଛି ବୋଲି ଇସ୍ରାଏଲ ଅଭିଯୋଗ କରି ଗାଜାରେ ଆକ୍ରମଣ କରିଥିଲା ଓ ଏଥିରେ ୩୦ ଜଣ ମୃତ୍ୟୁବରଣ କରିଥିଲେ ।

## ସାଉଦିରେ ପୁଲିସ ଗୁଳିରେ ଭାରତୀୟ ମୃତ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଝାଡ଼ଖଣ୍ଡରୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ସାଉଦି ଆରବ ଯାଇଥିବା ଜଣେ ଭାରତୀୟ ଯୁବକ ଗୁଳିମାଡ଼ରେ ନିହତ ହୋଇଛନ୍ତି । ସାଉଦି ଆରବରେ ପୁଲିସ ଓ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଗ୍ୟାଙ୍ଗ୍ ମଧ୍ୟରେ ଗୁଳିଚାଳନା ଚାଲଥିବା ବେଳେ ଏହି ଯୁବକଙ୍କ ଦେହରେ ଭୁଲରେ ଗୁଳି ବାଜିଥିଲା । ଘଟଣାସ୍ଥଳରେ ଯୁବକଙ୍କର ମୃତ୍ୟୁ ହୋଇଥିଲା । ଏହି ଯୁବକଙ୍କ ଘର ହେଉଛି ଝାଡ଼ଖଣ୍ଡ ଗିରିଡିହରେ । ପୁଲିସ ଓ ଗ୍ୟାଙ୍ଗ୍ ମଧ୍ୟରେ ଗୁଳି ବିନିମୟ ବେଳେ ଏହି ଯୁବକ ଫସି ଯାଇଥିଲେ ଓ ଭୁଲ୍‌ରେ ଗୁଳି ବାଜିବା କାରଣରୁ ମୃତ୍ୟୁବରଣ କରିଛନ୍ତି ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି । ଏ ସଂକ୍ରାନ୍ତରେ ଝାଡଖଣ୍ଡ ଶ୍ରମ ବିଭାଗର ଅଧିକାରୀ ମାନେ ଭାରତୀୟ ଦୂତାବାସ ଓ ସାଉଦି ଆରବର ଜେଦ୍ଦା ପୁଲିସ ସହ ଯୋଗାଯୋଗ କରିଛନ୍ତି । ମୃତ୍ୟୁ ପୂର୍ବରୁ ସମ୍ପୃକ୍ତ ଯୁବକ ନିଜ ପତ୍ନୀ ଓ ପିଲାଙ୍କୁ ହ୍ୱାଟ୍ସଆପ୍‌ରେ ମେସେଜ ଦେଇଥିଲେ । ଗୁଳି ବିନିମୟରେ ଫସିଯାଇଛି ଓ ଆହତ ହୋଇଛି ବୋଲି ଯୁବକ ଜଣକ ଉଲ୍ଲେଖ କରିଥିଲେ ।

## ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କ ବିରୋଧରେ ଠକେଇ ଅଭିଯୋଗ

# ବ୍ୟାଙ୍କରୁ ଠକି ନେଲେ ୪,୪୪୦ କୋଟି

ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଆମେରିକାର ଦୂରସଞ୍ଚାର କ୍ଷେତ୍ରରେ କାମ କରୁଥିବା ଏକ କମ୍ପାନୀ ଅଚାନକ ଚର୍ଚ୍ଚାକୁ ଆସି ଯାଇଛି । ଏହି କମ୍ପାନୀ ଶହେ କି ଦୁଇ ଶହ ନୁହେଁ, ପ୍ରାୟ ୫୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୪,୪୦୦ କୋଟି ଟଙ୍କା ଠକି ନେଇଛି । ଏହି ଦୁର୍ନୀତି ଠକେଇ ବିବାଦର କେନ୍ଦ୍ରରେ ଭାରତୀୟ ବଂଶୋଦ୍ଭବ ସିଇଓ ବଙ୍କିମ ବ୍ରହ୍ମଭଟ୍ଟ ଅଛନ୍ତି । ସେ ଆମେରିକାରେ ବ୍ରଡ୍‌ବ୍ୟାଣ୍ଡ ଟେଲିକମ ଏବଂ ବ୍ରିଜଭଏସର ମାଲିକ ମଧ୍ୟ । ତାଙ୍କ ବିରୋଧରେ ବଡ଼ ଅଭିଯୋଗ ଲାଗିଛି । ସେ ଆମେରିକା କମ୍ପାନୀ ବ୍ଲାକରକ୍‌ର ପ୍ରାଇଭେଟ କ୍ରେଡିଟ ୟୁନିଟ ଏଚ୍‌ପିଏସ ଇନ୍‌ଭେଷ୍ଟମେଣ୍ଟ ପାର୍ଟନର୍ସ ଏବଂ ଫ୍ରାନ୍ସର ବିଏନପି ପିରିବାସ ଭଳି ଗ୍ଲୋବାଲ ବ୍ୟାଙ୍କକୁ ଠକି ଦେଇଛନ୍ତି ।






ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ବିଶ୍ୱର ସବୁଠାରୁ ବଡ଼ ନିବେଶ କମ୍ପାନୀ ମଧ୍ୟରୁ ଅନ୍ୟତମ ବ୍ଲାକରକ୍ ଇଙ୍କର ଏକ ଶାଖା ଏବଂ ଅନ୍ୟ କିଛି ଋଣ ଦେଇଥିବା କମ୍ପାନୀ ବ୍ରହ୍ମଭଟ୍ଟଙ୍କଠାରୁ ଏହି ଅର୍ଥ ଫେରସ୍ତ ଚାହୁଁଛନ୍ତି । ବଙ୍କିମ ଜାଲ୍ ଟେଲିକମ ସମ୍ପତ୍ତି, ଇନ୍‌ଭଏସ, ଇମେଲ ଏବଂ ଠିକା ପ୍ରସ୍ତୁତ କରି ଋଣ ନେଇଥିବା ଅଭିଯୋଗ ହୋଇଛି । ଅସଲି ଟେଲିକମ୍ କ୍ଲାଇଣ୍ଟ ଭଳି ଭେକ ୱେବସାଇଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଅଡିଟର୍ସ ଏବଂ ଋଣଦାତାଙ୍କୁ ଅନ୍ଧାରରେ ରଖିବା ପାଇଁ ଏପରି କରାଯାଇଥିଲା । ଗତ ଦୁଇ ବର୍ଷରେ ଯାଞ୍ଚ ପାଇଁ କରାଯାଇଥିବା ପ୍ରତ୍ୟେକ ଇମେଲ ଜାଲ୍ ଥିଲା । ୨୦୧୮ ରୁ ଏହି କଳା କାରନାମା ଚାଲିଥିଲା । ମୋଟ ଋଣ ପରିମାଣ ୫୦୦ ନିୟୁତ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ୨୦୨୪ରେ ବଙ୍କିମଙ୍କ ଋଣ ଠକେଇ ବିଷୟରେ ଜଣା ପଡିଥିଲା । ଏହା ପରେ ତାଙ୍କ କମ୍ପାନୀଗୁଡିକ ଏବଂ ସେ ନିଜେ ଦେବାଳିଆ ହୋଇଯାଇଥିଲେ । ଏହି କାରବାରରେ ଫ୍ରାନ୍ସ ବ୍ୟାଙ୍କ ବିଏନପି ପରିବାସର ମଧ୍ୟ ଭୂମିକା ଥିଲା । ଏହି ବ୍ୟାଙ୍କ ବ୍ଲାକରକ୍‌ର ସହଯୋଗୀ ଗୋଷ୍ଠୀ ଏଚିପିଏସ ଇନଭେଷ୍ଟମେଣ୍ଟ ପାଟନର୍ସକୁ ବଙ୍କିମଙ୍କୁ ଋଣ ଦେବାରେ ସହାୟତା କରିଥିଲା । ତେବେ ବିଏନପି ପକ୍ଷରୁ ଏ ନେଇ କୌଣସି ଟିପ୍ପଣୀ ଦିଆଯାଇ ନାହିଁ ।

୨୦୨୪ ଜୁଲାଇରେ ଏଚ୍‌ପିଏସର ଜଣେ କର୍ମଚାରୀ କଷ୍ଟମର ଇମେଲ ଆଡ୍ରେସରେ ତ୍ରୁଟି ଥିବା ଦେଖିବାକୁ ପାଇଥିଲେ । ପୁନଃ ଯାଞ୍ଚ ପରେ ବେଲ୍‌ଜିଆନ ଟେଲିକମ୍ କମ୍ପାନୀ ବିଆଇସିଏସ ପକ୍ଷରୁ କୁହାଯାଇଥିଲା ଯେ ବ୍ରିଜଭଏସ ସହ କମ୍ପାନୀର କୌଣସି ଚୁକ୍ତି ହୋଇନାହିଁ । କମ୍ପାନୀ ନାମରେ ଜାଲିଆତି ହୋଇଥିବା ସ୍ପଷ୍ଟ କରାଯାଇଥିଲା । ଏହା ପରେ ଡିଲଏଟ ଏବଂ ସିବିଆଇଜେଡ୍ ଯାଞ୍ଚରେ କଷ୍ଟମର ଡାଟା, ଇନଭଏସ ଏବଂ ଠିକା ସବୁ କିଛି ଜାଲ୍ ଥିବା ଜଣାପଡ଼ିଥିଲା । ଋଣଦାତା ଯୋଗାଯୋଗ କରିବା ପରେ ବ୍ରହ୍ମଭଟ୍ଟ କଲ୍ ଏବଂ ଇମେଲ ବନ୍ଦ କରିଦେଇଥିଲେ । ତାଙ୍କର ନ୍ୟୁୟର୍କ ସ୍ଥିତ ଅଫିସ ବନ୍ଦ ଥିବାବେଳେ ଘର ଖାଲି ଥିଲା । ତେବେ ମହଙ୍ଗା କାର୍‌ଗୁଡିକ ଘର ବାହାରେ ଛିଡ଼ା ହୋଇଥିଲା । ସେ ଭାରତ କିମ୍ବା ମରିସସ୍ ପଳାୟନ କରିଥିବା କୁହାଯାଉଛି । ୨୦୨୪ ଅଗଷ୍ଟରେ ବ୍ରଡବ୍ୟାଣ୍ଡ ଟେଲିକମ, ବ୍ରିଜଭଏସ, କ୍ୟାରିଅକ୍ସ କ୍ୟାପିଟାଲ ୨ ଏବଂ ବିବି କ୍ୟାପିଟାଲ ଏସପିଭି ଦେବାଳିଆ ହୋଇ ଯାଇଥିଲା । ଅଗଷ୍ଟ ୧୨ରେ ବ୍ରହ୍ମଭଟ୍ଟ ବ୍ୟକ୍ତିଗତ ଦେବାଳିଆ ପାଇଁ ଆବେଦନ କରିଥିଲେ । ତେବେ ବ୍ରହ୍ମଭଟ୍ଟଙ୍କ ଓକିଲ ସବୁ ଅଭିଯୋଗକୁ ଭ୍ରମାତ୍ମକ ଏବଂ ଆଧାରହୀନ କହିଛନ୍ତି । କମ୍ପାନୀର ବ୍ୟବସାୟ ବୈଧ ଥିଲା ଏବଂ ଯାଞ୍ଚ ଅଧୁରା ଥିବା କୁହାଯାଇଥିଲା ।

## ଭାଗ୍ୟ ଖୋଲିଦେଲା ଲଟେରି, ୧୧ ବର୍ଷର ପିଲା ଏବେ କୋଟିପତି



ଲୁଧିୟାନା, ୧।୧୧ (ଏଜେନ୍ସି): ପଞ୍ଜାବ ଲୁଧିୟାନାରେ ଜଣେ ଶିଶୁଙ୍କ ଭାଗ୍ୟ ଅଚାନକ ଖୋଲିଯାଇଛି । ସେ ୧୧ ବର୍ଷ ବୟସରେ କୋଟିପତି ପାଲଟି ଯାଇଛନ୍ତି । ଏହାକୁ ନେଇ ପରିବାର ସଦସ୍ୟ ବହୁତ ଖୁସି ଅଛନ୍ତି । ଘରେ ବ୍ୟାଣ୍ଡବାଜା ବାଜୁଛି । ଲୋକେ ଖୁସିରେ ନାଚୁଛନ୍ତି । ସମସ୍ତେ ଏହି ଶିଶୁକୁ ଭାଗ୍ୟଶାଳୀ କହୁଛନ୍ତି । ଏହି ଶିଶୁ ପାଇଁ ହିଁ ଘରେ ବସି ବସି ଲକ୍ଷ୍ମୀ ଆସିଥିଲେ । ଏହି ଶିଶୁର ନାମ ଆରବ । ସେ ହୋସିୟାରପୁରର ମୂଳ ବାସିନ୍ଦା । ଏବେ ସେ ମାମୁ କରନଙ୍କ ସହ ଲୁଧିୟାନାର ହେବୋୱାଲରେ ରହୁଛନ୍ତି । ସେ ଶୁକ୍ରବାର ସନ୍ଧ୍ୟାରେ ବଜାରକୁ ଯାଇଥିଲେ । ଏହି ସମୟରେ ଲଟେରି ଦୋକାନରେ ଭିଡ଼ ଲାଗିଥିବା ଦେଖିବାକୁ ପାଇଥିଲେ । ତେଣୁ ସେ ମାମୁଁଙ୍କୁ ଲଟେରି ଟିକଟ କିଣିବାକୁ କହିଥିଲେ । କିନ୍ତୁ ମାମୁ ମନା କରିବାରୁ ସେ ଜିଦ୍ କରିଥିଲେ । ଶେଷରେ ଆରବଙ୍କ ନାମରେ ମାମୁ ଏକ ଟିକଟ କିଣି ଦେଇଥିଲେ । ଏହା ଦୋକାନର ଶେଷ ଟିକଟ ମଧ୍ୟ ଥିଲା । ଏବେ ଫଳାଫଳ ଘୋଷଣା ହେବା ପରେ ଆରବ କୋଟିଏ ଟଙ୍କା ପୁରସ୍କାର ଜିତିଥିବା ଘୋଷଣା କରାଯାଇଥିଲା । ଏହା ଶୁଣି ପରିବାର ଲୋକେ ଭାବବିହ୍ୱଳ ହୋଇ ଯାଇଥିଲେ । ଗାଁ ଏବଂ ପଡ଼ିଶାରେ ମିଠା ବାଣ୍ଟିଥିଲେ ।

## ହାଇଦ୍ରାବାଦ ବିମାନକୁ ବୋମା ଧମକ

ହାଇଦରାବାଦ୍, ୧।୧୧(ଏଜେନ୍ସି): ହାଇଦରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆରଜିଆଇଏ) ଶନିବାର ଏକ ଇ-ମେଲ ଜରିଆରେ ବୋମା ଧମକ ପାଇଥିଲା । ସାଉଦି ଆରବର ଜେଦ୍ଦାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ମାନବ ବୋମା ଥିବା ଏହି ମେଲ୍‌ରେ ଦାବି କରାଯାଇଥିଲା । ଧମକ ମିଳିବା ପରେ ଏହି ବିମାନ ହାଇଦରାବାଦ ଯିବା ବଦଳରେ ମୁମ୍ବଇ ଯାଇ ସୁରକ୍ଷିତ ଭାବେ ଅବତରଣ କରିଥିଲେ । ଏ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ପୁଲିସ୍‌ରେ ଅଭିଯୋଗ କରିଛି । ଏଲ୍‌ଟିଟିଇ-ଆଇଏସ୍‌ଆଇ କାର୍ଯ୍ୟକର୍ତ୍ତାମାନେ ୧୯୮୪ ଭଳି ବୋମା ବିସ୍ଫୋରଣ ଘଟାଇବାକୁ ଯୋଜନା କରିଛନ୍ତି ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା । ବିମାନ ବନ୍ଦର ସହିତ ଜଡିତ ସବୁ କର୍ମକର୍ତ୍ତାଙ୍କୁ ଏ ନେଇ ସଜାଗ କରାଯାଇଥିଲା ଓ ବିମାନର ଗତିପଥକୁ ମୁମ୍ବଇକୁ ବଦଳାଯାଇଥିଲା ।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା

## ମହିଳାଙ୍କଠୁ ୪୭ କୋଟିର କୋକେନ୍ ଜବତ

ମୁମ୍ବଇ, ୧।୧୧(ଏଜେନ୍ସି): ମୁମ୍ବଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଡାଇରେକ୍ଟୋରେଟ ଅଫ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଅଧିକାରୀମାନେ ଜଣେ ମହିଳାଙ୍କଠାରୁ ୪୭ କୋଟି ଟଙ୍କାର କୋକେନ ତଥା ନିଶାଦ୍ରବ୍ୟ ଜବତ କରିଛନ୍ତି । ଶନିବାର ଶ୍ରୀଲଙ୍କା ରାଜଧାନୀ କଲମ୍ବୋରୁ ଆସି ମୁମ୍ବଇରେ ପହଞ୍ଚିବା ପରେ ଏହି ମହିଳା ଯାତ୍ରୀଙ୍କଠାରୁ ୪ କେଜି ୭୦ ଗ୍ରାମର କୋକେନ ଜବତ କରାଯାଇଥିଲା । ଏହି ନିଶାଦ୍ରବ୍ୟକୁ ସେ କଫି ପ୍ୟାକେଟ୍‌ରେ ଅତି ଚତୁରତାର ସହ ଲୁଚାଇ ଆଣିଥିଲେ । ଜବତ ହୋଇଥିବା ଏହି ପ୍ୟାକେଟଗୁଡିକ ବିଦେଶରୁ ମୁମ୍ବଇ ଆସି ପହଞ୍ଚିଥିଲା । ଯାଞ୍ଚ ଅବସରରେ ଡିଆରଆଇ ଟିମ୍‌ର ସନ୍ଦେହ ଉପୁଜିଥିଲା । ଏହାପରେ ପ୍ୟାକେଟଗୁଡିକର ସ୍କାନିଂ କରାଯାଇଥିଲା ଓ ଡ୍ରଗ୍ସ ଥିବା ଜଣାପଡ଼ିଥିଲା । ଏହି ମାମଲାରେ ଡିଆରଆଇ ଅଧିକାରୀମାନେ ୫ ଜଣଙ୍କୁ ଗିରଫ କରିଛନ୍ତି । ଏମାନଙ୍କ ମଧ୍ୟରେ ଦୁଇଜଣ ଯାତ୍ରୀ ଓ ୩ ଜଣ ସହଯୋଗୀ ସାମିଲ ରହିଛନ୍ତି । ଅଭିଯୁକ୍ତମାନେ ଏହି ନିଶାଦ୍ରବ୍ୟଗୁଡିକୁ ବିମାନ ବନ୍ଦର ବାହାରକୁ ନେବା ପାଇଁ ପ୍ରୟସା କରୁଥିଲେ । ଏହି ମାମଲା ସହିତ ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରାଚାଲାଣକାରୀ ନେଟ୍‌ୱର୍କ ଜଡିତ ରହିଛି ବୋଲି ପଚରାଉଚରା ପରେ ଜଣାପଡ଼ିଛି । ଜବତ ହୋଇଥିବା କୋକେନର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୪୭ କୋଟି ଟଙ୍କା ବୋଲି କୁହାଯାଇଛି । ସବୁ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

## ଫେରିଲା ୧୫୦ ବର୍ଷର ପରମ୍ପରା 'ଦରବାର ମୁଭ୍' | ଜମ୍ମୁରୁ ପୁଣି ଚାଲିବ ସରକାର

ଶ୍ରୀନଗର, ୧।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ୧୫୦ ବର୍ଷ ତଳର 'ଦରବାର ମୁଭ' ପରମ୍ପରା ପ୍ରତ୍ୟାବର୍ତ୍ତନ କରିଛି । ୪ ବର୍ଷ ପରେ ପୁଣି ଜମ୍ମୁରୁ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ପରିଚାଳିତ ହେବ । ଆଗାମୀ ଶୀତ ଋତୁକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି । ଶୁକ୍ରବାର ସବୁ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ପରେ ସବୁ ଜିନିଷପତ୍ର ଓ କର୍ମଚାରୀ ଶ୍ରୀନଗରରୁ ଜମ୍ମୁ ସ୍ଥାନାନ୍ତର ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଜମ୍ମୁରୁ ହିଁ ସବୁ ସରକାରୀ କାର୍ଯ୍ୟ ନଭେମ୍ବର ୩ରୁ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ, ସିଭିଲ ସଚିବାଳୟ ସହିତ ସବୁ ଅନ୍ୟ ବିଭାଗର ମୋଟ ୩୯ଟି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଜମ୍ମୁକୁ ପଠାଯିବ । ସେହିପରି ୪୭ ବିଭାଗର କାର୍ଯ୍ୟାଳୟ ତମ୍ବୁରେ ଚାଲିବ । ଏହି ବିଭାଗଗୁଡିରେ ୩୩ ପ୍ରତିଶତ କର୍ମଚାରୀ କିମ୍ବା ୧୦ ଜଣ ଅଧିକାରୀଙ୍କ ସହ କାର୍ଯ୍ୟ କରିବେ । ଶୀତ ଯିବା ପରେ ଗ୍ରୀଷ୍ମ ଆରମ୍ଭ ହେବା ପରେ ଏହି ଅସ୍ଥାୟୀ କାର୍ଯ୍ୟାଳୟଗୁଡିକ ପୁଣି ଶ୍ରୀନଗରକୁ ସ୍ଥାନାନ୍ତର ହେବ । ଏହି ପରମ୍ପରା ୧୫୦ ବର୍ଷ ହେବ ଚାଲିଆସୁ ଥିଲେ ମଧ୍ୟ ୨୦୨୧ରେ ଉପ-ରାଜ୍ୟପାଳ ବନ୍ଦ କରିଦେଇଥିଲେ । କିନ୍ତୁ ଏବେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପୁଣିଥରେ ଏହି ପରମ୍ପରାକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଫଳରେ ୬ ଲକ୍ଷ କର୍ମଚାରୀ ଏବେ ଜମ୍ମୁ ଯିବେ । ଏହା ଦ୍ୱାରା ଶୀତ ଋତୁରେ ଜମ୍ମୁର ଅର୍ଥ ବ୍ୟବସ୍ଥାକୁ ପୁଣିଥରେ ବଳ ମିଳିବ । ଉଲ୍ଲେଖଥାଉ କି, ୧୮୭୨ରେ ଡୋଗରା ଶାସକ ମହାରାଜା ରଣବୀର ସିଂ ଏହି ପରମ୍ପରା ଆରମ୍ଭ କରିଥିଲେ । ଗ୍ରୀଷ୍ମଋତୁରେ ଶ୍ରୀନଗର ଓ ଶୀତଋତୁରେ ଜମ୍ମୁ ରାଜ୍ୟର ରାଜଧାନୀ ବିବେଚିତ ହେଉଥିଲା । ଦରବାର ମୁଭ ପାଇଁ ନଭେମ୍ବର ୧ ଓ ୨ରେ ଟ୍ରାଫିକକୁ ବନ୍ଦ କରାଯିବ ।

## ମସ୍କୋରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

କିଭ୍, ୧।୧୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉ ନାହିଁ । ଏବେ ୟୁକ୍ରେନ୍ ରୁଷିଆର ରାଜଧାନୀ ମସ୍କୋ ଉପରେ ଡ୍ରୋନ ଆକ୍ରମଣ କରିଛି । ୟୁକ୍ରେନର ଗୁଇନ୍ଦା ଏଜେନ୍ସି (ହଚ୍‌ୟୁଆର) ଶୁକ୍ରବାର ମସ୍କୋ ନିକଟରେ ଥିବା ଏକ ୪୦୦ କିମି ଦୀର୍ଘ ଫୁଏଲ ପାଇପ୍ ଲାଇନ୍ ଉପରେ ଆକ୍ରମଣ କରିଛି । ଏହି ପାଇପ୍ ଲାଇନ୍‌ର ନାମ 'ରିଙ୍ଗ' ବୋଲି ଜଣାପଡ଼ିଛି । ଏହି ଆକ୍ରମଣ ପରେ ରୁଷ୍‌ର ପେଟ୍ରୋଲ, ଡିଜେଲ ଓ ବିମାନର ଇନ୍ଧନ ଯୋଗାଣ ବନ୍ଦ ହୋଇଛି । ୟୁକ୍ରେନର ଏହି ଆକ୍ରମଣରେ ମସ୍କୋର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ୩ଟି ମୁଖ୍ୟ ପାଇପ୍ ଲାଇନ ଏକାସଙ୍ଗେ ଧ୍ୱଂସ ପାଇଛି । ସେଠାରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବାକୁ ରୁଷିଆ ଅସ୍ତ୍ରଶସ୍ତ୍ର ନିୟୋଜିତ କରିଥିଲା । ତେବେ ସେ ସବୁ ଠିକ୍ ସମୟରେ କାର୍ଯ୍ୟ କରି ନଥିଲା । ଏବେ ରୁଷ୍ ସେନାକୁ ଇନ୍ଧନ ମିଳିବା କଷ୍ଟକର ହୋଇ ପଡ଼ିଛି । ଏହି ପାଇପ୍ ଲାଇନ ଜରିଆରେ ପ୍ରତିବର୍ଷ ୩୦ ଲକ୍ଷ ଟନ୍ ଜେଟ୍ ଇନ୍ଧନ, ଲକ୍ଷ ଲକ୍ଷ ଟନ ପେଟ୍ରୋଲ ଓ ଡିଜେଲ ପଠାଯାଇଥାଏ । ଏବେ ଏହି କାରଣରୁ ମସ୍କୋର ଅର୍ଥବ୍ୟବସ୍ଥା ନକାରାତ୍ମକ ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାତି ସାରା ହୋଇଥିବା ଡ୍ରୋନ ଆକ୍ରମଣର ଏହା ଏକ ଅଂଶ ଥିଲା ବୋଲି ରୁଷିଆ ତରଫରୁ କୁହାଯାଇଛି । ଅନ୍ୟପଟେ ୧୦ଟି ଅଞ୍ଚଳରେ ୟୁକ୍ରେନର ୯୮ଟି ଡ୍ରୋନକୁ ମାରି ଖସାଇଛୁ ବୋଲି ରୁଷ୍ ସେନା ତରଫରୁ କୁହାଯାଇଛି ।

## ଧଉଳି ଗଙ୍ଗାରେ ସୃଷ୍ଟି ହେଉଛି ହ୍ରଦ, ଚିନ୍ତାରେ ପରିବେଶବିତ୍



ଚମୋଲି, ୧।୧୧(ଏଜେନ୍ସି): ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ନୀତି ଘାଟିରେ ଧଉଳି ଗଙ୍ଗା ନଦୀରେ ନୂଆ ହ୍ରଦ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି । ଫଳରେ ଏହା ବୈଜ୍ଞାନିକ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି । ଯଦି ଏହି ହ୍ରଦ ଭବିଷ୍ୟତରେ ବୃଦ୍ଧିପାଏ, ତେବେ ତଳିଆ ଅଞ୍ଚଳରେ ବିପଦ ଓ ଧ୍ୱଂସ ଆଣିଦେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସୃଷ୍ଟି ହୋଇଥିବା ଏହି ନୂଆ ହ୍ରଦର ଦୈର୍ଘ୍ୟ ୩୫୦ ମିଟର ରହିଛି ଓ ଏହା କ୍ରମାଗତ ବୃଦ୍ଧିପାଇବାରେ ଲାଗିଛି । କିନ୍ତୁ ଏହି ହ୍ରଦ ପୂର୍ବରୁ ଥିଲା । କିନ୍ତୁ ଏତେ ବଡ଼ ହ୍ରଦ ପ୍ରଥମଥର ପାଇଁ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏହି ହ୍ରଦ ତମଙ୍ଗ ନାଳ ନିକଟରେ ସୃଷ୍ଟି ହୋଇଛି । ଗତ ଅଗଷ୍ଟରେ ହୋଇଥିବା ପ୍ରବଳ ବର୍ଷା ଓ ତୁଷାରପାତ ଯୋଗୁଁ ଧଉଳି ଗଙ୍ଗା ପ୍ରବାହରେ ବାଧା ସୃଷ୍ଟି ହୋଇଥିଲା । ହିମପ୍ରବାହ ତରଳିବା ଯୋଗୁଁ କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି ବୋଲି ପରିବେଶବିତମାନେ କହିଛନ୍ତି । ୨୦୧୯ ରେ ସରକାରଙ୍କୁ ଏ ନେଇ ଚେତାବନୀ ଦିଆଯାଇଥିଲା । ତମଙ୍ଗ ନାଳ ଉପରେ ପୋଲ ନିର୍ମାଣ ହୋଇଥିଲା ଓ ଏହି ପୋଲ ବର୍ଷା ଓ ତୁଷାରପାତ କାରଣରୁ ଭାଙ୍ଗିଯାଇ ନାଳ ଉପରେ ପଡ଼ିଥିଲ । ଫଳରେ ପ୍ରବାହ ବାଧିତ ହୋଇଥିଲା । ଏହି କାରଣରୁ ମଧ୍ୟ ହ୍ରଦ ସୃଷ୍ଟି ହୋଇଥାଇ ପାରେ ବୋଲି କୁହାଯାଉଛି ।

# ଆଜିଠୁ ପଞ୍ଚୁକ ବ୍ରତ

- ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ ମହାପ୍ରଭୁ
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା
- ଏଥର ଚାରିଦିନିଆ ପଞ୍ଚୁକ, ବାଙ୍କଚୂଡ଼ା ବେଶ ନାହିଁ

ପୁରୀ,୧।୧୧(ସମିସ): ରବିବାରଠାରୁ ମହାକାର୍ତ୍ତିକର ପଞ୍ଚୁକ ବ୍ରତ। ଚଳିତ ବର୍ଷ ୫ଦିନ ପରିବର୍ତ୍ତେ ୪ଦିନ ପାଳନ ହେବ ପଞ୍ଚୁକ ବ୍ରତ। ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଦ୍ୱାଦଶୀ ତିଥି କ୍ଷୟ ଯାଉଥିବାରୁ ମହାପ୍ରଭୁଙ୍କ ୪ଟି ବେଶ ଦର୍ଶନର ସୁଯୋଗ ପାଇବେ ଭକ୍ତ। ବାଙ୍କଚୂଡ଼ା ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ରହିବେ। ଏହାସହ ଶ୍ରୀମନ୍ଦିରରେ ହରି ଉତ୍‌ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବ। ସେହିପରି ୩ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ପ୍ରତିଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବାକୁ ଥିବାରୁ ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

ପ୍ରଥମ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଲ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇଥାଏ। ଏହି ବେଶ ଥାଇ ଠାକୁରମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ସମ୍ପନ୍ନ ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବେଶ କରିବେ। କାର୍ତ୍ତିକରେ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥା'ନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୁଏ ନାହିଁ।

ଏତଦ୍‌ବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ। ପଞ୍ଚୁକରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ମାର୍କେଟ୍ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୯୬ ସେକ୍ସନ୍ ଫୋର୍ସ ମୁତୟନ ହୋଇଛନ୍ତି। ୫ ଅତିରିକ୍ତ ଏସ୍‌ପି, ୧୬ ଡିଏସ୍‌ପି, ୩୫ ଇନ୍ସପେକ୍ଟରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ତାହା ପୁରୀ ପୁଲିସର ପ୍ରାଥମିକତା ରହିବ ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

**ପଦୋନ୍ନତି କ୍ଷେତ୍ରରେ ବରିଷ୍ଠତାକୁ ଉପେକ୍ଷା ପ୍ରସଙ୍ଗ**

## ଆର୍‌ଆଇ ପଦୋନ୍ନତି ପାଇଥିବା ପ୍ରତିପକ୍ଷଙ୍କୁ ପୂର୍ବ ପଦକୁ ଆଣିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧।୧୧ (ସମିସ): ବରିଷ୍ଠତାକୁ ଉପେକ୍ଷା ପୂର୍ବକ କେନ୍ଦୁଝର ଜିଲ୍ଲାରେ କେତେକ ସାଧାରଣ ବର୍ଗ ପ୍ରାର୍ଥୀଙ୍କୁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପଦକୁ ବେଆଇନ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହି ମାମଲାର ପ୍ରତିପକ୍ଷ ତଥା ଆର୍‌ଆଇ ପଦୋନ୍ନତି ପାଇଥିବା କର୍ମଚାରୀଙ୍କୁ ସେମାନଙ୍କ ପୂର୍ବ ପଦକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପଦୋନ୍ନତି ପାଇଁ ପାଇଥିବା ଦରମା ଓ ଅନ୍ୟାନ୍ୟ ଆର୍ଥିକ ଲାଭ ସେମାନଙ୍କ ନିକଟରୁ ଭରଣା କରାଯିବ ନାହିଁ। ଆର୍‌ଆଇ ପଦକୁ ପଦୋନ୍ନତି ପାଇଁ ଏକ ଡିପିସି ଡାକିବାକୁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସଂଜୟ କୁମାର ପେରେଇ ଓ ଅନ୍ୟ ଚାରିଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରଦାନ କରିଛନ୍ତି। ଡିପିସିର ଫଳାଫଳ ଆଧାରରେ ସାନି ପଦୋନ୍ନତି ନିର୍ଦ୍ଦେଶନାମା ଜାରି ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, କେନ୍ଦୁଝର ଜିଲ୍ଲାରେ ଗତ ୨୦୧୯ରେ ଗ୍ରେଡେସନ୍ ତାଲିକାରେ ବରିଷ୍ଠତା କ୍ଷେତ୍ରରେ ଆବେଦନକାରୀଙ୍କ ସ୍ଥାନର ତଳେ ଥିବା ପ୍ରତିପକ୍ଷ ସାଧାରଣବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଉଚ୍ଛେଦ ପରେ ମାମଲା ଶୁଣାଣି ପାଇଁ ହାଇକୋର୍ଟକୁ ସ୍ଥାନାନ୍ତର ହୋଇ ଆସିଥିଲା।

- ୩୬ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇବା ପ୍ରସଙ୍ଗ

## ନବୀକରଣ ପାଇଁ ତାଗିଦ କରୁଛି ବିଭାଗ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧।୧୧(ସମିସ): ରାଜ୍ୟର ମୋଟ୍ ୫୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୩୬ଟି ମହାବିଦ୍ୟାଳୟ ସ୍ୱୟଂଶାସିତ ମାନ୍ୟତା ହରାଇ ସାରିଛନ୍ତି। ଅନେକ ନବୀକରଣ ପାଇଁ ଆବେଦନ କରୁ ନଥିବାବେଳେ ଆଉକିଛି ଆବେଦନ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମାନ୍ୟତା ନବୀକରଣ କରାଯାଇନାହିଁ। ଏନେଇ ଖବର ପ୍ରକାଶ ପାଇଲା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସମସ୍ତ ପ୍ରକାର ତ୍ରୁଟି ସୁଧାରି ମାନ୍ୟତା ଫେରିପାଇବା ପାଇଁ ସରକାର ପ୍ରୟାସ କରୁଛନ୍ତି। ପାଠପଢ଼ା ସହିତ ଅଫିସିଆଲ୍ କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେବାକୁ କଲେଜ ଅଧକ୍ଷମାନଙ୍କୁ କୁହାଯାଇଛି। ମାନ୍ୟତା ଅବଧି ଶେଷ ହେବା ପରେ ଆବେଦନ କରି ନ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଭାଗ ପକ୍ଷରୁ ତାଗିଦ୍ କରାଯାଉଛି। ଆବେଦନ କରି ମଧ୍ୟ ମାନ୍ୟତା ନବୀକରଣ ହୋଇ ନଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଏଥିପାଇଁ ଟାଇମ୍‌ଲାଇନ୍ ସହ ଡେଡ୍ ଲାଇନ୍ ମଧ୍ୟ ଦିଆଯାଉଛି। ସେହିପରି ବିଶ୍ୱବିଦ୍ୟାଳୟ ସହ କଲେଜଗୁଡ଼ିକର ଅଫିଲେସନ୍‌କୁ ମଧ୍ୟ ଗୁରୁତ୍ୱ ଦିଆଯାଇ ନବୀକରଣ କରିବାକୁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

**ଘୋଷଣାକୁ ପୂରିଲା ବର୍ଷେ**

# ଘୋଷଣାରେ ସୀମିତ ଶିଶୁ ସୁରକ୍ଷା ହେଲ୍‌ପଲାଇନ୍ ନମ୍ବର

ଭୁବନେଶ୍ୱର,୧।୧୧(ସମିସ): ଶିଶୁମାନଙ୍କୁ ଶୋଷଣ, ଚାଲାଣ, ନିର୍ଯାତନା ଓ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ସରକାର ସର୍ବଦା ସମ୍ବେଦନଶୀଳ ଅଛନ୍ତି। ଦାନ୍ତ ବିହୀନ କିମସନକୁ ନୂଆ ସରକାରରେ ଶକ୍ତିଶାଳୀ କରିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ। ନୂଆ, ଢାଞ୍ଚାରେ ନୂଆ ନିୟମରେ ପରିବର୍ତ୍ତନ କରାଯିବ। ଏଥିପାଇଁ ରହିଥିବା ଆଇନ ଓ ନିୟମକୁ ମଧ୍ୟ ପରିବର୍ତ୍ତନ କରାଯାଇ ଆୟୋଗକୁ ସୁଦୃଢ଼ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତବର୍ଷ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଓଏସସିପିସିଆର)ର ପ୍ରତିଷ୍ଠା ଦିବସ ଅବସରରେ ଘୋଷଣା କରିଥିଲେ। ସେହିପରି ଯୌନ ଉତ୍ପୀଡ଼ନର ପ୍ରଥମ ପ୍ରୟାସକୁ ହିଁ ବିରୋଧ କରାଯିବା ସହ ରାଜ୍ୟର କୌଣସି ବି ସ୍ଥାନରେ ପିଲାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ଦେୟମୁକ୍ତ ନମ୍ବର(୧୮୦୦-୩୪୫-୪୪୯୪)ରେ ଯୋଗାଯୋଗ କରିପାରିବେ। ଏହି ନମ୍ବରକୁ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରଯାଏଁ ବ୍ୟାପକ କରାଯିବ। ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିଥିଲେ ମଧ୍ୟ ଏହି ନମ୍ବର ଗାଁ ଗାଁରେ ପହଞ୍ଚିବା ତ ଦୂରର କଥା, ବ୍ଲକ୍ କି ଜିଲ୍ଲା ସ୍ତରକୁ ମଧ୍ୟ ଯାଇ ପାରିଲା ନାହିଁ।

ରାଜ୍ୟରେ ଶିଶୁମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ପିଷୟରେ ଅବଗତ ହେବା ଏବଂ ଏହାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ଟୋଲ୍ ଫ୍ରି ନମ୍ବର ସହ ପୁଲିସ ସହାୟତା ନମ୍ବର, ଚାଇଲ୍ଡ ହେଲ୍‌ପଲାଇନ୍ ନମ୍ବର ବିଷୟରେ ସଚେତନା କରାଯିବାକୁ ଯୋଜନା ରହିଥିଲା। ଶିଶୁ ଚାଲାଣ ରୋକିବା ପାଇଁ ଗାଁ ମାନଙ୍କରେ ଏସ୍‌ଏଚ୍‌ଜି ମହିଳା ଓ 'ଅଦ୍ୱିକା' ଯୋଜନାରେ କିଶୋରୀ ବାଳିକାଙ୍କୁ ଟ୍ରେନିଂ ଦିଆଯିବ। ସେମାନେ ଘର ଘର ବୁଲି ଏ ବାବଦରେ ଅଭିଭାବକମାନଙ୍କୁ ଅବଗତ କରାଇବେ। ଏଥିପାଇଁ ବିଭାଗ ପକ୍ଷରୁ ଅର୍ଥ ଯୋଗାଇ ଦିଆଯିବ। କେବଳ ସେତିକି ନୁହେଁ; ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ନିର୍ଯାତନା, ଯୌନ ଉତ୍ପୀଡ଼ନ ସମେତ ଶିଶୁମାନଙ୍କ ଅଧିକାର କ୍ଷୁଣ୍ଣ ହେଲା ଭଳି କୌଣସି ଘଟଣା ସାମ୍ନାକୁ ଆସିଲେ ପୁଲିସ

**ସହରରୁ ଗାଁ ଯାଏଁ ବ୍ୟାପିଗଲାଣି ଶିଶୁ ଚାଲାଣ, ଯୌନ ଉତ୍ପୀଡ଼ନ ସମସ୍ୟା**

ପ୍ରଶାସନ ସହାୟତାରେ ତୁରନ୍ତ ପଦକ୍ଷେପ ନିଆଯିବ। ଜିରୋ ଟଲେରାନ୍ସ ବ୍ୟବସ୍ଥାରେ ଦୋଷୀକୁ ତୁରନ୍ତ ଦଣ୍ଡ ଦିଆଯିବା ସହ ପୀଡ଼ିତାଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ପାଇଁ ବିଭାଗ ଘୋଷଣା କରିଥିଲା। ଏଦିଗରେ ପିଲାମାନଙ୍କୁ ଅଧିକ ସଚେତନ କରିବାକୁ ବିଦ୍ୟାଳୟରେ ଶିକ୍ଷା ଓ ସଚେତନତା ବାର୍ତ୍ତା ଦିଆଯିବ; ଯାହାକି ଏପର୍ଯ୍ୟନ୍ତ ହୋଇପାରି ନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସକାଳ ୧୦ ଟା ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିଥିବା ଏହି ସରକାରୀ ଟ୍ରୋଲ ଫ୍ରି ନମ୍ବର କେବଳ ସରକାରୀ ବ୍ୟବସ୍ଥା ମଧ୍ୟରେ ସୀମିତ ରହିଯାଇଛି। ବ୍ଲକ ତ ଦୂରର କଥା; ଜିଲ୍ଲା ସ୍ତରରେ ବି ପହଞ୍ଚିପାରି ନାହିଁ। ତେବେ ସରକାର ଏହାକୁ ଗୁରୁତ୍ୱର ସହ ନେଉ ନ ଥିବାରୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିଶୁମାନେ ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନର ଶିକାର ହେବା ସହ ଶିଶୁ ଚାଲାଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଥିପ୍ରତି ସରକାର ଏବଂ ବିଭାଗୀୟ ତତ୍ପରାତା ପ୍ରକାଶ କରିବାର ଆବଶ୍ୟକତା ଥିବା ନେଇ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

**କୋମନାରେ ଫାଙ୍କା ଗୁଳି ଚାଳନା**

## ପିଏସ୍‌ଓଙ୍କୁ ଗିରଫ ଦାବିରେ କଂଗ୍ରେସର ଥାନା ଘେରାଉ

ନୂଆପଡା,୧।୧୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସଦର ମହକୁମା ପୁରୁଣା ଛକରେ ଥିବା ଏକ ହୋଟେଲରେ କୋରାପୁଟ ବିଧାୟକଙ୍କ ପିଏସ୍‌ଓ ଡମ୍ବରୁ ହନ୍ତାଳ ଫାଙ୍କା ଗୁଳି ଚାଳନା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ କୋମନା ଥାନା ପୁଲିସ ମାମଲା ରୁଜୁ କରି ପିଏସ୍‌ଓଙ୍କ ବନ୍ଧୁକ ସହ ଗୁଳି, ଖୋକାକୁ ଜବତ କରିଛି। ତଦନ୍ତ ରିପୋର୍ଟ ଆଧାରରେ କୋରାପୁଟ ଏସ୍‌ପି ଅଭିଯୁକ୍ତ ପିଏସ୍‌ଓଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କୋମନା ପୁରୁଣା ବ୍ଲକ୍

**ଅଭିଯୁକ୍ତ ପିଏସ୍‌ଓ ନିଲମ୍ବିତ**

ଛକରେ ଥିବା ଏକ ହୋଟେଲରେ ବିଜେପିର ଅସ୍ଥାୟୀ କାର୍ଯ୍ୟାଳୟ କରାଯାଇଛି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ପିଏସ୍‌ଓ ଡମ୍ବରୁ ହନ୍ତାଳ ହୋଟେଲରେ ଖାଇବାକୁ ବସିଥିବା ଜଣେ ଗ୍ରାହକଙ୍କୁ ବସିବାକୁ ସିଟ୍ ମାଗିଥିଲେ। ସେ ସିଟ୍ ନ ଛାଡ଼ିବାରୁ ବଚସା ହୋଇଥିଲା। ଏଥିରେ ରାଗିଯାଇ ପିଏସ୍‌ଓ ନିଜ ବନ୍ଧୁକରୁ ଫାଙ୍କା ଗୁଳିଚାଳନା କରିଥିଲେ। ରାତି ୧୨ଟା ବେଳେ କୋମନା ଥାନାଧିକାରୀ ରଶ୍ମିତା ପଧାନ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ହୋଟେଲ ମାଲିକ ଗୁଳିକାଣ୍ଡ ସଂପର୍କରେ କିଛି କହିନଥିଲେ। ଶନିବାର ସକାଳେ ପୁଲିସ ଟିମ୍ ପୁଣିଥରେ ଛାନ୍‌ଭିନ୍ କରିବାରୁ ଅସଲ କଥା ଜଣାପଡ଼ିଥିଲା। ପିଏସ୍‌ଓଙ୍କଠାରୁ ସଂପୃକ୍ତ ବନ୍ଧୁକ, ଗୋଟିଏ ଗୁଳି ସହ ଏକ ଖୋକାକୁ ମଧ୍ୟ ଜବତ କରାଯାଇଛି। ଏହାକୁ ନେଇ ଏକ ୩୧୯/୨୫, ଆର୍ମସ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନାଧିକାରୀ କହିଛନ୍ତି।

ଅପରପକ୍ଷରେ, ଏହି ଘଟଣାରେ ଅଭିଯୁକ୍ତ ପିଏସ୍‌ଓଙ୍କୁ ଗିରଫ କରିବା ସହ ନିର୍ବାଚନୀ ପ୍ରଚାରରେ ଥିବା ସଂପୃକ୍ତ ବିଧାୟକଙ୍କୁ ଜିଲ୍ଲାରୁ ଅପସାରଣ କରିବାକୁ କଂଗ୍ରେସ ଦାବି କରିଛି। ପ୍ରତିବାଦରେ ଆଜି କଂଗ୍ରେସ ତରଫରୁ କୋମନା ଥାନା ଘେରାଉ କରାଯାଇଛି। ଯୁବନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଥାନା ଘେରିବା ସହ ଥାନାଧିକାରୀ ରଶ୍ମିତା ପଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହରୁଖ ଖାନ, ପାଶା ମହାନନ୍ଦ, ସେମ ମହାନନ୍ଦ, କୈଳାସ ବାଗ, ଦିଲୀପ ଦୁରିଆ, ପ୍ରବୀଣ ପଟ୍ଟନାୟକ, ଗରିଆମଣି ସଗରିଆ, ଲବ ମଙ୍ଗରାଜ ପ୍ରମୁଖ ସାମିଲ ଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଥାନା ଘେରାଉ କରିବେ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବବି ଦାସଙ୍କ ନାଁରେ ଥାନାରେ ମାମଲା

ନୂଆପଡ଼ା/କୋମନା, ୧।୧୧(ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସଦର ଟାଉନର ଜଣେ ଯୁବକଙ୍କ ଅଭିଯୋଗ ଆଧାରରେ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି ଦାସ)ଙ୍କ ନାଁରେ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ କୋମନା ସହରର ପାଇକପଡ଼ାର ଜିତୁ ଆଡବଙ୍ଗଙ୍କୁ ବିଜେଡି ନେତାମାନେ କୋମନାସ୍ଥିତ ଏକ ଫାର୍ମ ହାଉସ୍‌କୁ ଡାକିଥିଲେ। ସେଠାରେ ବବି ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସାର୍ଟ କଲର୍ ଧରି ମାଡ଼ ମାରିଥିଲେ। ଜିତୁଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କୋମନା ଥାନାଧିକାରୀ ସୂଚନା ଦେଇଛନ୍ତି।

- ହାତୀଦାନ୍ତ ବିକ୍ରି ମାମଲା

## ୩ଜଣଙ୍କୁ ୩ବର୍ଷ ଜେଲ୍

ବାଲେଶ୍ୱର,୧।୧୧(ସମିସ): ହାତୀ ଶିକାର କରି ଦାନ୍ତ ବିକ୍ରି ମାମଲାର ବିଚାର କରି ବାଲେଶ୍ୱର ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଜନକ ରାଉତ ଆଜି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଲେଖାଏଁ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୩ ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ସାଇଁକୁଳା ଅଞ୍ଚଳର ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରା। ଏମାନେ କୁଲଡ଼ିହା ଜଙ୍ଗଲରୁ ହାତୀ ଶିକାର କରି ଦାନ୍ତ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଥିଲେ। ସୂଚନାନୁସାରେ, ୨୦୦୬ ଡିସେମ୍ବର ୨୭ ରାତିରେ ଫରେଷ୍ଟର ଭାଗୀରଥି ତୁଙ୍ଗ ଓ ଅନ୍ୟମାନେ କୁଲଡହା ଜଙ୍ଗଲର ପଞ୍ଚୁଲିଙ୍ଗେଶ୍ୱରସ୍ଥିତ ସଂରକ୍ଷିତ ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିଲେ। ସାଇଁକୁଳା-ମିତ୍ରପୁର ରାସ୍ତାର ପୁରୁଣାଗାଁଠାରେ ହାତୀଦାନ୍ତ ଡିଲ୍ ଚାଲୁଥିବା ଖବର ପାଇ ଶ୍ରୀ ତୁଙ୍ଗ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅଶ୍ୱିନୀ କୁମାର ଦେଙ୍କ ଠାରୁ ବ୍ୟାଗ ଜବତ କରି ଯାଞ୍ଚ ପରେ ସେଥିରେ ଦୁଇଟି ହାତୀଦାନ୍ତ ରହିଥିଲା। ଯାହାର ଓଜନ ୨କେଜି ୮୫୦ ଗ୍ରାମ ଓ ୨ କେଜି ୨୫୦୦ ଗ୍ରାମ୍ ଥିଲା। ଏହାସହ ଏକ ବଡ଼ ହାତୁଡ଼ି ମଧ୍ୟ ଜବତ ହୋଇଥିଲା। ଫରେଷ୍ଟ କର୍ମଚାରୀ ଏହି ଘଟଣାରେ ସମ୍ପୃକ୍ତ ଥିବା ତିନି ଅଭିଯୁକ୍ତ ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ପ୍ରଭାତ କୁମାର ଦାସ ପରିଚାଳନା କରୁଥିଲେ।

- ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା

## ଲକ୍ଷେ ତଣ୍ଡ ଗଣିବ ଉତ୍କଳ ବିଶ୍ୱବିଦ୍ୟାଳୟ: ହାଇକୋର୍ଟ

କଟକ, ୧।୧୧(ସମିସ): ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ୧ଲକ୍ଷ ଟଙ୍କା ତଣ୍ଡ ରାଶି ଗଣିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧ ମାସ ମଧ୍ୟରେ ଏହା ପଇଠ କରାନଗଲେ, ଦିନକୁ ଅତିରିକ୍ତ ୧ହଜାର ଟଙ୍କା ଦେବାକୁ ପଡ଼ିବ। ଏହି ତଣ୍ଡରାଶି ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ଦରମାରୁ ଭରଣା କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଡି. ସୁରେଶ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ବାରମ୍ବାର ନିର୍ଦ୍ଦେଶ ପରେ ବି ଆଦେଶ ଅନୁପାଳନ ନହେବା, ନ୍ୟାୟିକ ପ୍ରକ୍ରିୟାରେ ମକଦ୍ଦମାକାରୀଙ୍କ ବିଶ୍ୱାସକୁ ଦୋହଲାଇ ଦେବ। ଏଭଳି ସ୍ଥିତିରେ ନିଜ କର୍ମଚାରୀଙ୍କ ପରିବାର ପ୍ରତି ନିଷ୍ଠୁର ମନୋଭାବ ଦେଖାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଦଣ୍ଡମୁକ୍ତ ହୋଇପାରିବ ନାହିଁ। ଏଥିସହ, ଅନୁକମ୍ପା ନିଯୁକ୍ତି ଆବେଦନକୁ ଖାରଜ କରି ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଦ୍ୱାରା ଗତ ୨୦୨୪ ମାର୍ଚ୍ଚ ୧୧ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆସନ୍ତା ୩ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଅନୁକମ୍ପା ନିଯୁକ୍ତିର ଆଦେଶ ଜାରି କରିବା ସହ ଅଦାଲତଙ୍କ ଆଦେଶ ଅନୁପାଳନ ସଂକ୍ରାନ୍ତରେ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ଆବେଦନକାରୀଙ୍କ ପିତା ବିଶ୍ୱବିଦ୍ୟାଳୟରେ କମନ ରୁମ୍ ଆଟେଣ୍ଡାଣ୍ଟ ଭାବରେ ନିଯୁକ୍ତି ପାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଚାକିରି ଗତ ୨୦୦୪ ନଭେମ୍ବର ୨୭ରୁ ନିୟମିତ କରାଯାଇଥିଲା। ୨୦୧୦ ମାର୍ଚ୍ଚ ୧୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଦେଇଥିଲେ ସୁଦ୍ଧା ଏହାକୁ ସରକାର କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଳନ ନକରିବାରୁ ସେ ଅଦାଲତ ଅବମାନନା ମାମଲା କରିଥିଲେ। ଏହି ମାମଲାରେ ବି ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ କୁହାଯାଇଥିଲା। ପ୍ରଚଳିତ ନିୟମ ଅନୁଯାୟୀ, ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସରକାର କହିବା ପରେ ଗତ ୨୦୨୪ ମାର୍ଚ୍ଚ ୧୧ରେ ଆବେଦନକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ।

## ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ସିଇଓଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୧।୧୧(ସମିସ): ନୂଆପଡ଼ାରେ ପୁଲିସ ଅଧିକାରୀମାନେ ନିଜକୁ ଶାସକ ବିଜେପିର ଏଜେଣ୍ଟ ପରି ଆଚରଣ କରୁଛନ୍ତି। ପୁଲିସ ପ୍ରଶାସନର ଅପବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନକୁ ପ୍ରଭାବିତ କରିବାକୁ



- ପୁଲିସ ପ୍ରଶାସନକୁ ବ୍ୟବହାର କରି ବିଜେପି ନିର୍ବାଚନ ଜିତିବାକୁ ଅପଚେଷ୍ଟା କରୁଛି
- ବିଜେପିରେ ଯୋଗଦେବା ପାଇଁ ପୁଲିସ ବିଜେଡି କର୍ମୀଙ୍କ ଉପରେ ଚାପ ପକାଉଛି
- ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାମ କରୁଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍

ଚେଷ୍ଟା କରୁଥିବା ଅଭିଯୋଗ କରି ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଆଗରେ ଫେରାଦ ହୋଇଛି।

ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ସିଇଓଙ୍କୁ ଭେଟି ନୂଆପଡ଼ା ଉପନିର୍ବାଚନରେ ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର ଅଭିଯୋଗ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଜେଡି ଅଭିଯୋଗ କରିଛି ଯେ ଖରିଆର ରୋଡ୍‌ର ବିଜେଡି ଛାତ୍ର ସଭାପତି ମନୀଷ ଦେବଙ୍ଗନଙ୍କୁ ପୁଲିସ ଦ୍ୱାରା ଚାପ ପକାଯାଇ ବିଜେପିରେ ଯୋଗଦାନ କରାଯାଇଛି। ମନୀଷ ବିଜେପିରେ ଯୋଗଦାନ କରିବାର ପୂର୍ବ ସନ୍ଧ୍ୟାରେ ସାମାଜିକ ଗଣମାଧ୍ୟମରେ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହିତ ସେ ବିଜେଡିରେ ଅଛନ୍ତି ବୋଲି କହିଥିଲେ। ଏହାର କିଛି ଘଣ୍ଟା ପରେ ସେ ହ୍ୱାଟ୍ସଆପରେ ମେସେଜ୍ ଦେଇ ତାଙ୍କୁ ପୁଲିସ ଉଠାଇ ନେଇଛି ଓ ବିଜେପିରେ ଯୋଗଦେବା ପାଇଁ ତାଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ଏହାର ପରଦିନ ମନୀଷ ବିଜେପିରେ ଯୋଗ ଦେଇଥିଲେ। ଏହି ଘଟଣାରୁ ବିଜେପି ପୁଲିସ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି।

ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ ଜିଲ୍ଲାରେ କାର୍ଯ୍ୟରତ ଏସ୍‌ପି ଅମ୍ରିତପାଲ ସିଂହଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂହଙ୍କୁ ଛୁଟିରେ ପଠାଯାଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଜି ଏବେ ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାର୍ଯ୍ୟ କରୁଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର କରି ବିଜେପି ନିର୍ବାଚନର ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଥିବାର ଦଳ କହିଛି।

ସ୍ମାରକପତ୍ର ପ୍ରଦାନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡିର ମୁଖପାତ୍ର ଡ. ଲେନିନ ମହାନ୍ତି କହିଥିଲେ ଯେ ପରାଜୟ ଭୟରେ ବିଜେପି ଆତଙ୍କିତ ହୋଇ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଯିବା ପରେ, ବିଜେପି ଭୟଭୀତ ହୋଇପଡିଛି । କିନ୍ତୁ ବିଜେପିର କୌଣସି ଚାଲ ଚଳିବ ନାହିଁ । ନୂଆପଡ଼ାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି ସେ କହିଛନ୍ତି।

**ସମୁଦ୍ର ତଟ ସୁରକ୍ଷା ବାହିନୀର ରୋଡ୍ ମ୍ୟାପ୍**

# ସାବାଡ଼ ହେବେ ଜଳଦସ୍ୟୁ

ଭୁବନେଶ୍ୱର,୧।୧୧(ସମିସ): ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ହେଉ କିମ୍ବା ଜାଲ୍ ନୋଟ କାରବାର, ଅଥବା ବାଂଲାଦେଶ ଅନୁପ୍ରବେଶକାରୀ ଅପରାଧୀଙ୍କୁ ବେଶ୍ ସୁହାଉଛି ଓଡ଼ିଶାର ଜଳପଥ। ସ୍ଥଳପଥରେ ଚେକିଂ ବ୍ଲକିଂକୁ ଭୟ କରୁଥିବା ଆନ୍ତରାଜ୍ୟ ମାଫିଆ ଆପଣାଇଛନ୍ତି ଜଳପଥର ବିସ୍ତିର୍ଣ୍ଣ ରାସ୍ତା। ଗୋଟିଏ ବୋଟ ଜରିଆରେ ସେମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହେଉଛନ୍ତି, ଆଉ ତିଆରି କରୁଛନ୍ତି ଅପରାଧର ନୀଳ ନକ୍ସା। ଏଭଳି ରାସ୍ତାକୁ ବନ୍ଦ କରିବା ସହ ଜଳଦସ୍ୟୁଙ୍କୁ ସାବାଡ୍ କରିବା ପାଇଁ ଆହ୍ୱାନ ମୋଡ୍କୁ ଆସିଛି ଓଡ଼ିଶା ତଟ ସୁରକ୍ଷା ବାହିନୀ।

ଅନୁପ୍ରବେଶ ଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେବାରୁ ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପରେ ଏଭଳି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ରହିଛି ୫୭୪ କିଲୋମିଟର ସମୁଦ୍ର ତଟ ଓ ଜଳପଥ। ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ୧୮ ଟି ମେରାଇନ ଥାନା। ଯେଉଁ ଥାନା ଅଧୀନରେ ରହିଛି ୧୫ଟି ବୋଟ। ହାଇ ଟେକ୍ନୋଲୋଜିର ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍ ମଧ୍ୟ ବିନା ଅନୁମତିରେ ପଶି ଆସୁଥିବା ପାଣିଜାହାଜ ଓ ବେଆଇନ ମାଛ ଧରାଳିଙ୍କ ଉପରେ ନଜର




ରଖିଛି। ତେବେ ବର୍ତ୍ତମାନ ମେରାଇନ ପୁଲିସିଂକୁ ଅଧିକ କ୍ରିୟାଶୀଳ କରିଛି ହାଇପ୍ରୋଫାଇଲ ଡ୍ରୋନ୍। ଯେଉଁ ଡ୍ରୋନ୍ ମାଧ୍ୟମରେ ୫ ମିନିଟ ମଧ୍ୟରେ ୧୫ କିଲୋମିଟର ପର୍ଯ୍ୟନ୍ତ ମଝି ଦରିଆର ଭିଡିଓ ଉତ୍ତୋଳନ କରାଯାଇପାରୁଛି। କଣ୍ଟ୍ରୋଲ ରୁମ୍ ଡ୍ରୋନ୍‌ରୁ ସଂଗୃହୀତ ଭିଡିଓ ଜରିଆରେ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର ଠାରୁ ଆରମ୍ଭ କରି ବେଆଇନ ଟ୍ରଲର ଚାଳନା ପର୍ଯ୍ୟନ୍ତ ମେରାଇନ ପୁଲିସ କାମ କରିପାରୁଛି। କୋଷ୍ଟଗାର୍ଡ, ଭାରତୀୟ ନୌସେନା ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ପୁଲିସ ନିତିଦିନ ଅପରେସନ ଚଳାଇଛି। ସେପଟେ ଜଳପଥରେ ଏରିଏଲ ସର୍ଭେ କରି ରିପୋର୍ଟ ଦେବାକୁ

- ପୋଟ୍ରୋଲିଂ ପାଇଁ ମିଳିବ ନୌସେନା ଅଧିକାରୀଙ୍କୁ ନିଯୁକ୍ତି
- ଅନୁପ୍ରବେଶ ଓ ମାନବ ଚାଲାଣ ପାଲଟିଛି ମୁଣ୍ଡବିନ୍ଧା

ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଫିସିଂ ଟ୍ରେନିଂ ସେଣ୍ଟର ଉପରେ କଡ଼ା ନଜର ରଖାଯାଇଛି। ୧୦ ନୂଆ ଫିସିଙ୍ଗ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। ଉପକୂଳ ତଥା ସମୁଦ୍ର ତଟରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବ୍ରାହ୍ମଣୀ ଓ ମହାନଦୀ ଡେଲ୍ଟା ଓ ପୂର୍ବତଟ କେନାଲରେ ଜାତୀୟ ଜଳପଥ (ଏନ୍ଡବ୍ଲ୍ୟୁ)-୫, ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୧୪, ବିରୂପା-ଗେଙ୍ଗୁଟି-ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୨୨, ବୁଢ଼ାବଳଙ୍ଗ ନଦୀରେ ଏନ୍ଡବ୍ଲ୍ୟୁ-୨୩, ମହାନଦୀରେ ଏନ୍ଡବ୍ଲ୍ୟୁ-୬୪ ଓ ସୁବର୍ଣ୍ଣରେଖା ନଦୀରେ ଏନ୍ଡବ୍ଲ୍ୟୁ-୯୬ ବିକାଶ କରାଯାଉଛି।

ଓଡ଼ିଶାରେ ବନ୍ଦର, ଟର୍ମିନାଲ୍, ଡକ୍ ଓ ଦିଗ ନିର୍ଣ୍ଣୟ ବ୍ୟବସ୍ଥା ଆଦି ବ୍ୟାପକ ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ କାମ ଚାଲିଥିବା ବେଳେ ଏସବୁକୁ ସୁରକ୍ଷା ଦେବା ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଧାମରା ଓ ପାରାଦୀପ ବନ୍ଦର ମଧ୍ୟରେ ପରିବହନ ପାଇଁ ଏକାଧିକ ଜାହାଜ ଚଳାଚଳ କରୁଛି। ପୂର୍ବରୁ ସର୍ଭେଲାନ୍ସକୁ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠନ ହୋଇଥିବା "ସାଗର ରକ୍ଷକ ଦଳ'କୁ ମଧ୍ୟ ଅଧିକ ସଜାଗ କରାଯାଇଛି। ଯେଉଁମାନେ ତଟରକ୍ଷା ନିୟମର ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ ଦେଶଦ୍ରୋହ ଦଫା ଲଗାଯାଇ ଗିରଫ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ଦୁଇ ଦିନିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦଯାପିତ




ଭୁବନେଶ୍ୱର,୧।୧୧(ସମିସ): ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ତଥା ବୁଣାକାର ଓ ହସ୍ତଶିଳ୍ପୀଙ୍କ କଲ୍ୟାଣ ହିଁ ପ୍ରାଥମିକତା। ସେମାନଙ୍କୁ ଉନ୍ନତ ଉପକରଣ ପ୍ରଦାନ ଦ୍ୱାରା ସେମାନଙ୍କ ସମୟ, ଶକ୍ତି ଓ ଶ୍ରମ ହ୍ରାସ ହେବା ସହ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରାଳୟର ସଚିବ ନୀଲମ ଶମ୍ମି ରାଓ କହିଛନ୍ତି। ଭୁବନେଶ୍ୱର ତାଜ ଭିଭାନ୍ତା ହୋଟେଲଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମ୍ମିଳନୀର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ଏହି କ୍ଷେତ୍ରର ବିକାଶ ପାଇଁ ମିଳିତ ପ୍ରୟାସ, କ୍ଲଷ୍ଟର-ଆଧାରିତ ଅଭିବୃଦ୍ଧି, ଉନ୍ନତ ଡିଜାଇନ୍, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଡିଜିଟାଲ୍ ମାର୍କେଟିଂକୁ ସେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରମ୍ପରିକ କୌଶଳ ସହ ନବସୃଜନର ମିଶ୍ରଣ କରି ସମୟ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ହସ୍ତତନ୍ତ ଏବଂ ହସ୍ତଶିଳ୍ପ କେବଳ ଗ୍ରାମୀଣ ଭାରତର ଆର୍ଥିକ ମେରୁଦଣ୍ଡ ନୁହେଁ ବରଂ ଦେଶର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟର ଜୀବନ୍ତ ପରିଚୟ। କାରିଗର ଓ ବୁଣାକାରଙ୍କ ସମ୍ମାନ ଏବଂ କଲ୍ୟାଣର ଆହ୍ୱାନ ଦେଇ ସେ ଭିତ୍ତିଭୂମି ବିକାଶ, କଞ୍ଚାମାଲ ଯୋଗାଣ ଶୃଙ୍ଖଳର ସୁଦୃଢ଼ୀକରଣ, ନୂତନ ଗୋଦାମ ନିର୍ମାଣ, ପ୍ରଶିକ୍ଷଣ, ସଂରକ୍ଷଣ ଏବଂ ବଜାର ସଂଯୋଗ ଉପରେ ଆଲୋକପାତ କରିଥିଲେ। ଏମ୍. ବୀଣା, ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ଏବଂ ଅମୃତା ରାଜ, ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଭାରତୀୟ ସାମଗ୍ରୀର ବିଶ୍ୱସ୍ତରୀୟ ବ୍ରାଣ୍ଡିଂକୁ ଅଧିକ ଧ୍ୟାନ ଦେବାକୁ କହିଥିବାବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାର ବୁଣାକାର ଏବଂ କାରିଗରଙ୍କ ମଙ୍ଗଳ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

# ଯୁବକଙ୍କୁ ହତ୍ୟା ଉଦ୍ୟମ ବେଳେ ଘେରିଲେ ମହିଳା

- ପୁଇନ୍ତଲା ଥାନା ଆଠଗାଁରେ ଉତ୍ତେଜନା ପରିସ୍ଥିତି
- ତିନି ଯୁବକ ମହିଳାଙ୍କ ଦ୍ୱାରା ଅଟକ
- ଗାଁରେ ବଢୁଛି ନିଶାଖୋରଙ୍କ ଉତ୍ପାତ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

ବଲାଙ୍ଗିର,୧।୧୧(ସମିସ) : ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ଆଠଗାଁରେ ଉତ୍ତେଜନା ଦେଖିବାକୁ ମିଳିଛି। ପୁଲିସ ଅବହେଳା ଯୋଗୁଁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଆଜି ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରୁଥିବା ବେଳେ ମହିଳାମାନେ ତିନି ଜଣ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି। ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଇନ ନିଜ ହାତକୁ ନେବାକୁ ବାଧ ହେବେ ବୋଲି ମହିଳାମାନେ ଦାବି କରିଛନ୍ତି।

ପୁଇନ୍ତଲା ଥାନା ଆଠଗାଁରେ ଗତ କିଛି ମାସ ହେଲା ନିଶାଖୋର ଯୁବକଙ୍କ ଉତ୍ପାତ ଗାଁରେ ବଢ଼ି ବଢ଼ି ଚାଲିଛି। ଅଳ୍ପ ବୟସ୍କ ଯୁବକମାନେ ନିଶାଦ୍ରବ୍ୟ ଖାଇବା ପରେ ଗାଁରେ ମହିଳାମାନଙ୍କୁ କମେଣ୍ଟ ମାରିବା, ଲୋକଙ୍କ ସହ ଗଣ୍ଡଗୋଳ କରିବା ଅଭିଯୋଗ ହୋଇଥିଲା। ଏନେଇ ମହିଳା ମାନେ ପୁଇନ୍ତଲା ଥାନାକୁ ଜଣାଇଥିବା ବେଳେ ପୁଲିସ ନୀରବ ରହିଥିଲା। ପରେ ଗତ ପ୍ରାୟ ୧୫ ଦିନ ପୂର୍ବରୁ ଗାଁ ମହିଳାମାନେ ଏକତ୍ରିତ ହୋଇ କଡା ନିଷ୍ପତ୍ତି ନେଇଥିଲେ। ଗାଁରେ ଯିଏ ବି ନିଶା ଖାଇ ଉତ୍ପାତ ହେବ, ବିଶୃଙ୍ଖଳା ସୃଷ୍ଟି କରିବ ସେମାନଙ୍କ ନାମରେ ମହିଳାମାନେ ଥାନା ଅଭିଯୋଗ କରିବେ ବୋଲି କହିଥିଲେ। ଏହା ଜାଣିବା ପରେ ଗତ ଦୁଇ ଦିନ ହେଲା ଅପରାଧିକ ଶ୍ରେଣୀର ଯୁବକ ମାନେ ମହିଳାଙ୍କ ଏହିଭଳି ନିଷ୍ପତିକୁ ନେଇ ଟାହି ଟାପରା କରିଥିଲେ। ତେବେ ଯାହାକୁ ନେଇ ଶୁକ୍ରବାର ଗାଁରେ ଗଣ୍ଡଗୋଳ ହୋଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ଶନିବାର ଗାଁର ସୁମନ୍ତ ମାଝୀ ନାମକ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଧରି ପ୍ରାୟ ୬ ଜଣ ଯୁବକ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଏହାକୁ ଦେଖି ମହିଳାମାନେ ଏକତ୍ରିତ ହୋଇ ଦୁଇ ଜଣ ଯୁବକଙ୍କୁ କାବୁ କରିଥିଲେ। ପରେ ଆଉ ଜଣେ ଯୁବକ ଘରକୁ ଯାଇ ଆଣି ଅଟକ ରଖିଥିଲେ। ଅଟକ ରଖିବା ପରେ ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚିବା ପରେ ମଧ ସେମାନେ ଅଭିଯୁକ୍ତମାନଙ୍କୁ ଛାଡି ନ ଥିଲେ। ମହିଳାମାନେ ପୁଲିସ ପାଖରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦାବି କରିଛନ୍ତି। ଏହିଭଳି ଯୁବକମାନଙ୍କ ନାମରେ ଅଭିଯୋଗ କଲା ପରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ସମିତିସଭ୍ୟ ଆକ୍ରମଣକାରୀକୁ ଗିରଫ ଦାବି



- ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଥାନା ଘେରଉ
- ଗର୍ଜିଲା ଆଦିବାସୀ ଦଳିତ ସଂଘ ଓ ମାନବ ଅଧିକାର ସୁରକ୍ଷା ମଞ୍ଚ

ସଇନ୍ତଲା,୧।୧୧(ସମିସ): ବଲାଙ୍ଗୀର ଜିଲ୍ଲା ସଇନ୍ତଲା ଥାନା ବୁଢ଼ାବାହାଲ ପଞ୍ଚାୟତ ସମିତିସଭ୍ୟ ମଦନ ନାଗଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଚୁପ୍ ରହିଛି। ଏହାକୁ ନେଇ ଦଳିତ ଆଦିବାସୀ ସଂଘ ଓ ମାନବ ଅଧିକାର ସୁରକ୍ଷା ମଞ୍ଚ ଅସନ୍ତୋଷ ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଉଭୟ ଅନୁଷ୍ଠାନ ପକ୍ଷରୁ ଥାନା ଘେରଉ ହୋଇଯାଇଛି। ଗତ ୬ ତାରିଖରେ ସମିତି ସଭ୍ୟ ମଦନ ନାଗ ସଇତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୫ ଦିନ ବିତିଯାଇଥିଲେ ସୁଧା ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିପାରିନାହିଁ। ଏ ନେଇ ସଇନ୍ତଲା ବ୍ଲକ୍ ଆଦିବାସୀ ଦଳିତ ସଂଘ ଓ ମାନବ ଅଧିକାର ସୁରକ୍ଷା ଅଭିଯାନ ମଞ୍ଚ ପକ୍ଷରୁ ଶତାଧିକ ଆଦିବାସୀ ସ୍ଥାନୀୟ ଡାକବଙ୍ଗଳା ପଡିଆରେ ଏକତ୍ରିତ ହେଇଥିଲେ। ପାରମ୍ପରିକ ବାଜା, ଅସ୍ତ୍ରଶସ୍ତ୍ର ଧରି ସମସ୍ତେ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ସଇଁତଳାର ଇଷ୍ଟଦେବୀ ମା' ଚଣ୍ଡେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ସହର ପରତକ୍ରମା କରି ଥାନା ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ପୁଲିସ ବିରୋଧରେ ନାରାବାଜି କରିଥିଲେ। ପ୍ରତିବାଦ ସଭା କରି ମୁଖ୍ୟ ଅଭିଯୁକ୍ତ ବିନେଶ ଗହୀରକୁ ଗିରଫ କରିବାକୁ ଦାବି କରିଥିଲେ। ଟିଟିଲାଗଡ଼ ଏସଡିପିଓ ଯଶୋବନ୍ତ ପଧାନୀ ପହଞ୍ଚି ବୁଝାଶୁଝା କରିଥିଲେ। ଅଭିଯୁକ୍ତକୁ ଗିରଫ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ ଆଦିବାସୀ ଦଳିତ ସଂଘ ସଭାପତି ପ୍ରେମ ଭୋଇ, ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ବଳଦେବ କୁମ୍ଭାର, ଆଦିବାସୀ କଲ୍ୟାଣ ସଇଁତଳା (ଶାଖା) ସଭାପତି ସନ୍ତୋଷ ପୁଟା, ଆଦିବାସୀ ନେତା ତଥା ସଇଁତଳା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଆଇନଜୀବୀ ଦିନେଶ ନାଗ, ଦେବେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ବୁଢ଼ାବାହାଲ ପଞ୍ଚାୟତ ସମିତିସଭ୍ୟ ମଦନ ନାଗ ଗତ ୬ ତାରିଖ ସୋମବାର ସନ୍ଧ୍ୟାରେ ଆମ୍ବପାଲିଠାରୁ ନିଜଘର ବାବୁକେଲ ଗାଁକୁ ବାଇକ ଯୋଗେ ଫେରୁଥିଲେ। ଲାଛନଦୀ ବ୍ରିଜ ନିକଟରେ ତାଙ୍କୁ ଅଭିଯୁକ୍ତ ବିଜେପି ନେତା ବିନେଶ ଗହୀର ଓ ତାଙ୍କ ସହଯୋଗୀମାନେ ଅଟକାଇ ଥିଲେ। ବୁଢାବାହାଲ ପଞ୍ଚାୟତ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ର କରି କଥା କଟାକଟି ହୋଇଥିଲା। ଏହାପରେ ଶ୍ରୀ ନାଗଙ୍କୁ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସେ ସଇନ୍ତଲା ଥାନାରେ ଏତଲା ଦେଇଥିଲେ ହେଁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଏହାର ପ୍ରତିବାଦରେ ପୂର୍ବରୁ ଗତ ୮ ତାରିଖରେ ପ୍ରଥମେ ସଇଁତଳା ସମିତି ସଭ୍ୟ ସଂଘ ଅଭିଯୁକ୍ତକୁ ଗିରଫ ଦାବି କରିଥିଲା। ପରେ ଗତ ୧୦ ତାରିଖରେ ଆଦିବାସୀ ଓ ଦଳିତ ସଂଘ ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ଭେଟିଥିଲା। ଅଭିଯୁକ୍ତକୁ ଗିରଫ କରା ନ ଗଲେ ଥାନା ଘେରଉ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଥିଲା।

# ବେଆଇନ ବାଲି ଚାଲାଣ ବେଳେ ଟ୍ରାକ୍ଟର ଜବତ



ଲୋଇସିଂହା,୧।୧୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ ସମୟରେ ଚଢ଼ଉ କରାଯାଇ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଲୋଇସିଂହା ଥାନା ଅଧୀନ ଅଙ୍ଗନଦୀରୁ ନିୟମିତ ଭାବେ ବାଲି ବେଆଇନ ଭାବେ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଖୋଲାଖୋଲି ଭାବେ ବାଲି ଚାଲାଣ ଅଭିଯୋଗ ପରେ ଲୋଇସିଂହା ପୁଲିସ ପକ୍ଷରୁ ଇନ୍ସପେକ୍ଟର ମନୋଜ ମୁଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା। ବେଆଇନ ଭାବେ ସାଲେଭଟାରୁ ଲୋଇସିଂହା ଅଭିମୁଖେ ଆସୁଥିବା ଟ୍ରାକ୍ଟରକୁ ଜବତ କରାଯାଇ ଥାନାରେ ମାମଲା ରୁଜୁ ହୋଇଛି।

# ଅପହୃତ ଶିକ୍ଷକ ଉଦ୍ଧାର



ସିନାପାଲି,୧।୧୧(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଭରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସିନାପାଲି ସହରର ଶିକ୍ଷକ ଦୈତାରୀ ମେହେର (୫୨) ଅପହରଣ ହୋଇଥିବା ନେଇ ପରିବାର ଲୋକେ ସିନାପାଲି ଥାନାର ଦ୍ୱାରସ୍ଥ ହେବାର ୧୨ ଘଣ୍ଟା ନ ପୂରୁଣୁ ସିନାପାଲି ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ସିନାପାଲି ଥାନା ଅଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୃଥକ ପୃଥକ ଟିମ୍ ତଦନ୍ତ କରିବା ସହ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରୁ ଶିକ୍ଷକଙ୍କୁ ଉଦ୍ଧାର କରିଥିବା ସିନାପାଲି ଥାନା ଅଧିକାରୀ ଶ୍ରୀ ବାଗ କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ଶନିବାର ସକାଳୁଆ ସ୍କୁଲ ଥିବାରୁ ବାଇକ୍ ଯୋଗେ ଯାଉଥିଲେ ପ୍ରାୟ ୭ ଘଣ୍ଟା ସମୟରେ ସରଧାପୁର- କର୍ଲାପାଣି କାଜୁ ବଗିଚା ନିକଟରେ ଦୁର୍ବୃତ୍ତମାନେ ଏକ ଧଳା ରଙ୍ଗର କାର୍‌ରେ ଆସି ମାରଣାସ୍ତ୍ର ଦେଖାଇ ନେଇଯାଇଥିଲେ। ସେମାନେ ଉଭୟ ଆଞ୍ଚଳିକ ଓ ଛତିଶଗଡ଼ ଭାଷାରେ କଥାବାର୍ତ୍ତା ହେଉଥିବା ବେଳେ ଶିକ୍ଷକଙ୍କ ମୋବାଇଲ ନମ୍ବରରେ ଘରକୁ ଫୋନ କରି ଟଙ୍କା ମାଗି ଥିଲେ। ପରେ ଘର ଲୋକ ସିନାପାଲି ଥାନାରେ ଜଣାଇବା ପରେ ପୁଲିସ ତନାଘନା ଆରମ୍ଭ କରି ମୋବାଇଲ ଟ୍ରାକ୍ କରି ଉଦ୍ଧାର କରିଥିବା ଜଣାପଡିଛି। ପୁଲିସ ଶିକ୍ଷକ ଜଣଙ୍କୁ ଥାନାରେ ରଖି ପଚରା ଉଚୁରା ଚଳାଇଥିବା ବେଳେ ଦୃର୍ବୃତ୍ତମାନେ ଧରା ପଡ଼ି ନାହାନ୍ତି। ପ୍ରଭାକର ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

# ଚାଲାଣବେଳେ ୫ ଶିଶୁ ସମେତ ୧୧ ଦାଦନ ଶ୍ରମିକ ଉଦ୍ଧାର



ସର୍ଦ୍ଦାର ଗିରଫ

ଖପ୍ରାଖୋଲ, ୧।୧୧(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ପୁଲିସ ଶନିବାର ସକାଳେ ୫ଜଣ ଶିଶୁଙ୍କ ସମେତ ୧୧ ଜଣ ଦାଦନ ଶ୍ରମିକଙ୍କୁ କର୍ଲାବାହାଲି ଛକରୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ନାନ୍ଦୁପଲା ପଞ୍ଚାୟତ ଦୁଡୁମଦର୍ହା ଗାଁର। ଉଦ୍ଧାର ଶ୍ରମିକ ମଧ୍ୟରେ ୫ଶିଶୁ, ୫ମହିଳା ଓ ୬ ଜଣ ପୁରୁଷ ଅଛନ୍ତି। ଏହି ଶ୍ରମିକମାନେ ପାଟଣାଗଡ ଥାନା ବରବାହାଲ ଗାଁର ଦାଦନ ସର୍ଦ୍ଦାର ମନୁ ନାଗ (୩୧) ମାଧ୍ୟମରେ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିକୁ କାମ କରିବାକୁ ଯାଉଥିଲେ। କର୍ଲାବାହାଲି ଛକରେ ଏମାନେ ଗାଡି ପାଇଁ ଅପେକ୍ଷା କରିଥଲେ। ଏହି ସମୟରେ ପୁଲିସ ଚଢ଼ଉ କରି ଏମାନଙ୍କୁ ଉଦ୍ଧାର କରିଥିଲା। ସେଠାରୁ ଦାଦନ ସର୍ଦ୍ଦାରକୁ ଗିରଫ କରିଥିଲା। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଦ୍ଧାର ଦାଦନ ଶ୍ରମିକଙ୍କୁ ନିଜ ଘରକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି।

# କଳାହାଣ୍ଡି ପ୍ରତିଷ୍ଠା ଦିବସ

ଧର୍ମଗଡ,୧।୧୧(ସମିସ):ଜିଲ୍ଲାର ଇତିହାସ ଯେତିକି ରୋଚକ ଏହାର କଳା ଓ ସଂସ୍କୃତି ମଧ ସେତିକି ମଧୁର। ଜିଲ୍ଲାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ,ମେଡିକାଲ କଲେଜ,କୃଷି କଲେଜ, ପଲିଟେକନିକ୍ କଲେଜ,ଆଇଟିଆଇ,ନର୍ସିଂକଲେଜ,ନିର୍ମାଣ କରାଯାଇ ଆଞ୍ଚରେ ଅନେକ ବିକାଶ କରାଯାଇଛି।ନଭେମ୍ବର ୧ ତାରିଖ କଳାହାଣ୍ଡିର ପ୍ରତିଷ୍ଠା ଦିବସ ଚଳିତ ବର୍ଷ କଳାହାଣ୍ଡି ତାହାର ୭୬ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ସଦାଶିବ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ , ,ବିଇଓ ପଙ୍କଜିନୀ ମାଝୀ,ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ,ଜିଲ୍ଲାପରିଷଦ ସଭ୍ୟ ପ୍ରଣବ ପ୍ରକାଶ ଭଇଁସାଲ,ଏଏଇ ସର୍ବେଶ୍ୱର ପ୍ରଧାନ, ସରପଞ୍ଚ ସଂଘ ସଭାପତି ହାତୀରମ ଦୁର୍ଗା, ଛୀଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ସମସ୍ତ ପିଆରଆଇ ମେମ୍ବର ସମେତ ବିଭିନ୍ନ ବିଭାଗର ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



# ଭୀମ ଭୋଇଙ୍କ ଦିବ୍ୟ ଚେତନା ଦିବସ



ବଙ୍ଗୋମୁଣ୍ଡା,୧।୧୧(ସମିସ): ସତ୍ୟ ମହିମା ଆଶ୍ରମରେ ଭୀମ ଭୋଇଙ୍କ ଦିବ୍ୟ ଚେତନା ଦିବସ ପାଳିତ ହୋଇଛି। ମଠାଧୀଶ ଅବଧୂତ କପିଳେନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଏହା ପାଳିତ ହୋଇଥିଲା। ଏଥିରେ ସନ୍ଥ ଭୀମଭୋଇ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ଚଉଷଠି ଯୁଗନୀ ସାହିତ୍ୟ କଳା ପରିଷଦର ସଭାପତି ଡ. ନାରାୟଣ ମିଶ୍ର, ସମ୍ପାଦକ ନିଗମାନନ୍ଦ ଦାସ, ଭୀମ ଭୋଇ ସାହିତ୍ୟ ପରିଷଦର ସମ୍ପାଦକ ନିଳାଞ୍ଚଳ ଥନାପତି ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲା ବିଦ୍ୟାଳୟ ସମୂହ ଫୁଟବଲ୍ ଚାମ୍ପିୟନସିପ୍ ଉଦ୍‌ଯାପିତ

# ବାଳିକାରେ ଟିଟିଲାଗଡ଼, ବାଳକରେ ବଲାଙ୍ଗିର ଚାମ୍ପିଅନ




ଦେଓଗାଁ,୧।୧୧(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ହାଇସ୍କୁଲ ଖେଳପଡିଆରେ ୩ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ଚାମ୍ପିୟନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବୀଭାଗରେ ଟିଟିଲାଗଡ଼, ବାଳକ ବୀଭାଗରେ ବଲାଙ୍ଗିର ଚାମ୍ପିୟନ ହୋଇଛି। ଜିଲ୍ଲାର ୧୪ଟି ବ୍ଲକର ୨୦୭ଜଣ ଛାତ୍ର ଭାଗ ନେଇଥିଲେ। ବାଳିକା ବିଭାଗରେ ୧୧୨ଜଣ ଛାତ୍ରୀଙ୍କ ସହ ସର୍ବମୋଟ ୨୨ଟି ଦଳ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ୧୭ବର୍ଷରୁ କମ୍ ବାଳିକା ବିଭାଗରେ ଟିଟିଲାଗଡ ଦଳ ୪-୦ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ପୁଇଁନ୍ତଲା ଦଳ ରନର୍ସ ଅପ୍ ହୋଇଥିଲା। ସେହିଭଳି ୧୭ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗିର ଦଳ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ଲୋଇସିଂହା ରନର୍ସ ଅପ୍ ହୋଇଥିଲା। ଏଥିରୁ ଉଭୟ ବିଭାଗରୁ ୧୬ଜଣ ଲେଖାଏଁ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ପାଇଁ ଚୟନ କରାଯାଇଛି।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରବୀର ପଣ୍ଡା, ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଫୁଟବଲ ପ୍ରଶିକ୍ଷକ ପରାସର ବାଗ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନନ୍ତ ବାରିକ, ଅବଜରଭର ସୁନୀଳଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ଆଇପିଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ବ୍ଲକ ସଂଗଠନ ସମ୍ପାଦକ ଉମେଶଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ମମତା ମାହାଡିକ ସଭାପତିତ୍ୱ କରିଥିଲେ। ଭାଲେର ହାଇସ୍କୁଲର ଖେଳଶିକ୍ଷକ ହେମନ୍ତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ବନ୍ଧପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପାଲେଶ୍ୱର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

ସୁଶାନ୍ତ ନାଗ, ଆଶିଷ ସା ପ୍ରମୁଖ ଆବାହକ ଦାୟିତ୍ୱ ନିର୍ବାହ କରିଥିଲେ। ଏନ.ଏସ ନାଇଡୁ, ବୈକୁଣ୍ଠ ଜେନା, ବିନୋଦ ବେହେରା, ନବୀନ ସରାଫ, ଚୈତନ୍ୟ ସାହୁ, ରାଜ କୁମାର ପାଣିଗ୍ରାହୀ, ସୁଦର୍ଶନ ସେଠ, ରାଜେନ୍ଦ୍ର ସେଠ, ଦୋଳଗୋବିନ୍ଦ ମୁଣ୍ଡ, ମୋହନ ପ୍ରଧାନୀ, ଜ୍ୟୋତିରଞ୍ଜନ ମହାନନ୍ଦ, ଉପେନ୍ଦ୍ର ଚନ୍ଦନ, ପ୍ରଫୁଲ୍ଲ ନାଏକ, ଜିତୁ ଦଲାଇ, ପାଣ୍ଡବ ବିଶି ଓ ରଣଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ଲୋକେ ସଚେତନ ହେଲେ ଦୁର୍ନୀତି ବନ୍ଦ ହେବ



**ବଲାଙ୍ଗିର,୧।୧୧(ସମିସ):** ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ଜନସାଧାରଣ ସଚେତନ ହେଲେ ଦୁର୍ନୀତି ରୋକାଯାଇ ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଉପଜିଲ୍ଲାପାଳ ଆଲୋକ ପଟେଲ ପତାକା ଦେଖାଇ ଶୋଭାଯାତ୍ରା ଆରମ୍ଭ କରିଥିଲେ। ସ୍ଥାନୀୟ ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟର ବୈଠକ ଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ, ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ, ସହ କମାଣ୍ଡାଣ୍ଟ ଶରତ ସୁନା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷ୍ମିତା ମହାପାତ୍ର, ବଲାଙ୍ଗିର ଦୁର୍ନୀତି ନିବାରଣ ଶାଖା ଉପ ଅଧିକ୍ଷକ ପୁଲସ୍ତି ଛତ୍ରିଆ, ଡ. ପ୍ରେମଚାନ୍ଦ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବଲାଙ୍ଗିର ଦୁର୍ନୀତି ନିବାରଣ ଶାଖା ଆରକ୍ଷୀ ନିରୀକ୍ଷକ ଟେରେସା ଖେସ ଧନ୍ୟବାଦ ଅର୍ପଣ କରିଥିଲେ। କନକେଲ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଗୋପାଳ ଖମାରି ଶର୍ମା ସଭା ସଂଚାଳନ କରିଥିଲେ। ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ମୁନା, ସୁରେଶ ଚନ୍ଦ୍ର ପଟେଲ, କେଶବ ବାଗ, ସମୀର ସାହୁ ଓ ତପନ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଟିଟିଲାଗଡ଼ରେ ବିଜେଡିର ଶକ୍ତି ପ୍ରଦର୍ଶନ




**ଟିଟିଲାଗଡ଼,୧।୧୧(ସମିସ)**

ଟିଟିଲାଗଡ଼ ବିଜେଡ଼ି ପକ୍ଷରୁ ନିର୍ବାଚନ ମଣ୍ଡଳୀ ଅଧୀନ ଜିଲ୍ଲା ପରିଷଦ ଜୋନ ୯ରେ ଦଳର ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିନେକେଲା ଗ୍ରାମଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ଅନେକ ତୁଙ୍ଗ ନେତା ଏବଂ କର୍ମୀ ସାମିଲ ହୋଇଥିଲେ। ବିନେକେଲା ଖେଳ ପଡିଆରେ ଅନୁଷ୍ଠିତ ବିଶାଳ ସମାବେଶରେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସାହୁ ବିଜେଡ଼ି ସରକାର ସମୟରେ ଏହି ଅଞ୍ଚଳରେ ହୋଇଥିବା ଜଳସେଚନ, ରାସ୍ତା, ପୋଲ ଆଦି କାମ ଉପରେ ତଥ୍ୟ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଯୋଗାଣ, ମିଶନ ଶକ୍ତି ଯୋଜନାରେ ମହିଳାଙ୍କୁ ସଶକ୍ତୀକରଣ ନେଇ କହିଥିଲେ। ଅନେକ କାର୍ଯ୍ୟ ଦ୍ୱାରା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅଞ୍ଚଳର ଅନେକ ଲୋକେ ଉପକୃତ ହୋଇଥିଲେ ବୋଲି କହିଥିଲେ। ନୂତନ ସରକାର କେବଳ ପୂର୍ବ ଯୋଜନାର ନାମ ପରିବର୍ତ୍ତନ କରୁଛନ୍ତି। ରଙ୍ଗ ପରିବର୍ତ୍ତନ କରୁଛନ୍ତି। ବର୍ତ୍ତମାନର ଟିଟିଲାଗଡ଼ରେ ପିସି କାରବାର ଜୋରଦାର ହୋଇଛି। ଉନ୍ନୟନ କାର୍ଯ୍ୟ କେବଳ ଠିକାଦାର, ଅଧିକାରୀ ଏବଂ ନେତାପୋଷା ଯୋଜନା ପାଲଟିଛି। ଧଳା ପୋଷାକ ପିନ୍ଧୁଥିବା ବିଧାୟକ କଳା କାରବାର କରୁଛନ୍ତି। ବିଧାୟକଙ୍କ ଘନିଷ୍ଠ ଲୋକ ଜଣେ ଭଉଣୀର ମଥାରୁ ସିନ୍ଦୂର ପୋଛିବାକୁ ଉଦ୍ୟମ କରି ଜେଲରେ ଅଛନ୍ତି।

ସାମ୍ବାଦିକ, ପୋଲିସ ଅଧିକାରୀଙ୍କୁ ବିଧାୟକ ମାଡ଼ ମରାଉଥିବା ପୂର୍ବତନ ମନ୍ତ୍ରୀ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଜନତା ଟିଟିଲାଗଡ଼ ଅଞ୍ଚଳରେ କଳା ଶାସନର କଡା ଜବାବ ଦେବେ ବୋଲି ସେ କହିଥିଲେ। ଦଳର ବରିଷ୍ଠ ନେତା ରାଜେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା ଉନ୍ନୟନ କାର୍ଯ୍ୟ ଟିଟିଲାଗଡ଼ ବିଧାୟକଙ୍କ ହସ୍ତରେ ବନ୍ଧା ପଡ଼ିଥିବା ଅଭିଯୋଗ କରିଥିଲେ। ସଭାରେ ବରିଷ୍ଠ ନେତା ଆଇନଜୀବୀ ଶ୍ୟାମ ପ୍ରସାଦ ଗରିଆ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିକି ପୋଡ଼, ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା, ପୂର୍ବ ଅଧ୍ୟକ୍ଷ ଭକ୍ତରାମ ମାଝୀ, ରମାକାନ୍ତି ପୁଟେଲ, ଭରତ ତାଣ୍ଡି, ବ୍ଲକ ବିଜେଡ଼ି ସଭାପତି ପଦ୍ମଲୋଚନ ପୋଡ଼, ବ୍ଲକ ଯୁବ ସଭାପତି ସୁଧୀର ପଟ୍ଟନାୟକ, ନଗର ସଭାପତି ରଣ ପୃଷ୍ଟି ପ୍ରମୁଖ ବର୍ତ୍ତମାନର ବିଜେପି ସରକାର ରାଜ୍ୟକୁ ତଳିତଳାନ୍ତ କରିଚାଲିଥିବା ଅଭିଯୋଗ କରିଥିଲେ। ଦଳର ବରିଷ୍ଠ ନେତା ଆଇନଜୀବୀ ବିପିନ ପୃଷ୍ଟି, ଜିତେନ୍ଦ୍ର ବଗର୍ତ୍ତୀ, ବିରଞ୍ଚି ବେହେରା, ଦୈତାରୀ ନାଗ, ହେମରାଜ ପୋଡ଼, ରଜନୀ ଗଡତିଆ, ସରପଞ୍ଚ ନରେଶ ଅଗ୍ରୱାଲ, ମୁନିରାମ ଖରସେଲ, ପ୍ରକାଶ ମହାନନ୍ଦ, କୁଳମଣି ବେହେରା, ସମିତି ସଭ୍ୟ କମଳ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗିରରେ ଅସୁରକ୍ଷିତ ମହିଳା

# ପୁଣି ଯୁବତୀଙ୍କ ମୃତଦେହ ମିଳିଲା

**ବଲାଙ୍ଗିର/ପାଟଣାଗଡ,୧।୧୧(ସମିସ):** ବଲାଙ୍ଗିର ଜିଲ୍ଲାରେ ପୁଣି ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। କିଛି ଦିନ ତଳେ ଦେଓଗାଁ ଥାନା ଗୋଏଲପିଟା ଜମି କିଆରୀରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଶନିବାର ସକାଳୁ ପାଟଣାଗଡ ଥାନା ରତାଖଣ୍ଡି ଗାଁ ନିକଟସ୍ଥ ଜଙ୍ଗଲରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀଙ୍କ ପରିଚୟ ସ୍ପଷ୍ଟ ଭାବେ ଜଣାପଡିନି। ଡ୍ରେସରୁ ଯୁବତୀ ଜଣକ ରତାଖଣ୍ଡି ଗାଁର ସୁନୀତା ଷାଣ୍ଢ ବୋଲି ପରିବାର ଲୋକେ ସନ୍ଦେହ କରି ହତ୍ୟା ଅଭିଯୋଗ ଆଣିଛନ୍ତି। ତେବେ ମୃତଦେହକୁ ଉଦ୍ଧାର କରି ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

ଶନିବାର ପାଟଣାଗଡ ଥାନା ରତାଖଣ୍ଡି ଗାଁ ନିକଟରେ ଥିବା ଜଙ୍ଗଲରେ ଜଣେ ଯୁବତୀଙ୍କ ମୃତଦେହ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେବା ସହ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ଆସି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲା। ମୃତଦେହକୁ ସ୍ପଷ୍ଟ ଭାବେ ଚିହ୍ନଟ କରାଯାଇ ନ ଥିଲେ ମଧ୍ୟ ନିକଟସ୍ଥ ରତାଖଣ୍ଡି ଗାଁର ଜଗଦାନନ୍ଦ ଷାଣ୍ଢ ତାଙ୍କ ଝିଅ ସୁନୀତା ବୋଲି ଅଭିଯୋଗ କରିଛନ୍ତି। ଶବ ଦେହରେ ଥିବା ଡ୍ରେସ୍‌କୁ ଦେଖି ତାଙ୍କ ବାପା ଚିହ୍ନଟ କରିବା ସହ ସେ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ତାଙ୍କ ଝିଅ ଗତ ୮ ତାରିଖରେ ଘରୁ କୁଆଡେ ଚାଲିଯାଇଥିଲେ। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କୁ ନ ପାଇବାରୁ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ପୁଲିସ ମାମଲାକୁ ଗୁରୁତ୍ୱ ଦେଇ ନ ଥିଲା। ତେବେ ତାଙ୍କ ଝିଅକୁ ହତ୍ୟା କରି ଫିଙ୍ଗିଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏହା ଜଣାପଡିବା ପରେ କେହି ସତରେ ତାଙ୍କୁ ମାରି ଫିଙ୍ଗିଦେଇଛି ନା ହତ୍ୟା ପୂର୍ବରୁ ତାଙ୍କ ସହ ଦୁଷ୍କର୍ମ ମଧ୍ୟ କରାଯାଇଛି, ସେ ଏତେ ଦିନ କେଉଁଠି ଥିଲେ, କେବେ ଓ କେଉଁ ପରିସ୍ଥିତିରେ ତାଙ୍କୁ ହତ୍ୟା କରାଯାଇଛି ସେନେଇ ପୁଲିସ ଛାନଭିନ ଆରମ୍ଭ କରିଛି।

- ୭ ଦିନ ଭିତରେ ଦ୍ୱିତୀୟ ଘଟଣା
- ଦେଓଗାଁ ପରେ ପାଟଣାଗଡ ଥାନା ରତାଖଣ୍ଡି ଜଙ୍ଗଲରୁ ଶବ ଉଦ୍ଧାର
- ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ

ଏହି ହତ୍ୟାକାଣ୍ଡ ପ୍ରେମ ଜନିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ମଧ୍ୟ ଲୋକେ ଆଲୋଚନା କରୁଛନ୍ତି। ସେହିପରି ସେ ଆତ୍ମହତ୍ୟା ମଧ୍ୟ କରିଥାଇପାରନ୍ତି ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ୭ ଦିନ ଭିତରେ ଜିଲ୍ଲାରେ ଏହା ଦ୍ୱିତୀୟ ଘଟଣା। କିଛି ଦିନ ତଳେ ଦେଓଗାଁ ଥାନା ଗୋଏଲପିଟାର ଏକ ଜମିରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତା ଯୁବତୀ ଜଣକ କୁନ୍ତି ଧରୁଆ ବୋଲି ଜଣାପଡିଥିଲା। ପ୍ରଥମେ ତାଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ନେଇ ଚର୍ଚ୍ଚା ହେଉଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ମଧ୍ୟ ତାହା ହତ୍ୟା ବୋଲି ଅନୁମାନ କରାଯାଉଥିବା ବେଳେ ତାଙ୍କ ପରିବାର ଲୋକ କୁନ୍ତିଙ୍କୁ ମାନସିକ ରୋଗୀ ବୋଲି କହିଥିଲେ। ପରେ ଏସପି କୁନ୍ତିଙ୍କ ହୃଦଘାତରୁ ମୃତ୍ୟୁ ଘଟିଥିବା ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଥିଲେ। ତେବେ ପୁଲିସର ତଦନ୍ତ ଓ ଏସପିଙ୍କ ବୟାନକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଥିବା ବେଳେ ପାଟଣାଗଡରୁ ଉଦ୍ଧାର ହୋଇଥିବା ଯୁବତୀଙ୍କୁ ନେଇ ଜିଲ୍ଲା ପୁଲିସ କ'ଣ ସୂଚନା ପ୍ରଦାନ କରିବ ତାହା ଦେଖିବାକୁ ବାକି ରହିଲା।

ଅନ୍ୟପକ୍ଷରେ ରାଜ୍ୟରେ ମହିଳାଙ୍କୁ ସରକାର ସୁଭଦ୍ରା ନାଁରେ ମାନ, ସମ୍ମାନ ଓ ସୁରକ୍ଷା କଥା କହୁଥିବା ବେଳେ ଜିଲ୍ଲାରୁ ୭ ଦିନ ଭିତରେ ଦୁଇ ଦୁଇ ଜଣ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା ଜିଲ୍ଲାରେ ମହିଳାମାନେ କେତେ ସୁରକ୍ଷିତ ତାହା ସ୍ପଷ୍ଟ ହେଉଛି ବୋଲି ସମାଜିକ କର୍ମୀମାନେ ପ୍ରକାଶ କରିଛନ୍ତି।

# ସ୍କୁଲରେ ବିଜ୍ଞାନ ମେଳା



**ବଙ୍ଗୋମୁଣ୍ଡା,୧।୧୧(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାରେ ଥିବା ଏକ ଇଂଲିଶ ମିଡିୟମ ସ୍କୁଲଠାରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଚାରକ ଭାବେ ଶିକ୍ଷକ ସୁରେଶ ସୁନ୍ଦରା, ପଞ୍ଚାନନ ବରିହା, ମିଳନପ୍ରଭା ନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ କଞ୍ଚନେତ୍ରୀ ଦାସ, ସଂଘମିତ୍ରା ପଣ୍ଡା, ସୁଜାତା ବାଗ, ବେବି ହଂସ, ରିମା ସାହୁ, ରାଜଶ୍ରୀ ବେହେରା, ଆଇସା ତାଣ୍ଡି, ବାଗେଶ୍ରୀ ସୁଲକ୍ଷଣା ଦାସ, ସଂଯୁକ୍ତା ଚଲାନ, ଶିକ୍ଷକ ବିକାଶ ସରାଫ, ମନୋଜ ସାହୁ, ସତ୍ୟନାରାୟଣ ପୁଟେଲ, ରବୀନ୍ଦ୍ର ପୁଟେଲ, ଘନଶ୍ୟାମ ସାହୁ ପ୍ରମୁଖଙ୍କ ସମେତ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ।

## ୭୬ ବର୍ଷରେ ସ୍ୱତନ୍ତ୍ର ବଲାଙ୍ଗିର ଜିଲ୍ଲା

# ଉତ୍ସାହ, ଉଦ୍ଦୀପନାର ସହ ବଲାଙ୍ଗିର ଦିନ୍ ପାଳିତ

**ବଲାଙ୍ଗିର,୧।୧୧(ସମିସ):** ଉତ୍ସାହ ଓ ଉଦ୍ଦୀପନାର ସହ ବଲାଙ୍ଗିର ଦିନ ପାଳିତ ହୋଇଛି। ଗତ କିଛି ବର୍ଷ ହେଲା ବଲାଙ୍ଗିର ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରରେ ବଲାଙ୍ଗିରରେ ବଲାଙ୍ଗିର ଦିନ ମିଳିତ ଭାବେ ପାଳିତ ହୋଇଆସୁଛି। ନଭେମ୍ବର ୧ ତାରିଖରେ ବଲାଙ୍ଗିର ଜିଲ୍ଲା ଗଠନର ୭୬ ବର୍ଷ ପୂରଣ ଅବସରରେ ଏହି ଦିବସକୁ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଏହି ୭୬ ବର୍ଷରେ ବଲାଙ୍ଗିର ଜିଲ୍ଲା ବିକାଶର ଫର୍ଦ୍ଦରେ ସାମିଲ ହୋଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଗମନାଗମନ, କ୍ରୀଡାକ୍ଷେତ୍ରରେ ଭିତ୍ତିଭୂମିର ବିକାଶ ହୋଇପାରିଛି। ବିକାଶର ନୂଆ ସକାଳ ଦେଖିବାରେ ବଲାଙ୍ଗିର ଜିଲ୍ଲା ସଫଳ ହୋଇଛି। ମେଡିକାଲ କଲେଜଠାରୁ ଆରମ୍ଭ କରି ଲୋୟରସୁକତେଲ, କଳା ପିଚୁ ରାସ୍ତାଠାରୁ ଆରମ୍ଭ କରି ଇନଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଜିଲ୍ଲାର ବିକାଶର ପ୍ରତିବିମ୍ବ ସାଜିଛି।

ବର୍ତ୍ତମାନର ବଲାଙ୍ଗିର ଜିଲ୍ଲା ବା ପୁରାତନ ପାଟଣାରାଜ୍ୟର ବଳରାମଗଡ ଭାରତ ସ୍ୱାଧୀନ ହେବା ପରେ ଗଡଜାତ ମିଶ୍ରଣ ହୋଇଥିଲା। ପାଟଣା ରାଜ୍ୟର ବିଶାଳ ସାମ୍ରାଜ୍ୟ ରାଜାଙ୍କ ଅକ୍ତିଆରରେ ଥିବା ବେଳେ ତାହା ଗଣତନ୍ତ୍ରରେ ସାମିଲ ହୋଇଥିଲା। ୧୯୪୯ ମସିହା ନଭେମ୍ବର ୧ ତାରିଖରେ ବଲାଙ୍ଗିର ଜିଲ୍ଲା ଗଠିତ ହୋଇଥିଲା। ଏହି ଦିବସକୁ ସ୍ମରଣ କରିବା ପାଇଁ ଗତ କିଛି ବର୍ଷ ହେଲା ବଲାଙ୍ଗିର ଦିନ ଭାବେ ପାଳିତ ହୋଇଆସୁଛି। ସହର ତଥା ଜିଲ୍ଲାର ବିଭିନ୍ନ ସଙ୍ଗଠନ ମିଶି ଏହି ଦିବସକୁ ଧୁମଧାମରେ ପାଳନ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ସାଂସ୍କୃତିକ ଶୋଭାଯାତ୍ରାଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଦିନସାରା ଉତ୍ସବ ପାଳନ କରାଯାଇଛି।

ତେବେ ବିଶେଷ କରି ଗୋଟିଏ ଦଶନ୍ଧି ଭିତରେ ଅନେକ ସମସ୍ୟାର ସମାଧାନ ହେବା ସହ ବହୁ ଉନ୍ନତିମୂଳକ ପ୍ରକଳ୍ପ ସଂପୂର୍ଣ୍ଣ ହୋଇପାରିଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇ ରହିଛି। ଜିଲ୍ଲାର ସର୍ବପୁରାତନ ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି। ସେହିପରି ସ୍କୁଲ ଭିତ୍ତିଭୂମିର ବିକାଶ ଦିଗରେ




ତତ୍‌କାଳୀନ ବିଜେଡି ସରକାରଙ୍କ '୫ଟି' ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସହାୟକ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ଦୁଇ ଶହରୁ ଅଧିକ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ହୋଇଥିଲା।

ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଭୀମଭୋଇ ମେଡିକାଲ କଲେଜ ବଡ ସଫଳତା ଆଣିଦେଇଛି। ପୂର୍ବ ସରକାରଙ୍କ ଉଦ୍ୟମ କ୍ରମେ ବଲାଙ୍ଗିରରେ ଭୀମଭୋଇ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। ମାଗଣା ଚିକିତ୍ସା, ସ୍ୱାସ୍ଥ୍ୟ ପରୀକ୍ଷା ଦିଗରେ ଏହି ଡାକ୍ତରଖାନା ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେଉଛି। ୬ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ମଧ୍ୟ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିଛି; ଯାହାକି ବଲାଙ୍ଗିରବାସୀଙ୍କ ପାଇଁ ଆଉ ଏକ ବଡ ଉପଲବ୍ଧି। ସେହିଭଳି ଜଳସେଚନ କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲା ପାଇଁ ବରଦାନ ସାଜିଛି ଲୋୟରସୁକତେଲ ପ୍ରକଳ୍ପ। ଦଶନ୍ଧି ଧରି ଏହି କାମ ବନ୍ଦ ପଡିଥିଲା। ଶେଷରେ ଅନେକ ବାଦ ବିବାଦ ଭିତରେ ଏହା ସଂପୂର୍ଣ୍ଣ ହୋଇଛି। ଚଳିତ ବର୍ଷ ଏହି ପ୍ରକଳ୍ପରୁ ଚାଷୀଙ୍କ ଜମିକୁ ପରୀକ୍ଷାମୂଳକ ଭାବେ ଜଳସେଚନ ମଧ୍ୟ କରାଯାଇପାରିଛି। ଏହା ସହିତ ଛତାମଖନା ବ୍ୟାରେଜ ମଧ୍ୟ ଜଳସେଚନକୁ ଆହୁରି ବ୍ୟବସ୍ଥିତ କରିବାରେ ସହାୟକ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ ଭଳି ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ମଧ୍ୟ ବେଶ ଆକର୍ଷଣୀୟ ହୋଇପାରିଛି। ଗତ କିଛି ବର୍ଷ ହେଲା ପର୍ଯ୍ୟଟନକ୍ଷେତ୍ରରେ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ହରିଶଙ୍କର ମନ୍ଦିର ନୂଆ ରୂପ ପାଇଛି। ଭୀମଡୁଙ୍ଗୁରି, ଗାଇଖାଇରେ ବୋଟିଂ ସେବା, ପାର୍କ ନିର୍ମାଣ କାମ, ଯୋଗୀସର୍ଡା ମନ୍ଦିର ଓ ରାଣୀପୁର ଝରିଆଲ ମନ୍ଦିର ମଧ୍ୟ ବ୍ୟବସ୍ଥିତ କରିବା ପାଇଁ ଉଦ୍ୟମ କରାଯାଉଛି।

ସେହିପରି ବଲାଙ୍ଗିର ସହରରେ ଥିବା ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ଗୋପାଳଜୀ ମନ୍ଦିର ଉନ୍ନତିକରଣ କାମ କରାଯାଇଛି। କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ସହରରେ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଏହିଭଳି ସାମଗ୍ରିକ ଭାବେ ଜିଲ୍ଲାର ବିକାଶ ଦିଗରେ ପୂର୍ବ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ଏହା ବଲାଙ୍ଗିର ଦିନ ଅବସରରେ ନିହାତି ଭାବେ ବଲାଙ୍ଗିରବାସୀଙ୍କ ପାଇଁ ଏକ ବଡ ସଫଳତା। ବିଗତ କିଛି ବର୍ଷ ଭିତରେ ଜିଲ୍ଲା ବିକାଶ ଧାରାରେ ସାମିଲ ହୋଇଛି। ୭୬ତମ ପ୍ରତିଷ୍ଠା ଦିବସରେ ଲୋକେ ଉତ୍ସାହର ସହ ଏହି ଦିନକୁ ପାଳନ କରିଛନ୍ତି। ଏହି ଅବସରରେ ସକାଳୁ ସହରରେ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସଂଧ୍ୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସାଇଟ୍ କଲେଜରେ ନୂତନ ନର୍ସିଂ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

**ବଲାଙ୍ଗିର,୧।୧୧(ସମିସ):** ସାଇଟ କଲେଜରେ ନୂତନ ନର୍ସିଂ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। କଲେଜର ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର, ସମ୍ପାଦକ ନାରାୟଣ ପ୍ରସାଦ ମିଶ୍ର, ପ୍ରିନ୍ସପାଲ ପ୍ରଫେସର ସ୍ନିଗ୍ଧାମିନତି ଦାନି ଓ ଭାଇସ ପ୍ରିନ୍ସପାଲ ଲୋପାମୁଦ୍ରା ମିଶ୍ର ମଞ୍ଚାସୀନ ଥିଲେ। ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକମାନେ ଏହି ସଭାରେ ଯୋଗ ଦେଇଥିଲେ।

## ରାସ୍ତା ଅବରୋଧ କରି ଗ୍ରାମବାସୀଙ୍କ ଆନ୍ଦୋଳନ

# ବ୍ଲକ୍ ପ୍ରଶାସନ ଉପରେ ଗର୍ଜିଲେ ଆନ୍ଦୋଳନକାରୀ

**ବଲାଙ୍ଗିର,୧।୧୧(ସମିସ)**

ବଲାଙ୍ଗିର ସହରକୁ ଲାଗି ରହିଛି ସଦାଇପାଲି ପଞ୍ଚାୟତ ଅଧୀନ ପଥରଚେପା ଗ୍ରାମ। ଏଠାରେ ପ୍ରାୟତଃ ଆଦିବାସୀ, ଦଳିତ ଓ ନିମ୍ନ ଆୟ ବର୍ଗର ଲୋକେ ବସବାସ କରନ୍ତି। ତେବେ ଏହି ଗାଁ ବଲାଙ୍ଗିର ସହରର ଅତି ନିକଟରେ ଥିଲେ ମଧ୍ୟ ଲୋକେ ଆଜି ବି ଏଠି ସର୍ବନିମ୍ନ ମୌଳିକ ସୁବିଧାରୁ ସବୁବେଳେ ବଞ୍ଚିତ ହୋଇ ରହିଛନ୍ତି। ଏ ନେଇ ବାରମ୍ବାର ସଦର ବ୍ଲକ ପ୍ରଶାସନକୁ ସମସ୍ୟା ଅବଗତ କଲେ ମଧ୍ୟ କିଛି ଲାଭ ମିଳୁନି। ଦୁର୍ନୀତିରେ ବୁଡି ରହିଥିବା ବ୍ଲକ ପ୍ରଶାସନ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ସବୁବେଳେ ଅଣଦେଖା କରି .ଲିଛି। ଏହାକୁ ନେଇ ଶନିବାର ଆନ୍ଦୋଳନ କରାଯାଇଥିଲା। ବଲାଙ୍ଗିର-ପାଟଣାଗଡ ମୁଖ୍ୟ ରାସ୍ତାକୁ ପଥରଚେପା ଗାଁ ଠାରେ ଅବରୋଧ କରାଯାଇଥିଲା। ପଥରଚେପା ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ଲୋକେ ମିଶି ଏହି ରାସ୍ତା ଅବରୋଧ କରିଥିଲେ। ଏ ଅଞ୍ଚଳର ବାରମ୍ବାର ବିଜୁଳି ବିଭ୍ରାଟ ହେଉଛି। ନିମ୍ନମାନର ବିଜୁଳି ବତି ସହ ସମଗ୍ରୀ ବ୍ୟବହାର ହେଉଛି। ରାସ୍ତା ମରାମତିକୁ ନେଇ ଅବହେଳା କରାଯାଉଛି। ଇନ୍ଦିରା ଆବାସ ପ୍ରଦାନରେ ତଞ୍ଚକତା କରାଯାଉଛି। ଏଭଳି ଅଭିଯୋଗ ନେଇ ବ୍ଲକ ପ୍ରଶାସନ ବିରୋଧରେ ଆନ୍ଦୋଳନକାରୀ ଗର୍ଜିଥିଲେ। ସେମାନେ କହିଥିଲେ ଯେତେ ସବୁ ବିଜୁଳି ସମଗ୍ରୀ ହେଉ କି ଷ୍ଟ୍ରିଟ ଲାଇଟ୍ ହେଉ ଲଗାଇବାର ଦୁଇ ତିନି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଖରାପ ହୋଇଯାଉଛି। କାରଣ ଏହି ସମଗ୍ରୀ ଯୋଗାଣରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅନୁଦାନ ହଡପ କରି ନିମ୍ନମାନର ସମଗ୍ରୀ ବ୍ୟବହାର କରୁଛନ୍ତି। ଯେହେତୁ ଏହି ରାସ୍ତା ଏକ ବୁଲାଣିଆ ରାସ୍ତା ଏଠାରେ ବିଜୁଳିବତି ନ ଜଳିବାରୁ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ଧନ ଜୀବନ କ୍ଷତି ହେଉଛି।




ତେବେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବା ଦ୍ୱାରା ଘଣ୍ଟା ଘଣ୍ଟା ଧରି ବଲାଙ୍ଗିରରୁ ପାଟଣାଗଡ ପଟରୁ ଆସୁଥିବା ଶହ ଶହ ଯାନବାହନ ଅଟକି ରହିଥିଲା। ତହସିଲଦାର ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀ ସନ୍ତୁଷ୍ଟ ନ ହେବାରୁ ତହସିଲଦାର ଫୋନ ଯୋଗେ ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ ସହ ଆଲୋଚନା କରାଇଥିଲେ। ଏଯାହା କିଛି ବି ସମସ୍ୟା ଅଛି ସେ ସବୁକୁ ନେଇ ପଥରଚେପା ଗ୍ରାମବାସୀ ଓ ସ୍ଥାନୀୟ ନେତୃତ୍ୱଙ୍କ ସହ ଆଲୋଚନା କରାଯିବ। ଯେପରି ୧୦ ଦିନ ଭିତରେ ସମସ୍ୟା ସମାଧାନ ହୋଇପାରିବ ସେ ଦିଗରେ ନିଶ୍ଚିତ ପଦକ୍ଷେପ ନିଆଯିବ। ଦୁର୍ନୀତିରେ ବ୍ଲକ ପ୍ରଶାସନ ତରଫରୁ ଯେ କେହି ବି ସଂପୃକ୍ତ ଥିବ ନିଶ୍ଚିତ ଭାବରେ ତାଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ଉପ ଜିଲ୍ଲାପାଳ କହିଥିଲେ। ଏହାପରେ ଆନ୍ଦୋଳନକାରୀ ଜିଦ୍‌ରୁ ଓହରିଥିଲେ।

ତେବେ ଯଦି ୧୫ ଦିନ ଭିତରେ ସମସ୍ୟାର ସମାଧାନ ନ ହୁଏ ତେବେ ଏହି ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅନ୍ଦୋଳନରେ ରୁଦ୍ର ନନ୍ଦ, ଧନୁ ରାଉତ, ବିଜ୍ଞାନ ନନ୍ଦ, ସୁବଳ ନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, କଂଗ୍ରେସ ନେତା ରାମ ମିଶ୍ର, ଫକିରମୋହନ ଥାଟି, ନରେନ୍ଦ୍ର ବେହେରା, ସଂକୀର୍ତ୍ତନ ମେହେର, ଜୁଲୁ ପଟ୍ଟନାୟକ, ତ୍ରିନାଥ ରାଉତଙ୍କ ସମେତ ୫୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆମ୍ବେଦକର, ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପିତ




**ବଲାଙ୍ଗିର,୧।୧୧(ସମିସ):** ସ୍ଥାନୀୟ ଗେଡ ସରୋବର ପଡାର ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ସମ୍ବିଧାନର ଜନକ ଡ. ବିଆର୍ ଆମ୍ବେଦର ଓ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓମ୍ ପ୍ରକାଶ କୁମ୍ଭାର ଏବଂ ରାଜକୁମାର ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବନେତା ସୀତାରାମ କୁମ୍ଭାରଙ୍କ ପରି.ଳନାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ସଂପାଦକ ଅଶୋକ ହରପାଲ ଧନ୍ୟବାଦ ପ୍ରଦାନ କରିଥଲେ। ବିଜୟ ହରପାଲ, ଫଣିନ୍ଦ୍ର କୁମ୍ଭାର, ଶିଶିର ପାଣିଗ୍ରାହୀ, ଲଳିତ ନାଏକ, ବିଜୟ ବାରିକ, ଜ୍ୟୋତିଷ ମୁଗ୍ରୀ, ମୁନା ହରପାଲ, ରାଜ ରାଏ, ନିକୁ କୁମ୍ଭାର, ଦୀପକ ନାଗ, ସୁରଜ କୁମ୍ଭାର, ନାନୁ ନାଗ, ଗଂଜନ ଭୋଇ, ଚନ୍ଦନ ଭୋଇ, ବୈକୁଣ୍ଠ ବାରିକ, ମନୀଷ ଭରାସାଗର, ଜ୍ୟୋତି କୁମ୍ଭାର, ଅହଲ୍ୟା କୁମ୍ଭାର, ଜୟଶ୍ରୀ ସୁନା, ସୁବଳୟା କୁମ୍ଭାର, ଭୂମିସୁତା ନାଏକ ଓ ମନୋରମା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ସୃଜନିକା
ସକାଳ
THE SAKALA
www.sakalaepaper.com

## ଝିଅ ପାଇଁ ଗୋଟିଏ କବିତା

**ରାଜେନ୍ଦ୍ର କିଶୋର ପଣ୍ଡା**

ଯିବାକୁ ହବ ଦୂର ବହୁ ଦୂର ।
କାହାକୁ ମାନ କରିଚୁ ଝିଅ ମୋର, ସୁନାଝିଅ ମୋର?
ତୋ' ରୁଷାଘର ଆଗରେ ତତେ ଅପେକ୍ଷା କରୁଚି ଜୀବନ
ଖୋଲିଦେ କବାଟ, ଆ, ଯିବାକୁ ହବ ଦୂର ବହୁ ଦୂର
ଯା, ମା, ତୁ ପରା ଘର କରିବୁ, ଘର ॥

କଳ୍ପବୃକ୍ଷ ହେଲି ବୋଲି ଭାବି ନେବାଟା ଇ ପ୍ରାୟ
କଳ୍ପବୃକ୍ଷ ହେବା ।
ଭାବିନେବୁ ॥

ଲାଜକୁଳୀ ବୁଦା ପରି ମୁଦି ହୋଇ ସଂକୁଡ଼ିଯାଇ
କୁଜୀ ହୋଇ ରହିବୁ କାହିଁକି?
ଛୁଆଁ ବାଜିବା ମାତ୍ରକେ ଠିଆ ହେବୁ ସିଧା ହୋଇ, ତରୁ ପରି,
ପଲ୍ଲବିବୁ,
ମେଲିଦେବୁ ଫୁଲମେଢ଼, ଫଳଭାର, ପକ୍ଷୀବସା ଡାଳ ଡାଳ
ପୁଣି କିଛି କଂଟାର ସଂଭାର, ମେଲିଦେବୁ...
ଦେବୁ ଆଉ ଦିଆଇବୁ, ଦେ ପଦ ବୋଲିବୁ ॥

ତୋ' ଆକାଶରେ ଶକୁନ ଉଡ଼ିବେ,
ଶକୁଂତ ରହିବେ ଡେଣା ଫଡ଼କେଇ
ଲହୁଲୁହାଣ ହବୁ କେବେ ତ ମହୁମୁହାଣ ହବୁ ॥

କେତେ ସରାଗରେ ରାନ୍ଧି ତୁ ପରିଷିଥିବା ସୁଆଦିଆ ତିଅଣକୁ
ଥୁ ଥୁ କରିଦେଲେ ପ୍ରିୟଜନଟିଏ,
କୋହ ଚାପି ସ୍ମିତ ଖେଳାଇବୁ
ଅମୃତ ଗିନାକ ତୋର ବିଷ ହବ ନାଇଁ, ଝିଅ,
ଅମୃତ ତ କେବେ ଅଇଁଠା ହୁଏ ନାଇଁ, ଝିଅ!
ଯୋଗ୍ୟତମ ଦେଖି ସମର୍ପିବୁ ।
କାହାଣୀର ବୁଢ଼ୀ ଅସୁରୁଣୀ
ଗୋଟିଏ ଗୋଡ଼କୁ ତା'ର ଚୁଲୀରେ ପୂରାଇ ଜାଳି
ଆରଟି ସେକିଲା ପରି ତୁ ବି ବଂଚିବୁ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତି ହୋଇଯିବ ଆକାଶ ॥

ତତଲା ତାୱା ଉପରେ ମାଛଝଡ଼େ ଭାଜିହବା ପରି,
ଅଂଧାର ହିଁ କାଂଥ ଯହିଁ ଛାତ ଯହିଁ ଚଟାଣ ଯହିଁ ବିଛଣା ଯହିଁ
ସେଇଠି ଜହ୍ନ ବି କଳା, ସେଇଠାରେ ରାତି ତୋର ପୁହାଇଦବୁ
ଶରତର ଜହ୍ନରାତି ।
ପାହାଂତାରେ ନିଦ ମଳମଳ ଆଖିରେ ବଗିଚାକୁ ଆସି ଦେଖିବୁ
କାରୁପର୍ଣ୍ଣ କୋଣରେ
ଊର୍ଣ୍ଣାଜାଲରେ ବିଂଦୁ ବିଂଦୁ ଶିଶିର
ପ୍ରତିଟି ବୁନ୍ଦାରେ ଝଲମଲ ସୂର୍ଯବିଂବ....
ଶିରିଶିରି ପବନରେ ଶିହରିଗଲା ଜାଲ ଭାବୁ ଭାବୁ
ନିଘା ପଡ଼ିଯିବ ଶିକାରରତ ରଙ୍ଗବୁଢ଼ିଆଣୀ ଉପରେ
ମାୟା ଘନଘୋର ଏ ସଂସାର ବଡ଼ ବିଚିତ୍ର, ମା,
ଛଟପଟ ପତଂଗଟି ଭିତରେ ନିଜକୁ ଥାପି ଅନୁଭବ କରି
ଜାଣିବୁ ତୁ ଶିହରି ଉଠୁଚୁ
ଯନ୍ତ୍ରଣାରେ ଯେତିକି
ଉଲ୍ଲାସରେ ତତୋଽଧିକ !!


ଶତେକ ଶରତ ଥିବୁ, ବୁଢ଼ୀ ହବୁ ନାଇଁ ଝିଅ!
ସଂପାକଟା କରିବୁନି, ନିଜକୁ ନୁହେଁ କି ନିୟତିକି ନୁହେଁ,
କେତେ ଝୀନ କେତେ ସୂକ୍ଷ୍ମ ତୋର ଜୀବନ
ଉଭେଇଯିବ କବିତା, ଚହଲିଯିବ ମିଳେଇଯିବ ସ୍ୱପ୍ନ ।
ଦାରୁଣତମ ଦୁଃଖରେ ବି
ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତିହୋଇଯିବ ଆକାଶ ॥

ବରଂ, ଯଦି ପାରୁ, ପଦ୍ମାମୟ ହୋଇଯିବୁ
ନିଜକୁ ଟିକେ ଉଖାରିଦବୁ ।
ଅଂଚୁଡ଼ାରେ ପାତାଳଗଂଗାର ଫୁଆର, ମା,
ଅଂଧାର ଘନେଇ ପାଷାଣ ହୋଇ ବିଦୀର୍ଣ୍ଣ ହୋଇଗଲେ
ସିଂଦୂରା ଆକାଶରେ ଫଜେରା ଫାଟିବାର ଦୃଶ୍ୟ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି ଝିଅ,
ବରଂ ତୁ ଦେବକୀ ପରି ନିଜେ ଫାଟିଯିବୁ
ଈଶ୍ୱରଂକ ଜନ୍ମ ପାଇଁ ଦ୍ୱାରା ଖୋଲିଦେବୁ ॥ ■

# ଶିଖର ମାତ୍ରେ ଇ ଆରୋହ୍ୟ...

**ରାଜେନ୍ଦ୍ର କିଶୋର ପଣ୍ଡା । ଓଡ଼ିଆ କବିତାର ଏକ ଉଦାତ୍ତ ଉଚ୍ଚାରଣ । ଶବ୍ଦ ନିର୍ମାଣରେ ଧୂରୀଣ । ଆବେଗର ଐଶ୍ୱର୍ଯ୍ୟରେ ବିତ୍ତବାନ୍ । ଭାବ, ଭାଷା, ଶୈଳୀରେ ଚିର ନୂତନ । ପ୍ରତ୍ୟେକ କବିତା ପ୍ରତ୍ୟେକଠୁ ଭିନ୍ନ, ନିରୁତା କାବ୍ୟଦୃଷ୍ଟି, ତୀବ୍ର ସୂକ୍ଷ୍ମାନୁଭବର ସହଜ ଉନ୍ମୀଳନ । ତାଙ୍କ କବିତା କେବେ ବୋମା ପରି ତ କେବେ କଢ଼ ପରି ଫୁଟିଯାଏ । ସବୁ ବାଦ, ଆଦର୍ଶ ଓ ପକ୍ଷର ବାହାରେ ଛିଡ଼ା ହୋଇଥାନ୍ତି ସେ । କେତେ ଆଲୋକବର୍ଷ ଦୂରରେ ଏଇ ପୃଥିବୀରେ କୋଉଠି ଗୋଟାଏ ମହୋତ୍ସବ ହେଉଥାଏ, ଧିମା ଆଲୁଅ ଦିଶୁଥାଏ ଦିଗନ୍ତ ପାଖ ଦୂର ବିନ୍ଦୁରେ, ଅତି କ୍ଷୀଣଧ୍ୱନିର ଆଭାସ ଶୁଭୁଥାଏ ହୃତ୍‌ପିଣ୍ଡ ଭିତରେ । ଆଜି ହୁଏତ ନୀରବି ଯାଇଛି ରାଜେନ୍ଦ୍ରୀୟ କାବ୍ୟ ସ୍ୱର । କବି ବିଦାୟ ନେଇ ସାରିଛନ୍ତି ଆମ ଗହଣରୁ । ତାଙ୍କର ଦଶାହ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା ।**




## ରାଜେନ୍ଦ୍ରୋକ୍ତି



କହିଦିଏ ଆଉ ଥରେ:
ପକ୍ଷ କଥା ଉଠୁଚି ତ
ମୋତେ ରଖ ଅପର ପକ୍ଷରେ
'ବହୁ' ନୁହେଁ 'ଏକ' ବଚନରେ ॥
'ଅପରପକ୍ଷ', (ନିଜ ପାଇଁ ନାନାବାୟା)

ମୁକ୍ତି ନାହିଁ ସ୍ୱପ୍ନ ଆଉ ସ୍ୱପ୍ନଭଂଗରୁ
ମୁକ୍ତି ନାହିଁ ପ୍ରତିଶ୍ରୁତି ଦେବାରୁ ଆଉ ଭାଙ୍ଗିଦେବାରୁ
କୃତଘ୍ନତାରୁ, ବିଶ୍ୱାସଘାତରୁ ।
ବାଲି ମାଟି କଂକରରେ ହିମରେ ଅଶ୍ମରେ
ରକ୍ତ ମାଂସ ଅଛି ମଜ୍ଜା ଶୁକ୍ର ମନ ଚୈତନ୍ୟ ପ୍ରାଣରେ
ଗତି ମୋର ପାଦ-ବେଡ଼ି,
ମୁକ୍ତି ନାହିଁ
ମୁକ୍ତ ନାହିଁ ନାହିଁ ନାହିଁ ନିଜର ସୁଅରୁ ॥
'ଉପନଦୀ ପ୍ରତି ନଦୀ', (ଶୈଳକଳ୍ପ)


ମତେ ଏଇ ବର ଦେରେ ଜୀବନ୍!
ଥରକୁ ଥର ମୁଁ ଯେମିତି ତୋର
ଅଥଳ ଅଥୟ ଉଅଁର ଭିତରେ
ଅତି ଛୋଟ ଏକ ହୁଲିଙ୍ଗା ପରି
ଏମ୍ତି ଉଲ୍ଲାସରେ ବେଦନାରେ
ନାଚୁଥିବି ଡେଉଁଥିବି ଘୂରୁଥିବି ଛିଟ୍‌କୁଥିବି
ମୋକ୍ଷ ଫୋକ୍ଷ ମୋର ଲୋଡ଼ା ନାହିଁ ॥
'ଜୀବନ ପ୍ରତି', (ଶୈଳକଳ୍ପ)

ସଂବିଧାନରେ
ଅଂଧାର ପାଇଁ କୌଣସି ଧାରା ନାହିଁ
ଖବରକାଗଜରେ
ଅଂଧାର ଆଉ ବ୍ୟବହୃତ ହଉନି
ଛପା କାଳି ଭାବରେ;
ସମ୍ରାଟଂକ ନୂତନ ଅକ୍ଷର
ଅଦୃଶ୍ୟ ଇ
ହବାର କଥା!
- 'ଷଡ଼ଯନ୍ତ୍ର', (ନିଜପାଇଁ ନାନାବାୟା)

ତୁମକୁ ଭେଟିବା ପୁଣ୍ୟ ଏତେ ଅଧିକ ଯେ
ଭୟ ହୁଏ ମୋକ୍ଷ ଯିବି ପାଇ
ଆଉ ଥରେ ପୁନର୍ଜନ୍ମ ଦେବାକୁ ସକ୍ଷମ
ସବୁଠୁ ସାନ ପାପଟି ଦିଅ ଗୋ ବତାଇ ॥
'ସବୁଠୁ ସାନ ପାପଟି', (ଅନ୍ୟା)

ନକ୍ଷତ୍ର ନୁହେଁ କି ନିର୍ବାଣ ନୁହେଁ-
ଗୋଟା ପଣେ ଈଶ୍ୱର ହୋଇଯିବା ହିଁ
ମଣିଷର ତପସ୍ୟାର ଧ୍ରୁବ ଲକ୍ଷ୍ୟ
ଏକମାତ୍ର ଲକ୍ଷ୍ୟ ॥
'ଶଂବୁକର ତପସ୍ୟା', (ନିଜ ପାଇଁ ନାନାବାୟା)

ଅମୃତ ଆଣନା କି ହଳାହଳ ଆଣନା
ପ୍ରିୟତମ,
ମୋହିନୀ ନୁହେଁ ବାରୁଣୀ ପରି ଉଠିଆସ ଏଥର
ମୃଦୁ-ମୃଦୁ ମତ୍ତ କରିରଖ ଚିରକାଳ-
ସୁର ଅସୁର ନର
କବି କରିଦିଅ ସଭିଙ୍କୁ!
'ବାରୁଣୀ ପରି ଉଠିଆସ ଏଥର', (ଅନ୍ୟା)




ଗୋଟିଏ ଗୋଟିଏ ଭୂମି ଆସେ
ଜୀବନରେ, ଯେତେବେଳେ
ପହଞ୍ଚିବାର ଭ୍ରମ ଜାଗେ ଅର୍ଦ୍ଧ
ପଥରେ । ସେଇ ମାୟାଭୂମିରୁ
ଦିଶିଯାଏ ଶିଖର ଆଉ ଦିଶିଯାଏ
ସୁଗଭୀର ତଳ ବିତଳ, ଦ୍ୱିଧା
ବିଭକ୍ତ ହୋଇ ମୁଁ ମାଡ଼ିଯାଏ
ସେତେବେଳେ, ଅଲୌକିକ
ଗୋଟିଏ ପକ୍ଷୀ ଆଉ ପ୍ରଖର
ଗୋଟିଏ ଗିରି ନିର୍ଝର ପରି,
ଉତ୍‌ଥାନ ଓ ପତନ ଉଭୟ ଆଡ଼େ,
ସମାନ ବେଗରେ, ସେଇ ଗତି,
ସେଇ ଦୁର୍ଗତି କିନ୍ତୁ ବସାଇ ଦେଇ
ପାରେନା ମୋତେ ଶିଖରରେ
କି ନିପାତ କରି ଦେଇପାରେନା
କଚାଡ଼ି ଦେଇ ସବାତଳ
ବିନ୍ଦୁରେ । ଫେରିଆସେ ମୁଁ ଉଭୟ
ଆଡୁ । ପୁଣିଥରେ, ବିପରୀତ
ଗତିରେ । ରେ ମାୟାଭୂମି!
'ଶୈଳକଳ୍ପ' ମୋର ନିବେଦିତ
ହେଉ ତୋ'ରି ଉଦ୍ଦେଶ୍ୟରେ ।
ତୁ ଏମିତି ଆସିଯାଉଥା
ବେଳେବେଳେ, ଯାତ୍ରା ପଥରେ ।
-'ଉତ୍ସର୍ଗଲିପି', (ଶୈଳକଳ୍ପ)




ବେଳେବେଳେ, ରହସ୍ୟ ହେଉ କି ପ୍ରେମ ହେଉ କି ବିଦ୍ରୋହ ଭାବ ହେଉ, କବିର ଅବଧାରଣା ଏତେ ପବିତ୍ର ଓ ଏକାନ୍ତ ଭାବରେ ତା'ର ନିଜସ୍ୱ ହୋଇଥାଏ ଯେ ତା'ର ସାର୍ବଜନନୀକରଣ ହୋଇପାରେନା । ବେଳେବେଳେ ପକ୍ଷଭୁକ୍ତ ହେବା ବି କଷ୍ଟକର ହୁଏ । ତୁମେ ଯଦି ପକ୍ଷଭୁକ୍ତ ହେବାର ପ୍ରଶ୍ନ ଉଠାଅ, ମୁଁ ଗୋଟିଏ କବିତାରେ ଲେଖିଛି, "ପକ୍ଷ କଥା ଉଠୁଛି ତ/ ମୋତେ ସାମିଲ୍ କରି ଅପରପକ୍ଷରେ/ ବହୁବଚନରେ ନୁହେଁ/ ପ୍ରଥମ ପୁରୁଷ ଏକବଚନରେ । ଗୋଟିଏ କଥା ସ୍ପଷ୍ଟ କବିର ସାନ୍ଦ୍ର ଉପଲବ୍ଧିର ନିଷ୍ପାପର ଉଚ୍ଚାରଣ । କିଏ ଜଣେ କହିଥିଲେ, 'ଆମେ ବସ୍ତୁ ସକଳର Passion ପ୍ରତି, କବିତାର ବିଦ୍ରୋହ ଭାବ ପ୍ରତି ଜାଗ୍ରତ ହୋଇ ରହିବା ଉଚିତ୍ ।"

x x x

ମୋର ପ୍ରଥମ କବିତାଟି ଏକ ହାତ ଲେଖା ପତ୍ରିକାରେ ୧୯୫୫-୫୬ରେ ପ୍ରକାଶ ପାଇଥିଲା । କିନ୍ତୁ ଉଚ୍ଚାଙ୍ଗ ପତ୍ରିକାରେ ମୁଦ୍ରିତ ଭାବରେ ମୋ କବିତାର ପ୍ରକାଶନ ୧୯୫୯ ରେ ଆରମ୍ଭ ହୋଇଥିଲା । ଯାହା ମନେ ପଡୁଚି, ମୋର ପ୍ରଥମ କବିତାଟି ଈଶ୍ୱରଙ୍କ ପ୍ରତି ପ୍ରାର୍ଥନାମୂଳକ ଏକ ଅସଫଳ କବିତା ଥିଲା । xxx ପିଲାଦିନୁ ମା'ଙ୍କର ଭାଗବତ, ମହାଭାରତର ସେଟ୍ ମୁଁ ପଢ଼ିଥିଲି । ଏ ସମସ୍ତ ପ୍ରକ୍ରିୟା ହୁଏତ ମୋ ଚେତନାର ନିର୍ମାଣରେ ସହାୟକ ହୋଇଥିଲା ।

x x x

ଭଲ କବିତାର ସଂଜ୍ଞା ନିରୂପଣ ବା ସ୍ୱରୂପ ବଖାଣ ପାଇଁ ମୁଁ ଅପାରଗ । ମନେ ହୁଏ, ପ୍ରତ୍ୟେକ ଭଲ କବିତା ଗହୀରେଇଦିଏ, ପ୍ରସାରିଦିଏ ବା ଡେଣେଇଦିଏ ଏବଂ ଅନୁଭବକୁ ଉପଲବ୍ଧି ଆଡ଼କୁ ନିଏ ।

ଭାବର ଭିତ୍ତିରେ କବିତା ତା'ର ଅଂଗ ଆଉ ବସ୍ତ୍ର ନେଇ ଆସେ । ଧ୍ୱନି ନେଇ ଆସେ । ବହିର୍ଛନ୍ଦ ଓ ଅନ୍ତର୍ଛନ୍ଦ: ଉଭୟ ମାଧ୍ୟମ ନେଇ ମୁଁ କବିତା ଲେଖିଛି ।

କବିତା ତା'ର ବସ୍ତ୍ର ପିନ୍ଧି ଜନ୍ମନିଏ । ଯେଉଁ କବିତା ଛନ୍ଦରେ ଗୁଞ୍ଜରିତ, ମୁଁ ତାକୁ ସେମିତି ଆସିବାକୁ ଦେଇଛି, କୃତ୍ରିମ ଗଦ୍ୟ ରୂପ ଦେଇନି । ଏପରିକି ସମ୍ପୂର୍ଣ୍ଣ – ଗଦ୍ୟର କବିତା ବି ଲେଖିଛି ।

-ରାଜେନ୍ଦ୍ର କିଶୋର ପଣ୍ଡା (ଅନ୍ୟା, ପୂଜା ବିଶେଷାଙ୍କ)

### ରାଜେନ୍ଦ୍ରଙ୍କ କବିତା ଯୁବପିଢ଼ି ପାଇଁ ପ୍ରେରଣାପ୍ରଦ

ରାଜେନ୍ଦ୍ର କିଶୋର ପଣ୍ଡା ମୋର ଅତି ପ୍ରିୟ କବି । ଗୁରୁ ପ୍ରସାଦ ମହାନ୍ତି, ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାକୁ ଜୀବନ୍ୟାସ ଦେଇଥିବା କବିଙ୍କ ମଧ୍ୟରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଏବଂ ରାଜେନ୍ଦ୍ର କିଶୋର ପଣ୍ଡା ରହିଛନ୍ତି । ଏହି ତ୍ରୟୀ ଓଡ଼ିଆ କବିତାର ଦିଗ ପରିବର୍ତ୍ତନ କରି ଦେଇଛନ୍ତି । ବିଶେଷକରି ରାଜେନ୍ଦ୍ର କିଶୋର ପଣ୍ଡା ନିପଟ ମଫସଲର ଓଡ଼ିଆ ଶବ୍ଦ ତାଙ୍କ କବିତାରେ ବ୍ୟବହାର କରିଥାନ୍ତି, ଯାହାର କୌଣସି ତୁଳନା ନାହିଁ । ତାଙ୍କ ସହ ମୋର ସମ୍ପର୍କ କେବଳ ବ୍ୟକ୍ତିଗତ ନୁହେଁ, ସାହିତ୍ୟିକ ଦୃଷ୍ଟିକୋଣରୁ ମଧ୍ୟ ବେଶ୍ ଭଲ ଥିଲା । ଯେତେବେଳେ ମୁଁ ଆଣ୍ଠୁଗଣ୍ଠି ବାତରୋଗରେ ପୀଡ଼ିତ ହୋଇ ଗୃହବନ୍ଦୀ ହୋଇଥିଲି, ସେଇ ସମୟରେ ତାଙ୍କର ଆକସ୍ମିକ ବିୟୋଗ ହୋଇଥିଲା । ତାଙ୍କ ଲେଖା କେବଳ ଏହି ପିଢ଼ି ପାଇଁ ନୁହେଁ, ଆଗାମୀ ପିଢ଼ିର ଯୁବ ଲେଖକଲେଖିକାମାନଙ୍କ ପାଇଁ ମଧ୍ୟ ଦିଗଦର୍ଶନ ଓ ପ୍ରେରଣାପ୍ରଦ ହେବ । ମୁଁ ତାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରୁଛି ।

- ବିଭୂତି ପଟ୍ଟନାୟକ, କଥାଶିଳ୍ପୀ

### କବିତାର ପ୍ରେମିକ: ରାଜେନ୍ଦ୍ର-କିଶୋର

କବିତାର ପ୍ରେମିକ ହେବାକୁ ହେଲେ ଯେ ଚତୁର୍ବର୍ଗର ଉର୍ଦ୍ଧ୍ୱରେ ରହିବାକୁ ପଡ଼େ, ତଥାକଥିତ ପାପ-ପୁଣ୍ୟ, ସତ୍ୟ-ମିଥ୍ୟା, ଜନ୍ମ-ମୃତ୍ୟୁର ଦେହଳୀକୁ ଲଂଘିବାକୁ ପଡ଼େ । ଏକ ଅନବତାରର ଅଧିକାରରେ ଚୌକାଠରେ ଚିରକାଳ ଏକପାଦରେ ଦଣ୍ଡାୟମାନ ରହି 'ଶିଖର ମାତ୍ରେ ଇ ଆରୋହ୍ୟ'ର ମନ୍ତ୍ର ଜପି ଶୈଳକଳ୍ପ ହୋଇଯିବାକୁ ପଡ଼େ ।

କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଅରଣ୍ୟରେ ହଜିବାକୁ ଆରମ୍ଭ କରିବା ଅର୍ଥ ନିଜକୁ ହିଁ ଖୋଜି ପାଇବା । ଆଦିମା, ମଧ୍ୟମା, ଅନ୍ତିମା ଓ ପରମା ଯେଉଁମାନେ ମୋ ଭିତରେ ହିଁ ଲୁଚି ରହିଥିଲେ ସେମାନେ କ୍ରମଶଃ ନିଜକୁ ବ୍ୟକ୍ତ କରୁଥିଲେ । କବିତା ନାରୀରେ ଓ ନାରୀ କବିତାରେ ରୂପାନ୍ତର ହୋଇଯାଉଥିଲେ । ନାରୀ ଓ କବିତାକୁ ଏକାକାର କରି ଜୀବନ-ମରଣ-ରମଣ- ନିର୍ବାଣକୁ ପ୍ରେମରେ ସଜାଉଥିବା କବି ସୃଜନର ମନ୍ତ୍ରପାଠ କରୁଥିଲେ ।

କେଉଁ ଅନୁପମ ଲଗ୍ନରେ ପିତାମାତା କ'ଣ ଭାବି ନାମ ରଖିଥିଲେ ରାଜେନ୍ଦ୍ର-କିଶୋର । ରାଜେନ୍ଦ୍ରର ତୁଙ୍ଗ ସ୍ୱାଭିମାନ, ତପୋନିଷ୍ଠ ଦାୟିତ୍ୱବୋଧ ଓ କିଶୋରର ପାରଦର୍ଶୀ ନିସର୍ଗ ପ୍ରେମପ୍ରବଣତା – ଏ ଦୁଇଟି ଯାକ ପ୍ରବୃତ୍ତି ଗୋଳାଗୋଳି ହୋଇ କବିତାର ପରମ ପ୍ରେମିକ, ଏପରି ଅର୍ଦ୍ଧନାରୀଶ୍ୱର ଶିବମୟ କାବ୍ୟପୁରୁଷଟିଏ ନିର୍ମିତ ହେବାକୁ ଅଛି ବୋଲି ସେମାନେ ଅନୁମାନ କରିଥିଲେ କି??

- ଅପର୍ଣ୍ଣା ମହାନ୍ତି, କବି

### ବିଦାୟ ରାଜେନ୍ଦ୍ର

ରାଜେନ୍ଦ୍ର କିଶୋର ପଣ୍ଡା ଆମ ସମୟର ପ୍ରଖର ଓ ଶକ୍ତିଶାଳୀ କବି । ରାଜେନ୍ଦ୍ର କିଶୋର ତାଙ୍କ ସମଗ୍ର ଜୀବନ କବିତା ପାଇଁ ସମର୍ପିତ କରିଥିବା ବିରଳ ବ୍ୟକ୍ତିତ୍ୱ । ଜୀବନର ଶେଷ ପର୍ଯ୍ୟନ୍ତ ସେ କବିତାକୁ ବ୍ରତ ଓ ମନ୍ତ୍ର ଭାବରେ ବିବେଚନା କରିଆସିଥିଲେ ।

ଅନନ୍ୟ ଭାବସମ୍ପଦ, ଚମତ୍କାର ଉପସ୍ଥାପନା ଶୈଳୀ, ଶବ୍ଦର ଦୀପ୍ତି ଓ ବିଷୟ ବିନ୍ୟାସରେ ଅଲଙ୍କୃତ ତାଙ୍କର କବିତା । ତାଙ୍କ କବିତାରେ କେତେବେଳେ ଗୀତିମୟତା ତ କେତେବେଳେ ଅସାଧାରଣ ଛନ୍ଦୋବଦ୍ଧତା ଦେଖିବାକୁ ମିଳେ । ତୀକ୍ଷ୍ଣ ଉପଲବ୍ଧି, ଅନୁଭବ ଓ ଅନ୍ତର୍ଦୃଷ୍ଟିସଂପନ୍ନ ତାଙ୍କ କବିତା ସବୁ ଆଙ୍ଗିକ ତଥା ଆତ୍ମିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ବହୁବିଧ ପରୀକ୍ଷାନିରୀକ୍ଷାରେ ସମୃଦ୍ଧିତ ତାଙ୍କର କବିତା କେତେବେଳେ କୌଣସି ବାଦ ପାଖରେ ବନ୍ଧା ପଡ଼ିନାହିଁ । ସେ କବିତାକୁ 'ନିଜ ସହିତ, ଅପର ସହିତ, ନିଖିଳ ସହିତ ବା ଈଶ୍ୱରଙ୍କ ସହିତ ଆଳାପନା' ବୋଲି ବିଚାର କରିଥାନ୍ତି । କବିତାକୁ ଅନ୍ତହୀନ ଯାତ୍ରା ଭାବରେ ବରଣ କରି ସେ କୁହନ୍ତି- ପହଞ୍ଚି ଯିବାଟା ମରିଯିବା । କବିତାକୁ ସେ ନିଆରା ଉପଲବ୍ଧିର ଜଗତ ଭାବରେ ଗ୍ରହଣ କରିଥାନ୍ତି । ଆପଣା ଉଚ୍ଚାରଣରେ ମୁକ୍ତ, ସ୍ୱଚ୍ଛନ୍ଦ ଓ ପ୍ରତିବଦ୍ଧ କବି ରାଜେନ୍ଦ୍ର କିଶୋର ତାଙ୍କ ସର୍ଜକ ସତ୍ତା କାହାର ଅନୁଗତ ନୁହେଁ ବୋଲି ଦୃଢ଼ ଘୋଷଣା କରିଥାନ୍ତି ।

ବିଦାୟ ରାଜେନ୍ଦ୍ର । ଓଡ଼ିଆ କବିତାରେ ଆପଣ ରହିବେ ବର୍ଣ୍ଣୋଜ୍ଜ୍ୱଳ ହୋଇ ।

- ସୂର୍ଯ୍ୟ ମିଶ୍ର, କବି

### କବିତାର ରାଜା ଓ ଇନ୍ଦ୍ର : ରାଜେନ୍ଦ୍ର

ଆମ ସମୟର ଅନ୍ୟତମ ଶ୍ରେଷ୍ଠ କବି ରାଜେନ୍ଦ୍ର କିଶୋର ପଣ୍ଡା । ନିଜ କବିତାରେ ମଣିଷକୁ ଆଶ୍ୱସନା ଓ ଆଶ୍ରୟ ଦେବାରେ ଏକ ନୂଆ ଦିଗ ଦେଇଛନ୍ତି ଓଡ଼ିଆ ସାହିତ୍ୟକୁ । ନୂଆ ନୂଆ ଶବ୍ଦ ନିର୍ମାଣ ଏବଂ ଶବ୍ଦ ବସାଣରେ ଧୁରନ୍ଧର କବି କବିତାକୁ ଦେଇଛନ୍ତି ନୂଆ ରୂପ । ତାଙ୍କର ଅକସ୍ମାତ ଏମିତି ବିଦାୟ ନେଇ ଚାଲିଯିବା ସ୍ତବ୍ଧ କରିଦେଇଛି ଓଡ଼ିଆ ସାହିତ୍ୟକୁ । ତାଙ୍କ ଅବର୍ତ୍ତମାନରେ ସୃଷ୍ଟି ହେଇଚି ଅପୂରଣୀୟ ଶୂନ୍ୟସ୍ଥାନ । ତେବେ ସେଇ ଶୂନ୍ୟସ୍ଥାନକୁ ପୂରଣ କରିପାରିବ କେବଳ ତାଙ୍କରି ସ୍ୱର ଓ ତାଙ୍କର ଶବ୍ଦ ।

ତାଙ୍କ କବିତାର ଠାଣୀ ସ୍ୱତନ୍ତ୍ର । ଅନନୁକରଣୀୟ । କେତେ ସଂଭ୍ରାନ୍ତ ତାଙ୍କର ଶୈଳୀ । ଗୁରୁଗମ୍ଭୀର ସ୍ୱରରେ ସାଧାରଣ ମଣିଷର ଅସହାୟତା ଓ ସାଧାରଣ ମଣିଷର ସୀମିତତାକୁ ପ୍ରକାଶ କରିପାରନ୍ତି ସେ । ଅସହାୟ ମଣିଷ ପାଇଁ ସାନ୍ତ୍ୱନାର ସ୍ୱରଟିଏ ଶୁଭେ ପୁଣି କେତେବେଳେ ଯୁଦ୍ଧ ପାଇଁ ଉଦାତ୍ତ ଗୁରୁଗମ୍ଭୀର ସ୍ୱର । ନିଜେ କବି ରାଜେନ୍ଦ୍ର ପଣ୍ଡା ମତ ଦିଅନ୍ତି -କବିତା ମାଧ୍ୟମରେ ଯେ ଏକ ବିରାଟ ବିପ୍ଳବ ସଂଘଟିତ ହେଇଯିବ ଏପରି ଦମ୍ଭ ପୋଷଣ ନ କରିବା ହିଁ ଉଚିତ । କିନ୍ତୁ ଏ କଥା ବି ସ୍ୱୀକାର କରନ୍ତି ଯେ, ଏଇ କବିତାର ସୌନ୍ଦର୍ଯ୍ୟ ଟିକକ ହିଁ କବିକୁ ସବୁ ଅପମାନକୁ, ସବୁ ଲାଞ୍ଛନାକୁ ଅତିକ୍ରମ କରିବାକୁ ଶକ୍ତି ଯୋଗାଏ ।

ଜୀବନକୁ ଓ ଜଗତକୁ ଗଭୀର ଭାବରେ ଭଲପାଉଥିବା କବି ଆଜି ସମସ୍ତଙ୍କୁ ଛାଡ଼ି ଦେଇ ଅନ୍ୟ ଏକ ଜଗତରେ । ହୁଏତ ସେଇଠି ସେ କବିତା ଲେଖୁଥିବେ ପ୍ରିୟ ସହକବିମାନଙ୍କ ପାଇଁ ଆଉ କହୁଥିବେ -

"କଲମ ଛାଡ଼ି ବଲମ ଉଠେଇବା କିଆଁ
ବୁଝାଏ, କଣାଏ, ଦାନାଏ - ବସୁଧାକୁ ମଣିଷକୁ
କ'ଣ ବା ଦେଇପାରିବେ ନୂଆ ?"

- ପ୍ରୀତିଧାରା ସାମଲ, କବି

### ସ୍ମୃତି ରାଜେନ୍ଦ୍ର

ଭଞ୍ଜକଳା ମଣ୍ଡପରେ 'ଟାଇମପାସ୍'ର ସାହିତ୍ୟ ଉତ୍ସବରେ ପ୍ରଥମ ଥର ତାଙ୍କ ସହ ସାକ୍ଷାତ ଆଜକୁ ସାତ ବର୍ଷ ତଳେ । ପ୍ରଥମ ସାକ୍ଷାତ ଦିନ, ମୋ' କାନ୍ଧରେ ସେ ହାତ ପକେଇ ଠିଆ ହେଇଥିବା ବେଳର ଯେଉଁ ଫଟୋଟି ଉଠେଇଥିଲି, ସେଇଟି ମୋତେ ଖୁବ୍ ପ୍ରିୟ, ଏବଂ ମୋ ଦୃଷ୍ଟିରେ, ବିରଳ । କାରଣ ତାଙ୍କ ପାଖରେ ଠିଆହେବା, ତାଙ୍କ ସହିତ ଫଟୋ ଉଠେଇବା ବା ତାଙ୍କୁ ଭେଟିବାକୁ ଯାଇ ତାଙ୍କ ସହିତ କଥା ହେବା ପାଇଁ ମୁଁ (ମୋରି ଭଳି ଆହୁରି ଅନେକ) ସବୁବେଳେ କୁଣ୍ଠିତ । ଏ କୁଣ୍ଠାର କାରଣ ତାଙ୍କ ପ୍ରତି ଗଭୀର ସମ୍ମାନବୋଧ ଓ ଭଲପାଇବା । 'ବର୍ଣ୍ଣମାଳା' ପାଇଁ 'ଫୁଟ୍‌ପ୍ରିଣ୍ଟ୍ସ' ସଂକଳନ ପ୍ରସ୍ତୁତ କରିବା ବେଳେ ତାଙ୍କ ସହ ଦୀର୍ଘ ଆଲୋଚନା ହେଇଚି ଓ ଅନେକ ଥର ଆମର ମତାନ୍ତର ବି ଘଟିଛି । କିନ୍ତୁ ସବୁଥର, ତାଙ୍କ ଉଦାରତା ଓ ସ୍ନେହ ଆଗରେ ମୁଁ ଛୋଟ ହେଇଯାଇଛି ।

'ଇନ୍ଦ୍ରଧନୁ' ସିନେମାର ପର୍ଦ୍ଦାୟନ ବେଳେ ଅସୁସ୍ଥତା ସତ୍ତ୍ୱେ ସେ ଜୟଦେବ ଭବନକୁ ଆସିବା ଓ ଅଢ଼େଇ ଘଣ୍ଟା ଆମ ସହିତ ବିତେଇବା, ମତେ ସବୁବେଳେ ଭାବପ୍ରବଣ କରିବ । ଆହୁରି ବି ଅଧିକ ଭାବପ୍ରବଣ ଓ ଲୁହ ଛଳଛଳ କରିବ ଏ ସ୍ୱୀକାରୋକ୍ତି, ଯେ ତାଙ୍କ ଅସୁସ୍ଥତା ବେଳେ ତାଙ୍କୁ ଥରୁଟିଏ ଦେଖିପାରିଲିନି ମୁଁ । ଏପରିକି, ଶେଷ ଦର୍ଶନରୁ ବି ବଞ୍ଚିତ ହେଲି ମୁଁ ହତଭାଗା । ତାଙ୍କର କିନ୍ତୁ ମୃତ୍ୟୁ ନାହିଁ, ଏକଥା ମୁଁ ଖୁବ୍ ଦମ୍ଭର ସହ କହିପାରେ । ଅନ୍ତତଃ ଓଡ଼ିଆ କବିତାକୁ ଭଲପାଉଥିବା ପ୍ରତିଟି ପାଠକ ପାଇଁ ସେ ଚିର ଜୀବନ୍ତ ହେଇ ରହିବେ ।

- ସୂର୍ଯ୍ୟସ୍ନାତ ତ୍ରିପାଠୀ, କବି



# 'କଳିଙ୍ଗ'ରେ କଳଙ୍କ

## ଷ୍ଟାଡିୟମ ଭିତରେ ଗଦାଗଦା ମଦ ବୋତଲ, ମେଞ୍ଚାମେଞ୍ଚା କଣ୍ଡୋମ୍



ଭୁବନେଶ୍ୱର, ୧।୧୧ (ସମିସ): ନବୀନ ସରକାର ସମୟରେ କଳିଙ୍ଗ ଷ୍ଟାଡିୟମରେ ଉଡୁଥିଲା ବିଭିନ୍ନ ଦେଶର ଜାତୀୟ ପତାକା। ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜିତ ହେଉଥିଲା। କଳିଙ୍ଗର ଅନ୍ତର୍ଜାତୀୟ ସ୍ତରର ଟ୍ରାକ୍ ଓ ଟର୍ଫ ବିଦେଶୀ କ୍ରୀଡ଼ାବିତ୍‌ମାନଙ୍କୁ ଆକର୍ଷିତ କରୁଥିଲା। ଏହି ଷ୍ଟାଡିୟମକୁ ପ୍ରଶଂସାରେ କ୍ରୀଡ଼ାବିତ୍‌ମାନେ ପୋତି ପକାଉଥିଲେ। ମାତ୍ର ୧୭ ମାସ ମଧ୍ୟରେ ବଦଳିଯାଇଛି କଳିଙ୍ଗ ଷ୍ଟାଡିୟମର ଚିତ୍ର ଓ ଚରିତ୍ର। ଏବେ ଷ୍ଟାଡିୟମ ପରିସରରେ କେଉଁଠି ମଦ ବୋତଲ ଗଦା ହୋଇଥିବା ଦେଖିବାକୁ ମିଳୁଛି ତ ଷ୍ଟାଡିୟମର ବିଭିନ୍ନ ଶୌଚାଳୟ ଓ ପ୍ରସ୍ରାବାଗାର ଭିତରେ ମେଞ୍ଚାମେଞ୍ଚା ବ୍ୟବହୃତ କଣ୍ଡୋମ ଭର୍ତ୍ତି ହୋଇରହିଥିବା ଦେଖାଯାଉଛି। କ୍ରୀଡ଼ା ସ୍ଥଳର ବଳୟ ଭେଦକରି ଷ୍ଟାଡିୟମ ପରିସରରେ କିଏ ମଦ୍ୟପାନ କରୁଛି ଓ ଏପରି ଅସାମାଜିକ କାର୍ଯ୍ୟ କରିବାକୁ ସାହସ କରୁଛି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଥରେ ଅଧେ ଗୋଟିଏ ବା ଯୋଡ଼ିଏ ନୁହେଁ, ଗଲା ୮ ମାସ ହେବ ଷ୍ଟାଡିୟମ ବିଭିନ୍ନ ଶୌଚାଳୟରୁ ମେଞ୍ଚାମେଞ୍ଚା କଣ୍ଡୋମ ବାହାରିବା ରାଜ୍ୟର ଏହି ଗରିମାମୟ କ୍ରୀଡ଼ା ପ୍ରତିଷ୍ଠାନର ସୁନାମରେ କାଳିମା ବୋଳିଦେଇଛି।

ଦେଶ ବିଦେଶରେ କଳିଙ୍ଗ ଷ୍ଟାଡିୟମର ପ୍ରସିଦ୍ଧି ରହିଛି। ଅନେକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ଆୟୋଜିତ ହୋଇଛି। ଓଡ଼ିଶାକୁ ଦେଶର କ୍ରୀଡ଼ା କ୍ୟାପିଟାଲରେ ପରିଣତ କରିବାରେ କଳିଙ୍ଗର ଅବଦାନ ଅନେକ। ଏଠାରେ ଥିବା ଉନ୍ନତମାନର ହାଇ ପରଫରମାନ୍ସ ସେଣ୍ଟରରେ ନୀରଜ ଚୋପ୍ରାଙ୍କ ଭଳି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଥଲେଟ୍‌ଙ୍କ ସହ ଭାରତୀୟ ପୁରୁଷ ଓ ମହିଳା ହକି ଦଳର କ୍ରୀଡ଼ାବିତ୍‌ମାନେ ମଧ୍ୟ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି। ଏହା ସହ ରାଜ୍ୟର ଅନେକ ଛୋଟଛୋଟ ପିଲା କଳିଙ୍ଗ ଷ୍ଟାଡିୟମ ପରିସରରେ ସନ୍ତରଣ, ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଥଲେଟ୍ ହେବାର ସ୍ୱପ୍ନ ଦେଖୁଛନ୍ତି। ଏଠାରେ ଟେନିସ୍, ଆଥଲେଟିକ୍ସ, ଜିମ୍ନାଷ୍ଟିକ୍, ୱେଟ୍ ଲିଫ୍ଟିଂ, ସୁଟିଂ, ଫୁଟବଲ୍ ଖେଳିବା ପାଇଁ ସୁବିଧା ରହିଛି। ଭୁବନେଶ୍ୱର ତଥା ରାଜ୍ୟର ଅନେକ ସ୍ଥାନରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଉନ୍ନତ କ୍ରୀଡ଼ା ତାଲିମ ପାଇଁ କଳିଙ୍ଗ ଷ୍ଟାଡିୟମ ହଷ୍ଟେଲରେ ଛାଡ଼ିଛନ୍ତି। ହେଲେ ଏହି ଷ୍ଟାଡିୟମ ପରିସରରେ ଥିବା ଅଧିକାଂଶ ଶୌଚାଳୟରେ ମାଳମାଳ ବ୍ୟବହୃତ କଣ୍ଡୋମ୍ ବାହାରିବା ପରେ ଏବେ ପିଲାମାନଙ୍କ ପାଇଁ ଅଭିଭାବକଙ୍କ ମନରେ ଚିନ୍ତା ବଢ଼ିଛି।

କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଏହାର ପରିସର ମଧ୍ୟରେ କୌଣସି ବାସଭବନ ନାହିଁ ଓ ଷ୍ଟାଡିୟମକୁ ବାହାର ଲୋକଙ୍କ ଯିବା ଆସିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି। ବୈଧ ଅନୁମତିପତ୍ର ବିନା ଏଠାକୁ କେହି ଯାଇପାରିବେ ନାହିଁ। ଷ୍ଟାଡିୟମର ୯ଟି ଫାଟକରେ ସବୁବେଳେ ନିରାପତ୍ତା ରକ୍ଷୀ ମୁତୟନ ହୋଇଛନ୍ତି। ସାଧାରଣ ଲୋକ ଭିତରକୁ ଯିବା ପ୍ରାୟତଃ ନିଷେଧ। ଏହା ସତ୍ତ୍ୱେ ଷ୍ଟାଡିୟମ ଭିତରକୁ ଏତେ ପରିମାଣର ମଦ ବୋତଲ କିପରି ଯାଉଛି ଓ ଏହାକୁ କିଏ ପିଉଛି ତାକୁ ନେଇ ନେଇ ସନ୍ଦେହ ସୃଷ୍ଟି ହୋଇଛି। କଳିଙ୍ଗ ନିର୍ମାଣ ଆରମ୍ଭରୁ ତତ୍କାଳୀନ ସରକାର ଏହାର ସୁରକ୍ଷାକୁ ଗୁରୁତ୍ୱ ଦେଉଥିଲେ। ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏଠାରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି

### ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ସଚିବଙ୍କର କାର୍ଯ୍ୟାଳୟ ମଧ୍ୟ ରହିଛି। ପ୍ରଶିକ୍ଷାର୍ଥୀଙ୍କ ରହଣି ପାଇଁ ଅଲଗା ଅଲଗା ହଷ୍ଟେଲ୍ ନିର୍ମାଣ କରାଯାଇଛି। ଏହା ସତ୍ତ୍ୱେ ଷ୍ଟାଡିୟମ ଭିତରେ ଏପରି ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରୁନାହାଁନ୍ତି।

କିଛି ମାସ ତଳେ କଳିଙ୍ଗ ଷ୍ଟାଡିୟମ୍‌ର ସିନ୍ଥେଟିକ୍ ଟ୍ରାକ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଗାଡ଼ି ଚାଲୁଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓ ଆସିବା ପରେ ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ାବିତ୍ ଓ କ୍ରୀଡ଼ା ବିଶେଷଜ୍ଞମାନେ ଏହାକୁ ନାପସନ୍ଦ କରିଥିଲେ। ମେଡ଼ିକାଲ ଇମରଜେନ୍ସି କଥା କହି ସେତେବେଳେ ଏହାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ମାତ୍ର ଏବେ ଷ୍ଟାଡିୟମ ପରିସରରେ ଏପରି ଆପତ୍ତିଜନକ ସାମଗ୍ରୀ ମିଳିବା 'କଳିଙ୍ଗ'ର ସୁନାମରେ କେବଳ କଳଙ୍କ ଲଗାଇନାହିଁ, ଷ୍ଟାଡିୟମ ପରିସରରେ ତାଲିମ ନେଉଥିବା ଛାତ୍ରୀମାନଙ୍କ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୮ ମାସ ହେବ ଏଭଳି ଘଟଣା ବଢ଼ିଚାଲିଥିବା ନଜରକୁ ଆସିଛି। ଖୋଦ୍ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଏଭଳି ଏକ ଅନ୍ତର୍ଜାତୀୟସ୍ତରରେ ଷ୍ଟାଡିୟମ୍‌ର ଅଧୋଗତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ଓ ଏହି ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଷ୍ଠାନର ଭବିଷ୍ୟତକୁ ନେଇ କ୍ରୀଡ଼ାବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

## ଅସହ୍ୟ ହେଲା ପୁଅର ଅକାଳ ମୃତ୍ୟୁ
# ଜୀବନ ହାରିଲେ ବୃଦ୍ଧ ଦମ୍ପତି

ବରଗଡ଼, ୧।୧୧(ସମିସ): ଅସହ୍ୟ ହେଲା ପୁଅର ଅକାଳ ମୃତ୍ୟୁ। ତାକୁ ଝୁରିଝୁରି ଶେଷରେ ଜୀବନ ହାରିଲେ ବୃଦ୍ଧ ବାପା-ମା'। ବରଗଡ଼ ଜିଲ୍ଲା ସଦର ଥାନା ଖୁଣ୍ଟପାଲି ପଞ୍ଚାୟତ ଅଧୀନ ଗଞ୍ଜିଆଟିକ୍ରାଠାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, କିରୋଟି ପ୍ରଧାନ (୬୫) ଓ ତାଙ୍କ ପତ୍ନୀ ଶାନ୍ତି ପ୍ରଧାନ (୬୦)। ଗତକାଲି ସଂଧ୍ୟାରେ ଏହି ବୃଦ୍ଧ ଦମ୍ପତି ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଦମ୍ପତି ଏପରି ଚରମ ପଦକ୍ଷେପ ନେଲେ, ପୁଲିସ କାରଣ ଖୋଜୁଥିବା ବେଳେ ଗତବର୍ଷ ସାନପୁଅର ମୃତ୍ୟୁକୁ ନେଇ ଏପରି କରିଥାଇପାରନ୍ତି ବୋଲି ସମ୍ପର୍କୀୟ ଅନୁମାନ କରୁଛନ୍ତି।

## ■ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା
# ଉତ୍ତରାଖଣ୍ଡରୁ ଧରାପଡ଼ିଲା ଶଙ୍କର ପ୍ରୁଷ୍ଟି



ଭୁବନେଶ୍ୱର, ୧।୧୧(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟିକୁ କ୍ରାଇମ୍‌ବ୍ରାଞ୍ଚ ଶନିବାର ବିଳମ୍ବିତ ରାତିରେ ଉତ୍ତରାଖଣ୍ଡରୁ ଗିରଫ କରିଛି। ଉତ୍ତରାଖଣ୍ଡ-ନେପାଳ ସୀମାବର୍ତ୍ତୀ ଏକ ଅଞ୍ଚଳରୁ ଶଙ୍କରଙ୍କୁ ଗିରଫ କରାଯାଇଛି। ଚାକିରି କେଲେଙ୍କାରୀ ସାମ୍ନାକୁ ଆସିବା ପରଠାରୁ ସେ ଫେରାର୍ ଥିଲା। ଏକାଧିକ ଠିକଣା ବଦଳାଇ ଶେଷରେ ଉତ୍ତରାଖଣ୍ଡରେ ଲୁଚିଥିଲା। ସେଠାରୁ ସେ ନେପାଳ ଖସିଯିବାକୁ ଯୋଜନା କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କ୍ରାଇମ୍‌ବ୍ରାଞ୍ଚ ତା' ଗୁପ୍ତ ଠିକଣାରେ ଚଢ଼ଉ କରି ତାକୁ ଗିରଫ କରିଛି। ଶଙ୍କରଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯିବ ବୋଲି ଜଣାଯାଇଛି।

# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତା ମଲା

ଭଞ୍ଜନଗର, ୧।୧୧(ସମିସ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ ରେଞ୍ଜ ଅନ୍ତର୍ଗତ ବାଇବାଲି ସେକ୍ସନ ବିରିକୋଟ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏହି ବନଖଣ୍ଡରେ ଶିକାରୀ ମାନେ ଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବାରୁ ଦନ୍ତାହାତୀଟି ତାରରେ ଲାଗି ମୃତ୍ୟୁବରଣ କରି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇଥିବାବେଳେ ଅପରାହ୍ନରେ ଜେଟିଏଫ୍ ଟିମ ଭୁବନେଶରରୁ ପହଞ୍ଚି ସମସ୍ତଙ୍କ ଉପସ୍ଥିତିରେ ମୃତ ହାତୀଟିର ବ୍ୟବଚ୍ଛେଦ କରିଛି।


**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, KAMAL KUMAR PALEI, aged about 38 years, S/o- Sathi Prasad Palei, Resident of At: Sipai, PO: Badajhada, PS: Krushnaprasad, Dist.: Puri, PIN-752030, Odisha, declared by this Affidavit No.1331/2025, Dated: 31.10.2025. That now onwards I shall be known as **KAMAL PALEI** for all future Purposes.

**Notice**
**(Above 18 years of age)**
By virtue of an affidavit sworn before Executive Magistrate, Kutra, Dtd.01.11/2025, I, MAGDALI EKKA, Address Vill.- Khatkurbahal (Malipada), P.O.- Khatkurbahal, P.S.- Kutra, Dist.- Sundargarh (Odisha), PIN-770018 declare that I have changed my name from MAGDALI TIRKEY to MAGDALI EKKA. Henceforth I shall be known as MAGDALI EKKA for all purposes.
**Sd/- MAGDALI EKKA**

**SALE**
1 Number of TRACTOR - SWARAJ 735 FE TRACTOR, Registration No.- OD-22-U-9417 Model- 2022, ENGINE NO - CJ1354NF004743, CHASSIS NO - MBNAJ48AFNTF15516, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At- Bypass Chhaka, Above Punjab National Bank, Po-Salandi Bypass,Via-Kuansa, BHADRAK-756100, PH. NO- 06784-250703

**AFFIDAVIT**
By virtue of an affidavit sworn before Executive Magistrate, Baripada, Mayurbhanj, I, Rajib Lochan Ratha, S/o- Niranjan Ratha, resident of Po/Ps- Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd- 31/10/25 that I will be known and signed as Rajib Lochan Ratha for all purposes instead of Rajib Lachan Ratha, that reflects in my Matric Certificate.

**AFFIDAVIT**
By virtue of an affidavit sworn before Notary Public, Bhubaneswar, Affidavit on dated 29-10-2025 I, **SULOCHANA JENA,** permanent resident of Vill. At.- Baradia, Po- Nurtanga, PS- Mahanga, Dist- Cuttack, State- Odisha, Pin- 754204, declare that I have changed my daughter's name from **NAMITA JENA** (Old name) to **RASHMITA JENA** (New name), Henceforth, she shall be known as **RASHMITA JENA** for all future purposes.
Sd-**(SULOCHANA JENA)**

**AFFIDAVIT**
I, AJMER KHAN, aged about 46 years, S/o- SAIDU KHAN, Resident of At: Balisahi, PO: Balikuda, Dist.: Jagatsinghpur, PIN-754108, Odisha,declared by this Affidavit No.1330/2025, Dated: 31.10.2025. That now onwards I shall be known as **AJMEER KHAN** for all future Purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapas Ranjan Sahoo, S/o- Pramod Kumar Sahoo, At- Chakamadhupur, P.O.- Madhupur, P.S.-Mahanga, Dist.- Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapas Ranjan Sahoo**

**AFFIDAVIT**
By virtue of an affidavit sworn before Executive Magistrate, Kutra, dated. 29.10.2025, I, Lili Toppo, W/o - Late Alexander Toppo, permanent resident of Vill.-Kukuda, P.O.- Kukuda, P.S.- Rajgangpur, Dist.- Sundargarh (Odisha), PIN-770023 declare that I have changed my son's name from AMARDEEP TOPPO to AMARJEET TOPPO. Henceforth, he shall be known as AMARJEET TOPPO for all purposes.
**Sd/- LILI TOPPO**

**AFFIDAVIT**
By virtue of an affidavit sworn before the Executive Magistrate, Nandapur, vide no.95 dated 29.10.2025 I, Asha Pangi, D/o- Sabana Pangi, W/o- Budra Khilo resident of Vill.- Totaguda, Po.- Hatibari, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Asha Pangi** to **Asha Khilo**. Henceforth I shall be known as **Asha Khilo** for all future purposes.

**AFFIDAVIT**
By virtue of an affidavit Sl. No.- 1291/2025, dtd. 31.10.2025 before the Notary Public, Tentuli Khunti, Dist.- Nabarangpur, I, Bapuni Subudhi, At/Po/Ps.- Khatiguda, Dist.- Nabarangpur have changed my minor daughter's name from Ausharani Subudhi to Aisha Subudhi. Henceforth she will be known as **Aisha Subudhi** for all purposes.
**Sd/- Bapuni Subudhi**

**AFFIDAVIT**
By virtue of an affidavit Sl. No.- 1087, dtd. 22.10.2025 in the court of the Executive Magistrate, Nabarangpur, I, Jasoda Gouda, At- Goudakostiguda, Po- Manchagaon, Dist.- Nabarangpur have changed my name from Yashoda Gauda to Jasoda Gouda. Henceforth I shall be known as Jasoda Gouda for all purposes.
**Sd/- Jasoda Gouda**

**AFFIDAVIT**
By virtue of an affidavit No- 6008 sworn before the Executive Magistrate, Champua on dtd- 31/10/2025, I **Anil Kumar Mahanta**, S/o- Karttika Mahanta, resident of At/Po- Raikala, Ps- Ghagarbeda, Dist- Mayurbhanj, Pin-757035. I am the deponent, I have changed my minor daughter's name from **Khusi Mohanta** (old name) to **Khusirani Mahanta** (new name). Henceforth both name **Khusi Mohanta** and **Khusirani Mahanta** is one & same person she will be known as **Khusirani Mahanta** for all future purposes.
**Anil Kumar Mahanta**

**AFFIDAVIT**
I, Sakyasingha Satapathy, S/o- Sarat Chandra Satapathy, resident of Nabinabag, Sarat Nivas, Lane-2, Near Swapneswar Temple, Dist- Khurda PIN- 752055, Odisha declared by this affidavit No-895, dtd- 01/11/2025 that now onwards I shall be known as **SAKYA SINGH SATAPATHY** for all future purposes.

**AFFIDAVIT**
I, Venkatasatyanarayana, S/o- Late Sanyasi Reddi, resident of Qtr No-C-141, Phase-1, Nalco Nagar, Maitri Vihar, Rail Vihar Road, PO- S.E Rly. Proj. Complex, Chandrasekharpur, Bhubaneswar, Dist- Khordha, Odisha-751023, declare by this affidavit No- 299, dtd 01.11.2025 that now onwards I shall be known as **Venkata Satyanarayana Reddi** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ଶ୍ରଦ୍ଧାଳୁ...

ପ୍ରଦେଶରେ ମନ୍ଦିରକୁ ନେଇ ଏଭଳି ଘଟଣାରେ ୨୪ ଜଣ ଭକ୍ତ ପ୍ରାଣ ହରାଇଲେଣି। ମିଳିଥିବା ସୂଚନା ଅନୁଯାୟୀ ମନ୍ଦିର ସିଢ଼ିରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଥିରେ ଅଧିକାଂଶ ମହିଳା, ଛୋଟପିଲା ଓ ବୟସ୍କ ଲୋକ ରହିଛନ୍ତି। ଏତିକି ବେଳେ ରେଲିଂ ଭାଙ୍ଗିବାରୁ ଲୋକେ ତଳକୁ ପଡ଼ିବାକୁ ଆରମ୍ଭ କରିଥିଲେ। କେତେକ ଲୋକ ୬ ଫୁଟ ଉପରୁ ପଡ଼ୁଥିବାରୁ ଦେଖାଯାଇଥିଲା। ମହିଳା ଓ ପିଲାମାନେ ବାହାରକୁ ବାହାରିବା ପାଇଁ ଚିତ୍କାର କରିଥିଲେ। କେତେକ ଲୋକ ନିଜର ଜୀବନ ବଞ୍ଚାଇବାକୁ ଲୋକଙ୍କ ଉପରେ ହିଁ ଚଢ଼ି ବାହାରକୁ ବାହାରି ଯାଇଥିଲେ। ଏହାକୁ ନେଇ ସେଠାରେ ଦଳାଚକଟା ହୋଇଥିଲା। ପ୍ରତି ସପ୍ତାହରେ ପାଖାପାଖି ୧୫୦୦ରୁ ୨୦୦୦ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି ବୋଲି ଆନ୍ଧ୍ର ପ୍ରଦେଶ ଗୃହମନ୍ତ୍ରୀ ଅନୀତା କହିଛନ୍ତି। କିନ୍ତୁ ଶନିବାର ଏକାଦଶୀ ହେବା କାରଣରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମନ୍ଦିର ପ୍ରଥମ ମହଲାରେ ସ୍ଥିତ ଓ ସେଠାକୁ ଯିବା ପାଇଁ ୨୦ଟି ସିଢ଼ି ଅଛି। ଶ୍ରଦ୍ଧାଳୁ ଚଢ଼ିବା ବେଳେ ଠେଲାପେଲା ହେବା କାରଣରୁ ରେଲିଂ ଭାଙ୍ଗିଥିଲା ଓ ଦଳଚକଟା ହୋଇଥିଲା ବୋଲି ସେ କହିଛନ୍ତି। ଏହି ମନ୍ଦିର ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ। ସେମାନେ ଆଜିର କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ଠାରୁ ଅନୁମତି ନେଇନଥିଲେ। ତେଣୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁଃଖଦ ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଆଖିବୁଜିଲେ ପାତ୍ରପୁର...

ପ୍ରତିନିଧି ମୀନା ଦ୍ୟାନସାମନ୍ତରା ଶୋକପ୍ରକାଶ କରିଛନ୍ତି। ଗାଁରେ ରୂପାଙ୍କ ଶବ ପହଞ୍ଚିଥିବା ବେଳେ ସମ୍ପର୍କୀୟମାନେ ପହଞ୍ଚିବା ପରେ ରବିବାର ତାଙ୍କ ସଂସ୍କାର ହେବ। ପ୍ରକାଶଯୋଗ୍ୟ, ରୂପାଙ୍କ ମା' ପୂର୍ବରୁ ପ୍ରାଣ ହରାଇଥିଲେ। ରୂପାଙ୍କ ମୃତ୍ୟୁ ପରେ ତାଙ୍କ ବାପା ଦିଲେଶ ଏବେ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି।

### ଅଚେତ କରି...

ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ଯୁବତୀଜଣଙ୍କ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଗତକାଲି ସଂଧ୍ୟାରେ ସେ ଅଫିସ୍‌ରୁ ଘରକୁ ଫେରୁଥିବା ବେଳେ ହିକୁଡି ଆଇଟିଆଇ କଲେଜ ପାଖ ବନ୍ଧ ନିକଟରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ତାଙ୍କ ମୁହଁରେ ଏକ ତରଳ ପଦାର୍ଥ ସ୍ପ୍ରେ' କରିଦେଇଥିଲେ। କିଛି ସମୟ ମଧ୍ୟରେ ଯୁବତୀଜଣଙ୍କ ଚେତାଶୂନ୍ୟ ହୋଇଯିବା ପରେ ଯୁବକମାନେ ତାଙ୍କୁ ଏକ ବିଲ ମଧ୍ୟକୁ ଟେକି ନେଇଥିଲେ। ସେଠାରେ ସେମାନେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ସେ ଘଟଣା ବିଷୟରେ ଜାଣିପାରିଥିଲେ। ଖବର ପାଇ ପ୍ରଥମେ ଧର୍ମଶାଳା ଫାଣ୍ଡି ଅଧିକାରୀ ବସନ୍ତ ରଥ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ସେ ଉଚ୍ଚ ପୁଲିସ ଅଧିକାରୀଙ୍କୁ ଜଣାଇଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାଏକ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ, ବୀରମହାରାଜପୁର ଥାନାଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଶୁକ୍ରବାର ରାତିସାରା ତନାଘନା କରିଥିଲେ। ଶନିବାର ସକାଳେ ଯୁବତୀଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପୀଡ଼ିତାଙ୍କ ଜଣେ ଅତି ନିକଟତମ ସମ୍ପର୍କୀୟ ବନ୍ଧୁ ଏଭଳି କରିଥିବା କୁହାଯାଉଛି।

### ଜାଭେଦ ଅଖତରଙ୍କୁ...

ଲେଖନୀ ଆଧୁନିକ ଭାରତର ଭାବପ୍ରବଣ ଓ ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଆସିଛି। ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହୋଇଛି। ପାଞ୍ଚଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ଥର ଫିଲ୍ମଫେୟାର୍ ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଉନ୍ନତ ଚିନ୍ତାଧାରାସମ୍ପନ୍ନ ଅଖତର୍ ହାର୍ଭାର୍ଡ୍, ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ଭଳି ପୃଥିବୀର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଓ ପ୍ରଫେସରମାନଙ୍କୁ ସମ୍ବୋଧିତ କରିଛନ୍ତି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟକୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରିଆସିଛି।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସାହିତ୍ୟ ଉତ୍ସବର ଚଳିତବର୍ଷର ପ୍ରସଙ୍ଗ ହେଉଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଏହି ସୂଚନା ଦେଇଛନ୍ତି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା। ଚଳିତବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର୍ ପଣ୍ଡା ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷ, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି, ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ଉଦ୍ଦେଶ୍ୟ।

### ବସ୍‌ରେ ଚାଳକଙ୍କୁ...

କରିଥିଲା। ଏହି ସମୟରେ ବସ୍ ଚାଳକ ଶରତ ନିଜ ଆତ୍ମୀୟଙ୍କ ସହ କଥାବାର୍ତ୍ତା ହେବା ପରେ ଗାଡ଼ି ଚାଳନା କରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା ଏବଂ ସେ ଗାଡ଼ିର ଷ୍ଟିୟରିଂ ଉପରେ ସଂଜ୍ଞାହୀନ ହୋଇ ଲୋଟି ପଡ଼ିଥିଲେ। ପରେ ବସ୍‌ର ଅନ୍ୟ କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକେ ତାଙ୍କୁ ଏକ ଅଟୋ-ରିକ୍ସାରେ ଚିକିତ୍ସା ନିମନ୍ତେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାଜିଷ୍ଟ୍ରେଟ୍ ତଥା ତହସିଲ୍‌ଦାର ବିଜୟ କୁମାର ସେଠୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ ରାଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବସ୍ କର୍ମଚାରୀଙ୍କ ସହ ସମ୍ପର୍କୀୟମାନଙ୍କୁ ମୃତକ ଓ ଗାଡ଼ି ମାଲିକାନା ସମ୍ପର୍କରେ ବିଶଦ୍ ପଚରାଉଚରା କରି ଫେରିଥିଲେ। ଫାଣ୍ଡି ପୁଲିସ ଏକ ଅପମୃତ୍ୟୁ ମାମଲା ନଂ ୧୨/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

### ସେମିକଣ୍ଡକ୍ଟର କ୍ଷେତ୍ରରେ...

ରାଜ୍ୟରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ, ତାହା କ୍ଷେପଣାସ୍ତ୍ର, ବୈଦ୍ୟୁତିକ ଗାଡ଼ି, ପ୍ରତିରକ୍ଷା ଉପକରଣ, ରେଳବାଇ ଓ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ବ୍ୟବହାର କରାଯିବ। ଆଜି ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକସେମ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ଗବେଷଣା ଓ ନବସୃଜନ କେନ୍ଦ୍ର ସ୍ଥାପନ କରିଛି। କେନ୍ଦ୍ର ରେଳମନ୍ତ୍ରୀ ତାଙ୍କ ସାଂସଦ ପାଣ୍ଠିରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରଛାତ୍ରୀ ମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଚିପ୍ ରୁ ସିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢ଼ୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭରଶୀଳତାର ଓଡ଼ିଶା ଏକ ନୂତନ କାହାଣୀ ସୃଷ୍ଟି କରୁଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡ଼ିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ୍-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ଆଜି ଆଇ.ଆଇ.ଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲ୍‌କର୍, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରୀଜ୍‌ର ପରିଚାଳନା ନିର୍ଦ୍ଦେଶକ ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରା.ଲିର ପରିଚାଳନା ନିର୍ଦ୍ଦେଶକ ଗୁରୁ ଥାଲ୍ଲାପାନେନୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜଧାନୀରେ ବି...

ହୋଇଉଠିଥିଲା। ଘଟଣା ବିଷୟରେ ଅନ୍ୟତମ ଅଭିଯୁକ୍ତ ରାମ ସାମଦାକୁ ଜଣାଇବା ସହ ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ଦୁଇ ବର୍ଷ ପୂର୍ବରୁ ରାମର ବାପା ମଧ୍ୟ ଅଚାନକ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ମୃତ୍ୟୁ ପଛରେ ବଳରାମର ଗୁଣିଗାରେଡ଼ି ଥିବା ରାମ ସନ୍ଦେହ କରିଥିଲା। ଏହାପରେ କହ୍ନେଇ ଓ ରାମ ମିଶି ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ।

ସେପ୍ଟେମ୍ବର ୩୦ ତାରିଖ ରାତିରେ ବଳରାମ ତାଙ୍କ ବିଲକୁ ଯାଇଥିବା ବେଳେ ପୂର୍ବ ଯୋଜନା ମୁତାବକ କହ୍ନେଇ ଓ ରାମ ସେଠାରେ ଲୁଚି ରହିଥିଲେ। ବଳରାମ ମଞ୍ଚା ଉପରକୁ ଯାଉଥିବା ବେଳେ କହ୍ନେଇ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲା। ରାମ ତାଙ୍କ ଗୋଡ଼ ଦୁଇଟାକୁ ଧରିଥିବା ବେଳେ କହ୍ନେଇ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲା। ଉଭୟମିଶି ବଳରାମଙ୍କ ମୃତଦେହକୁ ଜଙ୍ଗଲ ଭିତରକୁ ନେଇ ଗାତ ଖୋଳି ପୋତି ଦେଇଥିଲେ। ବଳରାମ ସାଙ୍ଗରେ ଆଣିଥିବା ଟର୍ଚ୍ଚ, ପାଣି ବୋତଲ ଓ ଠେଙ୍ଗାକୁ ଅଭିଯୁକ୍ତମାନେ ନିକଟସ୍ଥ ଏକ ପୋଖରୀକୁ ଫୋପାଡ଼ି ଦେଇଥିଲେ।

ଗତକାଲି ସକାଳେ ପିତା ଗାଡ଼ିଆ ନିକଟସ୍ଥ ଜଙ୍ଗଲରୁ ନରକଙ୍କାଳ ମିଳିବା ପରେ ତଦନ୍ତ ଆରମ୍ଭ କରିଥିଲା ଚନ୍ଦକା ଥାନା ପୁଲିସ। ନରକଙ୍କାଳକୁ ଜବତ କରି ଏମ୍‌ସକୁ ପଠାଇବା ସହ ଗୋଟିଏ ମାଳି ଓ ଲୁଙ୍ଗି ଜବତ କରିଥିଲା। ମାଳି ଓ ଲୁଙ୍ଗିରୁ ମୃତଦେହଟି ବଳରାମଙ୍କର ବୋଲି ପୁଅ ରାମ ଚରଣ ଚିହ୍ନଟ କରିଥିଲେ। ସେ ଗତ ସେପ୍ଟେମ୍ବର ୩୦ ତାରିଖରୁ ନିଖୋଜ ଥିଲେ ବୋଲି ଜଣାପଡ଼ିଥିଲା। ପୂର୍ବରୁ ମଧ୍ୟ ବଳରାମ ବାରମ୍ବାର ଘରୁ କେଉଁଆଡ଼େ ଚାଲିଯାଆନ୍ତି ଓ ପରବର୍ତ୍ତୀ ସମୟରେ ଫେରି ଆସନ୍ତି। ତେଣୁ ସେ ଥାନାରେ ଅଭିଯୋଗ କରିନଥିଲେ ବୋଲି ରାମଚରଣ କହିଥିଲେ। ମୃତଦେହ ଚିହ୍ନଟ ହେବାପରେ ହତ୍ୟାକାରୀଙ୍କୁ ଖୋଜିଥିଲା ପୁଲିସ। ହ୍ୟୁମାନ ଇଣ୍ଟେଲିଜେନ୍ସରୁ କହ୍ନେଇ ଉପରେ ସନ୍ଦେହ କରି ପୁଲିସ ତାକୁ ଉଠାଇ ନେଇଥିଲା। ତାକୁ ଜେରା କରିବା ପରେ ସେ ଗୋଟି ଗୋଟି କରି ସବୁକଥା ପୁଲିସ ଆଗରେ ବଖାଣିଥିଲା। ତା'ଠାରୁ ପାଇଥିବା ତଥ୍ୟ ଆଧାରରେ ପୁଲିସ ରାମ ସାମଦାକୁ ମଧ୍ୟ ଉଠାଇ ଆଣିଥିଲା।

ଶନିବାର ପୂର୍ବାହ୍ନରେ କହ୍ନେଇକୁ ନେଇ ଘଟଣାସ୍ଥଳକୁ ଯାଇଥିଲା ଚନ୍ଦକା ଥାନା ପୁଲିସ। କିପରି ଓ କେଉଁଠାରେ ହତ୍ୟା କରିଥିଲେ ଏବଂ ମୃତଦେହକୁ କୋଉଠି ପୋତିଥିଲେ ତଦନ୍ତ କରିବା ସହ ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା। ଘଟଣାସ୍ଥଳ ନିକଟରେ ଥିବା ଛୋଟ ପୋଖରୀରୁ ଗୋଟିଏ ଜରି ବ୍ୟାଗ, ବଳରାମଙ୍କ ଟର୍ଚ୍ଚ, ହାଣ୍ଡିଆ ଭର୍ତ୍ତି ବୋତଲ ଓ ଠେଙ୍ଗା ଜବତ କରିଥିଲା। ମୃତକ ବଳରାମ ଗୁଣିଗାରେଡ଼ିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିବା ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। କମ୍ ସମୟ ମଧ୍ୟରେ ନରକଙ୍କାଳରୁ ପରିଚୟ ପାଇବା ଓ ହତ୍ୟାକାଣ୍ଡ ଉପରୁ ପରଦା ହଟାଇ ଥିବାରୁ ଚନ୍ଦକା ଥାନା ଅଧିକାରିଣୀ ସମିତା ମିଶ୍ର, ସବ୍ ଇନ୍ସପେକ୍ଟର ଆର୍ତ୍ତବଲ୍ଲଭ କର, ବିଜୟ କୁମାର ମାଝୀ, ପ୍ରିତମ ପ୍ରସାଦ ବେହେରାଙ୍କୁ ପ୍ରଶଂସା କରିଛନ୍ତି ପୁଲିସ କମିସନର ଡ. ସୁରେଶ ଦେବଦତ୍ତ ସିଂ।


## ବିଶେଷ ସୂଚନା

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ଖରିଫ ଧାନ ଅମଳ ପାଇଁ ଆସନ୍ତା ତା.୦୭-ନଭେମ୍ବର-୨୦୨୫ରିଖରେ ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ ମୁଖ୍ୟ କେନାଲ ନଭେମ୍ବର-୦୮ ଠାରୁ ଡିସେମ୍ବର-୩୧ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ଖରିଫ ଓ ଆସନ୍ତା ରବି ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ,
ବରଗଡ

## ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକତା ସମ୍ପର୍କିତ ଘୋଷଣା

ଦଣ୍ଡ ପ୍ରକ୍ରିୟା ସଂହିତା ଧାରା ୮୨ ଅନୁସାରେ

ଯେଉଁଥିରେ ମୋ ପାଖରେ ଏହା ଅଭିଯୋଗ ଅଣାଯାଇଛି ଯେ, ଅଭିଯୁକ୍ତ ଅଜୟ କୁମାର ଯାଦବ, ପିତା- ରାମ ନାରାୟଣ ଯାଦବ, ଘର ନମ୍ବର ୧୩୩, ଗଳି ନମ୍ବର-୧୩, ତୁରିଆ ମହଲ୍ଲା, ତୁଗଲକାବାଦ, ଜୟପୁର, ନୂଆଦିଲ୍ଲୀ, ତାଙ୍କ ଉପରେ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା- ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ଅନୁସାରେ ଅପରାଧ କରିବା କିମ୍ବା ଅପରାଧର ସନ୍ଦେହ ରହିଛି ।
ଏହା ଦେଖାଯାଇଛି ଯେ ତାଙ୍କ ଗିରଫ ପାଇଁ ୱାରେଣ୍ଟ ଜାରି ହୋଇଛି କିନ୍ତୁ ଅଜୟ କୁମାର ଯାଦବ ମିଳୁନାହାନ୍ତି, ଏବଂ ଏହା ମୋ ସନ୍ତୁଷ୍ଟି ପାଇଁ ପ୍ରମାଣ ହୋଇଛି ଯେ ସେ ପଳାଇ ଯାଇଛନ୍ତି (କିମ୍ବା ନିଜକୁ ଲୁଚାଇ ରଖିଛନ୍ତି) ଯାହା ଦ୍ୱାରା ଗିରଫ ୱାରେଣ୍ଟ ର ସେବା ଠାରୁ ବଞ୍ଚି ଯାଇପାରିବେ ।
ଏହି ଘୋଷଣା ଦ୍ୱାରା ସୂଚିତ କରାଯାଉଛି ଯେ ଅଜୟ କୁମାର ଯାଦବ, ଉକ୍ତ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ରେ ଅଭିଯୁକ୍ତ, ସେ ୦୬.୧୨.୨୦୨୫ ରେ କିମ୍ବା ତା' ପୂର୍ବରୁ ଏହି ଅଦାଲତ ସମ୍ମୁଖରେ ଉପସ୍ଥିତ ହୋଇ ଅଭିଯୋଗର ଉତ୍ତର ଦେବେ ।

ଆଦେଶାନୁସାରେ
ମିସ୍ ନିଧି ସିଂ
ନ୍ୟାୟିକ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ-୦୩,
ଦକ୍ଷିଣ ଜିଲ୍ଲା, କକ୍ଷ ନମ୍ବର ୨୧୨,
ସାକେତ ଅଦାଲତ, ନୂଆଦିଲ୍ଲୀ

DP/14542/SD/2025
(Court Matter)

## କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳିତ

# ଜନ୍ମମାଟି ସହ କର୍ମଭୂମିକୁ ମାଁ' ଭାବିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଧର୍ମ ହେଉ







**ଭବାନୀପାଟଣା, ୧।୧୧(ସମିସ)**

ପ୍ରାକୃତିକ ରୂପ ଲାବଣ୍ୟଭରା କଳାହାଣ୍ଡି ଆର୍ଥିକ, ସାଂସ୍କୃତିକ ଓ ଶୈକ୍ଷିକ ଦୃଷ୍ଟିରୁ ବେଶ ସମୃଦ୍ଧ।ସମୟର ପ୍ରାଣ ସ୍ପନ୍ଦନକୁ ଅନୁଭବ କଲେ ଜଣାଯାଏ ସଂସ୍କୃତିର ଗନ୍ତାଘର ପୂଣ୍ୟଭୂମି କଳାହାଣ୍ଡି ଅନେକ ଅବାଞ୍ଛିତ ପରିସ୍ଥିତିକୁ ପଛରେ ପକାଇ ଆତ୍ମବିଶ୍ୱାସଶୀଳ ହୋଇପାରିଛି। ଶନିବାର ସ୍ଥାନୀୟ ଟାଉନ ହଲରେ ସମୃଦ୍ଧ ବିଭାବିଶାଳୀ ବୀରଭୂମି କଳାହାଣ୍ଡି ଜିଲ୍ଲାର ୭୬ତମ ଗଠନ ଦିବସ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଏବଂ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ସମାରୋହରେ ଉପସ୍ଥିତ ଅତିଥିଗଣ କହିଥିଲେ ଯେ ଜନ୍ମ ଦେଇଥିବା ମା'ବ୍ୟତୀତ ନିଜ ଜନ୍ମ ମାଟି ସହିତ କର୍ମଭୂମିକୁ ମା'ବୋଲି ଭାବିବାର ମାନସିକତା ଜାଗ୍ରତ ହେଉ। ତେବେ ଆମେ କାଳାହାଣ୍ଡିକୁନେଇ ଗଭୀର ଆତ୍ମବିଶ୍ୱାସ ଓ ଅନୁରାଗ ରଖି ବଳିଷ୍ଠ ଆଶାବାଦ ଓ ବିକାଶର ସ୍ୱପ୍ନ ଦେଖିପାରିବା। ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସଚିନ ପାୱାର ପ୍ରକାଶ ଯୋଗଦେଇ କଳାହାଣ୍ଡି ଜିଲ୍ଲା ଏବେ ବିକାଶ ପଥର ଯାତ୍ରୀ ବୋଲି କହିବା ସହିତ ଜିଲ୍ଲାବାସୀଙ୍କୁ ସୁସମୃଦ୍ଧ କଳାହାଣ୍ଡି ଗଠନରେ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ ଯୋଗଦେଇ କଳାହାଣ୍ଡିର କଳା, ସଂସ୍କୃତି ଓ ପରମ୍ପରାର ଭୂୟସୀ ପ୍ରଶଂସା କରିବା ସହିତ ଶିକ୍ଷା ଓ ଅର୍ଥନୀତିରେ ଜିଲ୍ଲାକୁ ସମୃଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଭୋଇ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଭବାନୀପାଟଣା ବିଡିଓ ଚନ୍ଦନ କୁମାର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱରତୀର୍ଥ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ସାମୂହିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିରାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କଳାହାଣ୍ଡି ଗଠନ ଦିବସରେ ପ୍ରଗତି କଲେଜର ସୁଶ୍ରୀ ପ୍ରିୟଂଶିତା ରାଉତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଯିଏ କି କଳାହାଣ୍ଡି ମାଟିର ଜଣେ ସୁଯୋଗ୍ୟ ସନ୍ତାନ। ନିକଟରେ ସେ ଭିଏତନାମର ହାନୋଇଠାରେ ଆୟୋଜିତ ଇଣ୍ଟରନ୍ୟାସନାଲ ମଡେଲ ୟୁନାଇଟେଡ୍ ନେସନ୍ସ ୨୦୨୫ ସମ୍ମିଳନୀରେ ଭାରତର ଏକମାତ୍ର ଛାତ୍ରୀ ପ୍ରତିନିଧି ଭାବରେ ଅଂଶଗ୍ରହଣ କରି ଆମ ମାଟିକୁ ଗର୍ବିତ କରିଥିଲେ। ଏହାପରେ ମହାରାଜ ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର କଳାକାରଙ୍କ ଦ୍ୱାରା ଘୁମୁରା ନୃତ୍ୟ, ମୟୂରୀ ନୃତ୍ୟ ଏକାଡେମୀ ଦ୍ୱାରା ବଜାଶାଲ, କଳାହାଣ୍ଡି କଳାକେନ୍ଦ୍ର ଦ୍ୱାରା ଓଡିଶୀ, ଅଗ୍ନିଭୈରବ ଅନୁଷ୍ଠାନ ଦ୍ୱାରା ବଜାଶାଲ, ଅଭିନୟ ଫାଉଣ୍ଡେସନ, ସକ୍ଷମ ନୃତ୍ୟ ଏକାଡେମୀ, ଜେ. କେ. ନୃତ୍ୟ ଏକାଡେମୀ, ପ୍ରାଞ୍ଜଳ କଳା ନିକେତନ, ନୃତ୍ୟ ରସିକା ଅନୁଷ୍ଠାନ, ରାଧାମୋହନ କଳା ପରିଷଦର କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

**କେସିଙ୍ଗା:** ଜିଲ୍ଲାର ଇତିହାସ ଯେତିକି ରୋଚକ ଏହାର କଳା ଓ ସଂସ୍କୃତି ମଧ୍ୟ ସେତିକି ମଧୁର।ଅନ୍ୟପଟେ ବିଜେଡି ଶାସନ ସମୟରେ ଜିଲ୍ଲାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ମେଡିକାଲ କଲେଜ, କୃଷି କଲେଜ, ପଲିଟେକନିକ୍ କଲେଜ, ଆଇଟିଆଇ, ନର୍ସିଂ କଲେଜ, କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ସ୍ୱୟଂ ଶାସିତ କଲେଜ ନିର୍ମାଣ କରାଯାଇ ଆଞ୍ଚରେ ଅନେକ ବିକାଶ କରାଯାଇଛି ସେଥି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି। ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲାର ୭୬ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି।ଜିଲ୍ଲାର ସମସ୍ତ ୧୩ଟି ବ୍ଲକ ଓ ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣାରେ ମଧ୍ୟ ବେଶ ହର୍ଷଉଲ୍ଲାସରେ ପ୍ରତିଷ୍ଠା ଦିବସ ପାଳନ ହୋଇଛି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଏସଡିପିଓ ଯୋଗ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଏବିଡିଓ ସିଦ୍ଧେଶ୍ୱର ମେହେର, ଏମପି ପ୍ରତିନିଧି ପ୍ରଶାନ୍ତ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମ.ରାମପୁର:** କଳାହାଣ୍ଡି ଗଠନ ଦିବସ ମ.ରାମପୁର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସଭାଗୃହ ରେ ବିଡିଓ ଶରତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ବ୍ଲକ ଉପାଧ୍ୟକ୍ଷ ଶମ୍ଭୁ ଭୁଷଣ ପଧାନ, ମୁଖ୍ୟବକ୍ତା ଅଧାପକ ରାଜେଶ କୁମାର ସାହୁ, ସମ୍ମାନିତ ଅତିଥି ତହସିଲଦାର ସୁଶ୍ରୀ ମୀମାଂସା ସାହୁ, ଏବିଡିଓ ଲକ୍ଷ୍ମଣ ପଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ବଳ ବିନ୍ଦର ସିଂଯାଦବ, ସିଡ଼ିପିଓ ବିଜୟଶ୍ରୀ ସିଂହ, ଯୁଗ ଯାତ୍ରୀ ସାହିତ୍ୟ ସଂସଦ ସଭାପତି ପଦ୍ମଲୋଚନ ମିଶ୍ର, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ ପ୍ରମୁଖ ଯୋଗ ଦେଇ ଥିବା ବେଳେ ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ଗଠନ ଦିବସ ଅବସରରେ ଦେଢ଼ ସୁଲୀ ସମିତି ସଭ୍ୟ ତଥା ମ.ରାମପୁର ମଣ୍ଡଳ ବିଜେପି ସଭାପତି ଯଜ୍ଞସେନ ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସାମନ୍ତରା, ସମାଜସେବୀ ସତ୍ୟ ନାରାୟଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।ଜିପିଡିଓ କୁଳ ମଣି ସିଂରାୟ ଧନ୍ୟବାଦ୍ ଅର୍ପଣ ଓ ପିଇଓ ଉଗ୍ରସେନ ଗଉଡ, ଶନିଶ୍ଚର ସୁରୂଜ, ସୁରେଶ ଜାଲ, ସତ୍ୟ ନାରାୟଣ ସାହୁ ଓ ଅନ୍ୟକର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଗୋଲାମୁଣ୍ଡା:** ଗୋଲାମୁଣ୍ଡା ବ୍ଲକ ସଭାଗୃହରେ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଡିଓ ତ୍ରିପୁରା ମହାନନ୍ଦ, ବିଶିଷ୍ଟ ଅତିଥି ଭାବରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଅଧ୍ୟାପକ ପ୍ରଦୀପ ମିଶ୍ର, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ବରିଷ୍ଠ ସମାଜସେବୀ ଚୁନିଲାଲ ଅଗ୍ରୱାଲ, ଗୋଲାମୁଣ୍ଡା ଗ୍ରାମର ଗଉନ୍ତିଆ ସୁବାଷ ଚନ୍ଦ୍ର ରାଉତ, ସହିଦ ବିଜେନ୍ଦ୍ର ରାଉତଙ୍କ ଭଉଣୀ ଶ୍ରୀମତୀ ମାଣିକ୍ୟ ରାଉତ, ଶିକ୍ଷାବିତ୍ ଗଣେଶ ରାଉତ ପ୍ରମୁଖ ଯୋଗଦେଇ ଥିବା ବେଳେ ପିଇଓ ଶ୍ରୀ ବିଶ୍ୱରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କଳାହାଣ୍ଡି ଇଷ୍ଟଦେବୀ ମାଁ ମାଣିକେଶ୍ୱରୀଙ୍କ ଫଟୋ ଚିତ୍ରକୁ ପୂଜାକରାଯାଇଥିଲା। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନେ କଳାହାଣ୍ଡିର ଗଠନ ଉପରେ ସମ୍ୟକ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସହ ସମସ୍ତ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

**କର୍ଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ କଳାହାଣ୍ଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ସୁଶ୍ରୀ ସୁଚରିତା ମୁଗ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କର୍ଲାମୁଣ୍ଡା ତହସିଲଦାର ଅରୁଣ କୁମାର ବର୍ଗେ, ସିଡିପିଓ କଳ୍ପଲତା ତ୍ରିପାଠୀ, ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରୀଆ, ବିଧାୟକ ପ୍ରତିନିଧି କାନହୁ ଚରଣ ସାହୁ ପ୍ରମୁଖ ଯୋଗଦେଇ କଳାହାଣ୍ଡି ଜିଲ୍ଲା ଗଠନର ସ୍ମୃତିଚାରଣ କରିଥିଲେ। ସଭକାର୍ଯ୍ୟରେ ପିଇଓ ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ପିଇଓ, ଏଡିଇଓଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**କୋକସରା:** କଳାହାଣ୍ଡି ଜିଲ୍ଲା ଗଠନ ସମାରୋହ ଦିବସ କୋକସରା ବ୍ଲକ କାର୍ଯ୍ୟାଳୟରେ ପାଳିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଂଶୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ଯୁକ୍ତ ତିନି ଡିଗ୍ରୀ ମହା ବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରେ, ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାହାଣ୍ଡି ଗଠନର ଇତିହାସ ଓ କଳାହାଣ୍ଡିର କଳା, ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ସଂସ୍କାର ପାଇଁ କଳାହାଣ୍ଡି ଗର୍ବିତ ବୋଲି ଆଲୋକପାତ କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଓ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନେ ନିଜ ବକ୍ତବ୍ୟରେ ପୂର୍ବପରି ଆମ କଳାହାଣ୍ଡି ଆଉ ରହିନାହିଁ, ଆଜି ଆମ ବିରବାଦ୍ୟ 'ଘୁମୁରା' ବିଶ୍ୱ ଦରବାରରେ ପହଞ୍ଚି ସାରିଛି, ଜିଲ୍ଲାର ବିକାଶ ମଧ୍ୟ ତିବ୍ର ଗତିରେ ବଢୁଥିବା ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଜିପିଡିଓ ମିଲୁ ପ୍ରଧାନୀ ପରିଚାଳନା କରିଥିବା ବେଳେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।









## ରାହାଗିରି



ଏହି ପ୍ରରିପ୍ରେକ୍ଷୀରେ ରାହାଗିରି କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା। ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଜେଲ ଛକ ପର୍ଯ୍ୟନ୍ତ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ, କୁଂଫୁ, ମାର୍ସଲ ଆର୍ଟ, ହାଣ୍ଡିଫଟା କୌଶାଳ ପ୍ରଦର୍ଶନ, କଳାହାଣ୍ଡି କଲେଜ ଅଫ ଆର୍ଟ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନ, ଖରତ ତାଣ୍ଡିଙ୍କ ବାଲୁକା କଳା ପ୍ରଦର୍ଶନ, ପଥପ୍ରାନ୍ତ ରଙ୍ଗୋଲି ଆଦି ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଭା ଅନୁଷ୍ଠାନର ମୁଖ୍ୟ ଧ୍ୟାନାନନ୍ଦ ପଣ୍ଡା ଓ ଡ଼.ଅଜୟ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ନମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ମା' ମାଣିକେଶ୍ୱରୀଙ୍କ ମନ୍ଦିର ଠାରୁ ଟାଉନ ହଲ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ମଶାଲ ଶୋଭାଯାତ୍ରା

କଳାହାଣ୍ଡି ଜିଲ୍ଲା ଗଠନ ଦିବସ ସମାରୋହର ଅବ୍ୟବହିତ ପୂର୍ବରୁ କଳାହାଣ୍ଡିର ଇଷ୍ଟଦେବୀ ମା'ମାଣିକେଶ୍ୱରୀଙ୍କ ମନ୍ଦିରରୁ ଭବ୍ୟ ମଶାଲ ଶୋଭାଯାତ୍ରା ବାହାରି ଉତ୍ସବସ୍ଥଳ ଟାଉନହଲକୁ ଯାଇଥିଲା। ମଶାଲ ଉପକମିଟିର ନୋଡାଲ ଅଧିକାରୀ ତଥା ଜିଲ୍ଲା ଯୋଜନା ଓ ସଂଯୋଜନା ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇଙ୍କ ମାର୍ଗଦର୍ଶନ ତଥା ମଶାଲ ଉପକମିଟିର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଳଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ପାଢ଼ୀ, ପ୍ରତିଭା ଅନୁଷ୍ଠାନର ଅଧ୍ୟକ୍ଷ ଧ୍ୟାନାନନ୍ଦ ପଣ୍ଡା, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଅକ୍ଷୟ ଦାସ, ସଂସ୍କୃତି ପ୍ରାଣ ଜୟନ୍ତ ବେହେରା, ଶିକ୍ଷାବିତ ଡ.ଅଜୟ ମିଶ୍ର ପ୍ରମୁଖ ଅତିଥି ଭାବେ ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମଶାଲ ଉପକମିଟିର ସହ ଆବାହକ ପ୍ରଦୀପ କୁମାର ଦାସ, ସଦସ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ଶାନ୍ତିଭୂଷଣ ପଣ୍ଡା, କ୍ଷୀରସିନ୍ଧୁ ନାଏକ, ସୁଶୀଳ କୁମାର ବାଗ, ଧବଳେଶ୍ୱର ମାଝୀ, ବୃନ୍ଦାବନ ତ୍ରିପାଠୀ, କେଶବ ମାଝୀ, ଉପାସନା ତ୍ରିପାଠୀ, ଟ୍ୱିଙ୍କିଲ ବିଶ୍ୱାଳ, ଭାରତଭୂଷଣ ମହାନ୍ତି, ଶିଶିର ଭରଦ୍ୱାଜ ପ୍ରମୁଖ ମଶାଲ ଶୋଭାଯାତ୍ରାକୁ ପରିଚାଳନାରେ ସହଯୋଗ କରିଥିଲେ।



## କଳାହାଣ୍ଡି ମାନଚିତ୍ର ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା

ଭବାନୀପାଟଣା ସଦର ସ୍ଥାନୀୟ ତାରିଣୀ ମନ୍ଦିରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳିତ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳାହାଣ୍ଡି ମାନଚିତ୍ର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ମା'ମାଟି ମାତୃଭୂମି ସ୍ୱର୍ଗ ଠାରୁ ବଡ ଓ ମାତୃଭୂମିର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ଉପସ୍ଥିତ ଛାତ୍ରଛାତ୍ରୀ ଅଭିଭାବକଙ୍କୁ ଉଦବୋଧନ ଦେଇଥିଲେ। ଶତାଧିକ ଛାତ୍ରଛାତ୍ରୀ କଳାହାଣ୍ଡି ମାନଚିତ୍ର ଅଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।ସମ୍ମାନିତ ଅତିଥି ରୂପେ ସମାଜସେବୀ ପ୍ରସନ୍ନ ପଟ୍ଟନାୟକ, ସୁମିତ ରାଉତ, ଯୋଗେଶ ନାଏକ, ଡଲି ରାଉତ ପ୍ରମୁଖ ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଚଦ୍ରପ୍ରଭା ମିଶ୍ର, ସରିତା ବାଗେଲ, ବୃଷଭ ଦାସ, ଧନମନ୍ତ ବେମାଲ, ବିକାଶ ତାଣ୍ଡି ସହଯୋଗ କରିଥିବା ବେଳେ ଶିକ୍ଷକ ଆଶିଷ ତାଣ୍ଡି ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# ନୃପରାଜ ପ୍ରଧାନୀଙ୍କ ଅବସର



**ନୂଆପଡ଼ା, ୧।୧୧(ସମିସ):** ନୂଆପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ନୃପରାଜ ପ୍ରଧାନୀ ଅବସରଗ୍ରହଣ କରିଛନ୍ତି। ଶୁକ୍ରବାର ଦିନ ଜିଲ୍ଲାପାଳ ମଧୁସୂଦନ ଦାଶ ତାଙ୍କ ଅବସରଗ୍ରହଣ ଦିନ ସମସ୍ତ କାଗଜାତ ଏବଂ ସହାୟତା ଏକକାଳୀନ ପ୍ରଦାନ କରିଛନ୍ତି। ଦୀର୍ଘ ୩୩ ବର୍ଷ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକରି ଶେଷରେ ସମାଜ ମଙ୍ଗଳ ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଛନ୍ତି। ତାଙ୍କ ଅବସରକାଳୀନ ସହାୟତା ପ୍ରଦାନ କରିବା ସମୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁଜୁର, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଅମଳ ପୂର୍ବରୁ ଦଲାଲ ସକ୍ରିୟ

**ଧର୍ମଗଡ଼, ୧।୧୧(ସମିସ)**

ଚାଷୀ ଜମିରୁ ଧାନ ଅମଳ ଆରମ୍ଭ କରିଛି।କିଛିଦିନ ତଳେ ଲଘୁଚାପଜନିତ ବର୍ଷା ହେବା ସମ୍ଭାବନା ଦେଖି ପାଚିଲା ଧାନ ଅମଳ କରିବାରେ ଧିମା ପଡ଼ିଥିଲା। ବର୍ତ୍ତମାନ ଆନୁମାନିକ ୩୫ ପ୍ରତିଶତ ଧାନ ପାଚି ପଡ଼ିଥିବା ଦେଖା ଦେଲାଣି। ସେଥି ମଧ୍ୟରୁ ୫-୧୦ପ୍ରତିଶତ ଅମଳ ହୋଇ ସାରିଛି। ଏହି ଅମଳ ଧାନ ଉପରେ ଏବେ ଦଲାଲଙ୍କ ନଜର ପଡ଼ିଲାଣି। ଗାଁ ଗାଁରେ ଡେରା ମାରିବା ଆରମ୍ଭ କଲେଣି। ଚାଷୀଙ୍କ ପାଖକୁ ଯାଇ ପ୍ରଲୋଭିତ କରୁଥିବା ଦେଖା ଦେଇଛି। ସ୍ଥାନୀୟ ଦଲାଗଙ୍କ ସହାୟତାରେ ଛତିଶଗଡ଼ ଅଞ୍ଚଳର ଦଲାଲ ସକ୍ରିୟ ହୋଇ ଉଠିପଡ଼ିଛନ୍ତି। ଦଲାଲମାନେ ଚାଷୀଙ୍କ ଠାରୁ ଧାନ କୁଇଣ୍ଟାଲ ପ୍ରତି ୨ହଜାରୁ ୨୨ଶହ ଟଙ୍କାରେ କିଣିବା ଆରମ୍ଭ କରିଥିବା ଚର୍ଚ୍ଚା ହେଲାଣି। ଏପରିକି ଚୋରାଚାଲାଣ ଯାନ ବାହାନ ଯାତାୟାତ କରୁଥିବା ନଜର ଦେଖିବାକୁ ମିଳିଛି। ପ୍ରାୟ ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳ ସମେତ ଗୋଲାମୁଣ୍ଡା ବ୍ଲକର କିଛି

**ଚୋରା ଚାଲାଣ ପାଇଁ କ୍ଷେତ୍ର ପ୍ରସ୍ତୁତି**

ଅଞ୍ଚଳରୁ ଧାନ ଚୋରାଚାଲାଣ ହେଉଥିବା ଜଣାପଡ଼ିଛି। ସିଧାସଳଖ ଭାବେ ଦଣ୍ଡପାଟ ଅଞ୍ଚଳ -ବେହେରାଗୁଡା, ପାଇକପଡ଼ା, ହାତୀପଖାନ, କଦଳିମୁଣ୍ଡା, ସେମେଲା ସମେତ ଧର୍ମଗଡ଼ ଅଞ୍ଚଳ ଟିପିଗୁଡା, କାଂକେରି, ସନ୍ଧିକୁଲିହାରି ରାସ୍ତା ଦେଇ ଛତିଶଗଡ଼-ଝାଙ୍କରପଡ଼ା, ଦେଭୋଗ, ଉରମାଲ ଆଦି ସ୍ଥାନକୁ ଯାଉଥିବା ଚର୍ଚ୍ଚା ହେଉଛି। ତେବେ ଧାନ ମଣ୍ଡି ଖୋଲିବା ପୂର୍ବରୁ ହଜାର ହଜାର ଧାନ ଚୋରା ଚାଲାଣ ହେବା ଢେର ସମ୍ଭାବନା ଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି। ଆର୍‌ଏମସି ପକ୍ଷରୁ ସୀମାନ୍ତ ଗାଁମାନଙ୍କରେ ଫାଟକ ବସାଇବା ସହ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ କରିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟଅଟେ ଆଗତୁରା ସରକାର ଧାନ ମଣ୍ଡି ଖୋଲିଲେ ଚୋରାଚାଲାଣ ରୋକା ଯାଇ ପାରିବ ନଚେତ ଦଲାଲ କବଜାରେ ଚାଷୀ ପଡ଼ି ବହୁ କ୍ଷତି ସହିବାକୁ ପଡ଼ିବ ଏଥିରେ ଦ୍ୱିମତ ନାହିଁ।

# ଖରିଫ ଧାନମଣ୍ଡି ପରିଚାଳନା ପାଇଁ ପ୍ରସ୍ତୁତି

**କର୍ଲାମୁଣ୍ଡା, ୧।୧୧ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି ସଭା ଗୃହରେ ଚଳିତ ବର୍ଷ ଖରିଫ ଋତୁରେ ହେବାକୁ ଥିବା ଧାନମଣ୍ଡି ବିଷୟରେ ପ୍ରସ୍ତୁତି ବୈଠକ ସମବାୟ ସମିତିର ସଭାପତି ଦେବରାଜ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୋରପଦର ପଞ୍ଚାୟତ ସରପଞ୍ଚ ସୁବାଷ ସାହୁ, ବୋରପଦର ରାଜସ୍ୱ ନିରୀକ୍ଷକ ଶୁଭ ଚିନ୍ତକ ନାଏକ, ଜୋରାଡ଼ବରା ରାଜସ୍ୱ ନିରୀକ୍ଷକ ଗୌର ହରୀ ମହଲା, ବରିଷ୍ଠ ଚାଷୀ ନୀଳାମ୍ବର ବେହେରା, ଚାଷୀ ପ୍ରତିନିଧି ଅବନୀ ପ୍ରସାଦ ସାହୁ, ଟିକୁନୁ ସାହୁ, ଧ୍ରୁବ ସାହୁ, ସମବାୟ ସମିତିର ଉପ ସଭାନେତ୍ରୀ ସଜନା ବତୀ ସାହୁ, ସମ୍ପାଦକ ସୁମନ୍ତ ସାହୁ ଏକାତରାର ମା'ଲଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସମେତ ଚାଷୀ ଭାଇ ଭଉଣୀ ମଣ୍ଡି ସୁପରିଚାଳନା ନେଇ ଆଲୋଚନା କରିଥିଲେ। ଚାଷୀମାନଙ୍କୁ ନେଇ ସମବାୟସ୍ତରୀୟ ଧାନକ୍ରୟ କମିଟି ଗଠନ କରାଯାଇଥିଲା।



## ଦହ୍ୟା ଉଚ୍ଚ ବିଦ୍ୟାଳୟରେ ମଡେଲ ପାର୍ଲାମେଣ୍ଟ







**ମନମୁଣ୍ଡା,୧।୧୧(ସମିସ):** ବୌଦ୍ଧ ବ୍ଲକ୍ ଅଧୀନ ପିଏମ୍‌ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର କଳାଶିକ୍ଷକ ମେଣ୍ଟର ସୁଶାନ୍ତ ବେଜୀ ଏବଂ ମାଷ୍ଟରଟ୍ରେନର୍ ରାକେଶ ଦୀପଙ୍କ ସହାୟତାରେ ଆଜି ଏକ ମଡେଲ ପାର୍ଲାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨୦ ଜଣ ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀ, ବିପକ୍ଷ ନେତା, ବାଚସ୍ପତି ଭଳି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସଂସଦର ଅଧିବେଶନରେ ବିହାର ରାଜ୍ୟର ଶିକ୍ଷା ବ୍ୟବସ୍ଥା ଏବଂ ସ୍ପେସାଲ ଇଣ୍ଟେନସିଭ ରିଭିଜନ ଇଲେକ୍ଟୋରାଲ ରୋଲ ବିଷୟ ଉପରେ ଚର୍ଚ୍ଚା ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଲୋକତନ୍ତ୍ର, ସଂସଦୀୟ ପ୍ରଣାଳୀ ଓ ନେତୃତ୍ୱ ଗୁଣ ସମ୍ପର୍କରେ ଜ୍ଞାନ ଆହରଣ କରାଇବା ସହ ନେତୃତ୍ୱ ଗୁଣର ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଲକ୍ଷ୍ୟ ଥିଲା। ସମସ୍ତ ଅଂଶଗ୍ରହଣକାରୀ ଯଥା ମନ୍ତ୍ରୀ, ବିପକ୍ଷ ନେତା ଏବଂ ବାଚସ୍ପତି ଭୂମିକାରେ ଅଭିନୟ କରିଥିବା୨୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୋନ୍‌ସ୍ତରୀୟ ବାଳିକା କବାଡ଼ି ପ୍ରତିଯୋଗିତା



**ପଲଶାଗୋରା,୧।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜୋନସ୍ତରୀୟ ବାଳିକା କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା ୧ରୁ ୩ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବିଦ୍ୟାଳୟ ତରଫରୁ ସୂଚନା ମିଳିଛି। ଏହି ପ୍ରତିଯୋଗିତା ପ୍ରଥମ ଦିବସରେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଲଶାଗୋରା ବିଜୟୀ ହୋଇଥିଲା। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ନାରାୟଣ ପ୍ରଧାନ, ମହବତ କଲିମି, ସୁଦାଂଶୁ ରଣା, ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷ, ଅଧାପିକା, ଅଧାପକ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଗୀତା ପଠନ ପ୍ରତିଯୋଗିତା



**ମନମୁଣ୍ଡା,୧।୧୧(ସମିସ):** ଆଧ୍ୟାତ୍ମିକ ଜୀବନରୁ ଧୀରେଧୀରେ ଯୁବ ସମାଜ ଦୁରେଇ ଯାଇ ବିପଥଗାମୀ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ପ୍ରାଥମିକ ବିଦ୍ୟାଳୟସ୍ତରରୁ ଶିଶୁମାନଙ୍କୁ ପ୍ରତିଦିନ ପ୍ରାର୍ଥନା ସଭାରେ ଗୀତା ପଠନ ଅଭ୍ୟାସ କରି ଏକ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବାକୁ ଖଟଖଟିଆ ଉପ୍ରା ବିଦ୍ୟାଳୟରେ ପ୍ରତିଦିନ ଲାଗି ରହିବା ଦେଖିବାକୁ ମିଳିଛି।ଫଳରେ କୋମଳମତି ଶିଶୁଙ୍କ ମନରେ ଏକ ଆଧ୍ୟାତ୍ମିକ ଚେତନା ସୃଷ୍ଟି ହେବାର ଏକ ଛୋଟ ପ୍ରୟାସ ହୋଇଛି। ଏହାସହ ଶନିବାର ଦିନ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରଧାନଶିକ୍ଷକ ବିଜୟ ଲକ୍ଷ୍ମୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଗୀତା ଆବୃତ୍ତି ପ୍ରତିଯୋଗିତା ଶିକ୍ଷକ ରଞ୍ଜୁ ଅମାତ ସଞ୍ଚାଳନ କରିଥିବାବେଳେ ବିଚାରକ ଭାବେ ଶିକ୍ଷୟିତ୍ରୀ ସ୍ନେହାପ୍ରଭା ମହାପାତ୍ର, ବନୀତା ମେହେର, ଦିପ୍ତିମୟୀ ବୈଠାରୁ ରହିଥିଲେ। ପ୍ରଥମସ୍ଥାନରେ ରିୟା ଭୋଇ, ଦ୍ୱିତୀୟ ସ୍ଥାନରେ ଧରିତୀ ବସ୍ତିଆ, ରୁବି ବସ୍ତିଆ ଓ ତୃତୀୟ ସ୍ଥାନରେ ଆଦ୍ୟାଶା ବାରିକ, ଓ ଇସାନି ବସ୍ତିଆ ହୋଇଥିଲେ। ଭାଗବତ ଗୀତା ପଠନର ସାର୍ଥକତା ଉପରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ସମୀର ପ୍ରଧାନ କହିଥିଲେ। ସୁରେନ୍ଦ୍ର କମ୍ପ ଓ ଶୈଳେନ୍ଦ୍ର ବସ୍ତିଆ ଉତ୍ସାହିତ କରିଥିଲେ।

## ରାମପୁର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଡୁଙ୍ଗୁରିପାଲି,୧।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଟାଙ୍ଗରକରଲେ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ପଞ୍ଚମ ମାସିକ ବୈଠକ ସିଆରସିସି ପ୍ରଦୀପ୍ତ କିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟବେକ୍ଷକ ହୋସିୟା ଛତ୍ରିଆ ସମସ୍ତ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ଆଜିର ବୈଠକରେ ଶିକ୍ଷକ କୁଶଭୋଇ ବହୁଶ୍ରେଣୀ ଭାଷାଜ୍ଞାନ ଶିକ୍ଷା ଓ ଶିକ୍ଷକ ଯେଠୁ ସାହୁ ଶ୍ରେଣୀସଂଖ୍ୟା ଜ୍ଞାନ ଉପସ୍ଥାପନା କରିଥିଲେ। ସିଆରସିସି ପ୍ରଦୀପ୍ତ କିଶୋର ଦାଶ ୟୁଏଏସ୍ ଉପସ୍ଥାପନ କରିଥିଲେ। ଶିକ୍ଷକ ସରୋଜ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଏମ୍‌ସି ଚେୟାରମ୍ୟାନ ସୁମନ୍ତ ଭୋଇ, କର୍ମଚାରୀ ଓ ଗ୍ରାମବାସୀ ସହଯୋଗ କରିଥିଲା।

### ଚରଦେଇ ମହୋତ୍ସବର ୨ୟ ସନ୍ଧ୍ୟା

# ପଞ୍ଚବାଦ୍ୟ, ରୁମ୍‌କୁଝୁମାନାରେ ଝୁମିଲେ ଦର୍ଶକ

**ବିନିକା,୧।୧୧(ସମିସ)**



ବିନିକା ବ୍ଲକ୍ ଅଧୀନ ଚରଦା ଠାରେ ଚାଲିଥିବା ମାଁ ଚରଦେଇ ଆଞ୍ଚଳିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅର୍ଥାତ ଦଶମୀ ଯାତ୍ରା ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଗହଳି ଲାଗିଥିଲା। ଦର୍ଶକଙ୍କ ମନୋରଞ୍ଜନ ସକାଶେ ମହୋତ୍ସବ ପେଣ୍ଡାଲରେ ସମ୍ବଲପୁରର ପଞ୍ଚବାଦ୍ୟ, ସୁବର୍ଣ୍ଣପୁରର ରୁମକୁ ଝୁମାନା ସାଂସ୍କୃତିକ ଲୋକନୃତ୍ୟ ବେଶ ଉପଭୋଗ ହୋଇଥିଲା।

ବୌଦ୍ଧର ବଉଳି କଳା ପରିଷଦ, ବିନିକାର ନୃତ୍ୟ ନିକେତନ ଅନୁଷ୍ଠାନ ତରଫରୁ ଲୋକକଳା ପ୍ରଦର୍ଶନ ଏବଂ କଣ୍ଠଶିଳ୍ପୀ ଦେବାନନ୍ଦ ଦାଶ, ମାଧବ ଭୋଇ, କୁମାର ଉପେନ, ସୁପ୍ରିୟା ଶର୍ମା, ଆଲିସା ମିଶ୍ରଙ୍କ ସଙ୍ଗୀତ ପରିବେଷଣ ଚିତାକର୍ଷକ ଥିଲା। ଏଥିରେ ଉଦ୍‌ଘୋଷକ ଭାବେ ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା, ସସ୍ମିତା ପରମଗୁରୁ, ଦେବରଞ୍ଜନ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କମିଟି ସଭାପତି ଅଶୋକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ, ସାନନ୍ଦ ମେହେର, ବିଜୟ ମହାକୁର, ବିଶ୍ୱମ୍ବର ମିଶ୍ର, ସ୍ୱରୂପ ପାତ୍ର, ଉଦ୍ଧବ ମହାକୁର, ଭୁବନେଶ୍ୱର ପାତ୍ର, ମୁଖ୍ୟବକ୍ତା ନବକିଶୋର ପୁଝାରୀ ପ୍ରମୁଖ ଯୋଦେଇଥିଲେ। ଏହି ଅବସରରେ ଅର୍ନ୍ତରାଷ୍ଟ୍ରୀୟ ଚିତ୍ରଶିଳ୍ପୀ ଭାବେ ଫୁଲମୁଠି ଗ୍ରାମର ଅଶୋକ କୁମାର ମହାକୁର ଓ ଟାଇକୋଣ୍ଡା ଖେଳାଳି ଭାବେ ବିଶ୍ୱ ଦରବାରରେ ପରିଚିତ ବିନିକାର ଅନୁଷ୍କା ଦାସଙ୍କୁ ମାଁ ଚରଦେଇ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସେହିପରି କମିଟି ଉପ ସଭାପତି ଶାଶ୍ୱତ ତ୍ରିପାଠୀ, ସଂଯୋଜକ ଧର୍ମେନ୍ଦ୍ର ଥନାପତି, ଧର୍ମରାଜ ପଣ୍ଡା, ଜିତେନ୍ଦ୍ର ଥନାପତି, ପରିତୋସ ଥନାପତି, ବାବୁଲାଲ ସାହୁ ଏବଂ କମିଟି ସମସ୍ତ ସଦସ୍ୟ ଉପସ୍ଥିତ ରହି ମହୋତ୍ସବ ପରିଚାଳନାର ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

## ରାତିଅଧିଆ ବେଧଡ଼କ ବାଲି ଚୋରାଚାଲାଣ



- ଖଣି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ
- ଏନଫୋର୍ସ ଟିମ୍ ଜଳକା

**ହରଭଙ୍ଗା,୧।୧୧(ସମିସ):** ଦିନକୁ ଦିନ ବୌଦ୍ଧ ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବୃଦ୍ଧି ପାଉଛି। ବିଭିନ୍ନ ମହାନଦୀ ବାଲି ଘାଟରୁ ବେନିୟମ ଭାବେ ରାତିଅଧିଆ ବେଧଡକ ବାଲି ଚୋରା ଚାଲାଣ ଚାଲଛି। ସବୁ ଜାଣି ଅଜଣା ପରି ଖଣି ବିଭାଗ ଅଭିନୟ କରୁଛି। ଖଣି ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଖଣିଜ ଦ୍ରବ୍ୟ ଚୋରା ଚାଲାଣ ପାଇଁ ବଡ ସୁଯୋଗ ସୃଷ୍ଟି କରିଛି। ଏହା ସହିତ ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବା ପାଇଁ ତିଆରି ହୋଇଥିବା ଏନଫୋର୍ସ ଟିମ୍‌ର ନୀରବତା ପରୋକ୍ଷରେ ଖଣି ଚୋର ଏବଂ ଜିଲ୍ଲା ପ୍ରଶାସନର ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି। ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରି ଉପରେ କଡା କାର୍ଯ୍ୟାନୁଷ୍ଠାନ ଅଭାବରୁ ହରଭଙ୍ଗା ତହସିଲର ବିଭିନ୍ନ ମହାନଦୀ ଘାଟରୁ ରାତିରେ ବ୍ୟାପକ ପରିମାଣରେ ବାଲି ଚୋରାଚାଲାଣ ଚାଲିଛି। ବଡ ବଡ ହାଇୱା ସାହାଯ୍ୟରେ ଦୁଇ ଦୁଇଟି ଥାନା ଦେଇ ବେଧଡକ ଭାବେ ଫୁଲବାଣୀ ଅଞ୍ଚଳକୁ ବାଲି ଚୋରାଚାଲାଣ ଚାଲିଛି। ଖଣି ବିଭାଗ ଏବଂ ଏନଫୋର୍ସମେଣ୍ଟ ଟିମ୍ ପାଖରେ ଏ ନେଇ କୌଣସି ସୂଚନା ନ ଥିବା ଏମାନଙ୍କ ପାରିବା ପଣିଆକୁ ପଦାରେ ପକାଇଛି।

### ମହଙ୍ଗା ପଡିଲା ବେଆଇନ ବାଲି ଚାଲାଣ

## ୨ ଜେସିବି, ୪ ଟ୍ରାକ୍ଟର ଜବତ



**ବୌଦ୍ଧ/ମନମୁଣ୍ଡା,୧।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶିମିଳିପଦର ପଞ୍ଚାୟତ କିର୍ଲା ତେଲ ନଦୀ ଘାଟରୁ ଶନିବାର ରାତିରେ ବେଆଇନ ବାଲି ଚାଲାଣ ବେଳେ ୨ଟି ଜେସିବି, ୪ଟି ଟ୍ରାକ୍ଟର ଜବତ ହୋଇଛି। ବେଆଇନ ବାଲି ଚାଲାଣ ନେଇ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ଏବଂ ଏସପି ରାହୁଲ ଗୋୟେଲ୍ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହାପରେ ଜିଲ୍ଲାପାଳ ଏବଂ ଏସପି ମନମୁଣ୍ଡା ଆଇଆଇସି ଅଞ୍ଜଳି ବିଶ୍ୱାଳ ଏବଂ ପୁଲିସ ବଳ ସହ ସେଠାରେ ଚଢ଼ଉ କରିଥିଲେ। ସେତେବେଳେ ୨ଟି ଜେସିବି ଏବଂ ୪ଟି ଟ୍ରାକ୍ଟର ବାଲି ଚାଲାଣ କାମରେ ଲାଗିଥିଲା। ପୁଲିସ ସେସବୁକୁ ଜବତ କରିଥିଲେ। ତେବେ ପୁଲିସକୁ ଦେଖି ମାଫିଆମାନେ ଘଟଣା ସ୍ଥଳରୁ ଫେରାର ମାରିଥିଲେ। ତଦନ୍ତ ପରେ ଉକ୍ତ ବାଲିଘାଟ ନିଲାମ ହୋଇଥିଲେ ସୁଦ୍ଧା କାର୍ଯ୍ୟକ୍ଷମ କରା ଯାଇ ନ ଥିବା ମାଇନିଙ୍ଗ ବିଭାଗ ପକ୍ଷରୁ ଜଣାପଡିଛି। ରାତି ଅଧିଆ ପୁଲିସ ଓ ପ୍ରଶାସନର ଏପରି ଚଢ଼ଉ ପରେ ବାଲି ମାଫିଆ ଛାନିଆ ହୋଇ ପଡିଛନ୍ତି।

## ଛେଳି ଚାଷୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ

**ବୌଦ୍ଧ,୧।୧୧(ସମିସ):** ବୌଦ୍ଧ ବଘିଆପଡା ପାଳଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ବୌଦ୍ଧ ଜିଲ୍ଲାର ଅଗ୍ରଣୀ ଛେଳି ପାଳକମାନଙ୍କୁ ନେଇ ତିନି ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ତପନ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବୌଦ୍ଧ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ରାମା ରାଓ ପାଲୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।

ବୈଜ୍ଞାନିକ ପଦ୍ଧତିରେ ଛେଳି ଚାଷ କରି କେମିତି ଲାଭବାନ ହୋଇପରିବେ କହିଥିଲେ। ଅନ୍ୟତମ ପ୍ରଶିକ୍ଷକ ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ତପନ ଦ୍ୱିବେଦୀ ଯୋଗଦେଇ ଛେଳିମାନଙ୍କ ବିଭିନ୍ନ ରୋଗ ନିରୂପଣ ଓ ନିରାକରଣ ଉପରେ କହିଥିଲେ। ତିନି ଦିନିଆ କାର୍ଯ୍ୟକ୍ରମକୁ କୃଷି ବୈଜ୍ଞାନିକ ଡା କବିତା ମିଶ୍ର ପରିଚାଳନା କରିଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ ଶିକ୍ଷାଦାନ



**ମନମୁଣ୍ଡା,୧।୧୧(ସମିସ):** ମନମୁଣ୍ଡା ସରକାରୀ ମଧ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମନମୁଣ୍ଡା କ୍ଲଷ୍ଟରର ସିଆରସିସି ପ୍ରଜ୍ଞୀନା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପଞ୍ଚମ ଏମସିଏମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷଣ ସୋପାନ ( ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ) ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଏଥିରେ ଯୋଗ ଦେଇ ତହିଁର ତଥା ଏକାଡେମିକ୍ କ୍ୟାଲେଣ୍ଡର ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଶିକ୍ଷାଦାନ ଏବଂ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଡିଇଓ ଶ୍ରୀଦୁବେ ଶ୍ରେଣୀ ପ୍ରକୋଷ୍ଠ, ଅଫିସ, ବଗିଚା, ଇତ୍ୟାଦି ପରିଦର୍ଶନ କରି ଖୁସିବ୍ୟକ୍ତ କରିଥିଲେ।

## ପିଇଓ, ଏଡିଇଓ, ଜିଆରଏସସ୍ତରରେ ଅଦଳବଦଳ

**ହରଭଙ୍ଗା,୧।୧୧(ସମିସ):** ହରଭଙ୍ଗା ବ୍ଲକରେ କାର୍ଯ୍ୟରତ ୫ଜଣ ପିଇଓ, ୫ଜଣ ଏଡିଇଓ ଏବଂ ୪ଜଣ ଜିଆରଏସଙ୍କ ଅଦଳବଦଳ କରାଯାଇଛି। ପିଇଓ ବି. ପ୍ରିୟଙ୍କାଙ୍କୁ ରାମଗଡ, ଲଡୁକିଶୋର ସାହୁଙ୍କୁ ପୁରୁଣାକଟକ, ଶେଷଦେବ ଯାନୀଙ୍କୁ ବୀରନରସିଂହପୁର, ଶ୍ରୀମନ୍ତ ପ୍ରଧାନଙ୍କୁ ସରସରା, ସୁଦାମ ପ୍ରଧାନଙ୍କୁ ପିତାମ୍ବରପୁର ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଏଡିଇଓ ନବୀନ କୁମାର ପ୍ରଧାନଙ୍କୁ ଲୁଣିବାହାଲ, ଶଙ୍କର ପ୍ରଧାନଙ୍କୁ ପିତାମ୍ବରପୁର, ପ୍ରେମାନନ୍ଦ ସାହୁଙ୍କୁ ବୀରନରସିଂହପୁର, ଉଜ୍ୱଳ କୁମାର ଅଗ୍ରୱାଲାଙ୍କୁ ସାମ୍ପୋଚ୍ ଏବଂ ଚିତ୍ତରଞ୍ଜନ ପାତ୍ରଙ୍କୁ ତିଳେଶ୍ୱର ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଆରଏସ ଗୌତମ ମାଝୀଙ୍କୁ ହରଭଙ୍ଗା, ମୀନାକ୍ଷୀ ପାତ୍ରଙ୍କୁ କରଞ୍ଜକଟା, ବୈକୁଣ୍ଠ ବେହେରାଙ୍କୁ ଶଙ୍କୁଲେଇ ଏବଂ ସୁମତି ମାଝୀଙ୍କୁ ଛତ୍ରଙ୍ଗ ପଞ୍ଚା।।ୟତର ଦାୟିତ୍ୱ ପ୍ରଦାନ କରାଯାଇଛି।

## ଦଶମୀ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ

**ବିନିକା,୧।୧୧(ସମିସ):** ପବିତ୍ର କାର୍ତ୍ତିକ ମାସ ଦଶମୀ ତିଥିରେ ଏ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା ଠାରେ ଅନୁଷ୍ଠିତ ହେଉଥିବା ଦଶମୀ ଯାତ୍ରା ଅବସରରେ ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋର୍‌ରୁ ବାବା କପିଳେଶ୍ୱର ଓ ମା ଚରଦେଇଙ୍କୁ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ଅପରାହ୍ନରେ ମାଁ ଚରଦେଇଙ୍କୁ ଗମ୍ଭୀରା ଭିତରୁ ବାହାର କରାଯାଇ ଛତର ସହ ବରୁଆଙ୍କ ନୃତ୍ୟ ଓ ଢୋଲ, ନିଶାଣର ତାଲେ ତାଲେ ଏକ ବିରାଟ ଶୋଭାଯାତ୍ରାରେ ନିକଟ କଲାସି କୁଠୀ ନିଆଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁ ଦର୍ଶନ କରିବାର ସୁଯୋଗ ନେଇଥିଲେ। ସେହିପରି ଅନ୍ୟ ପକ୍ଷରେ କରତଙ୍ଗ, ବାଉଁଶୁନି,ନନ୍ଦନମାଳ, କୌଡ଼ିଆମୁଣ୍ଡା, ସେଲେଡି, ଡୁଲୁଣ୍ଡୁ ପାଲି, ବଳରଙ୍ଗା ଆଦି ଗ୍ରାମରୁ ବରୁଆମାନେ ନିଜଛତ୍ର ସହ ନାଚି ନାଚି ପୀଠକୁ ଆସି ବାବା କପିଳେଶ୍ୱରଙ୍କୁ ବରମାଗି ନିଜ ଗନ୍ତବ୍ୟସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବରୁଆମାନଙ୍କ ନୃତ୍ୟ ଓ ଦେବାଦେବୀଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ନାହିଁନଥିବା ଭିଡ ପରିଲକ୍ଷିତ ହୋଇଥିଲା।

## ବାଇକ୍- ସାଇକଲ ଧକ୍କା; ୩ ଗୁରୁତର

**ଡୁଙ୍ଗୁରିପାଲି,୧।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଏଫ୍‌ସିଆଇ ନିକଟରେ ବାଇକ୍ ବ ସାଇକଲ ମଧ୍ୟରେ ଧକ୍କାହେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ତିନି ଗୁରୁତର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ବ୍ୟକ୍ତି ହେଲେ ଡୁଙ୍ଗୁରିପାଲିର ଘାସି ପ୍ରଧାନ ଓ ବଲାଙ୍ଗିର ଜିଲ୍ଲା ସଇନ୍ତଳାର କାହ୍ନା କୁମାର ସାବତ ଏବଂ ବଲାଙ୍ଗିରର ଦିଲୀପ ମିଶ୍ର। ପୁଲିସ ପହଞ୍ଚି ବାଇକକୁ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ ସାଇକଲରେ ମିସ୍ତ୍ରୀ ଦୋକାନ ବନ୍ଦକରି ଏଫସିଆଇ ପଟୁ ଘର କୁ ଫେରୁଥିବା ବେଳେ ବିପରୀତ ଦିଗରୁ ବଲାଙ୍ଗିର ପଟୁ ଆସୁଥିବା ବାଇକ ସହିତ ଦୁର୍ଘଟଣା ଘଟିଥିଲା।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ବୀରମହାରାଜପୁର,୧।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସଦର ମହକୁମାସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି। ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ କରାଯାଇଥିଲା। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି, ସୌମିତ୍ରୀ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂପାଦକ ସନ୍ତୋଷ ଷଡ଼ଙ୍ଗୀ ସ୍ୱାଗତ କରିଥିବାବେଳେ ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ ଓ ମଞ୍ଚାସୀନ ସମସ୍ତ ଅତିଥି ସ୍ୱର୍ଗତ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ସତ୍ୟ ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ




**ଡୁଙ୍ଗୁରିପାଲି,୧।୧୧(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସହଲା କ୍ଲଷ୍ଟରସ୍ତରୀୟ ପଞ୍ଚମ ମାସିକ ବୈଠକ ସହଲା ବାଳିକା ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଆରସିସି ରଞ୍ଜନ କୁମାର ଦାଶ ଯୋଗଦେଇ ଥିଲେ। ଶୈକ୍ଷକ କ୍ୟାଲେଣ୍ଡର ଅନୁସାରେ ଶିଶୁ ବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ଭାଷା, ଗଣିତ, ସାମାଜିକ ଆବେଗିକ ଓ ନୈତିକ ବିକାଶ ଉପରେ ଶିକ୍ଷ୍ୟାଦାନ, ବହୁ ଶ୍ରେଣୀ ପରିଚାଳନା, ଜିଲ୍ଲା -ଭିତ୍ତିକ ଶୈକ୍ଷକ ଆଲୋଚନା, ନିପୁଣ ବିଦ୍ୟାଳୟ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପାଇଁ ସରକାରଙ୍କ ନୂତନ ପଦ୍ଧତି ଉପରେ ଆଲୋଚନା କରିଥିଲେ।

ଉକ୍ତ ବୈଠକରେ କ୍ଲଷ୍ଟରର ରବିଚନ୍ଦ୍ର ମିଶ୍ର, ଶିବ ପ୍ରସାଦ ରଣା, ଅଭିରାମ ବାରିକ, ଥବିର ଦୋରା, କୈଳାସ ଚନ୍ଦ୍ର ସେଠ୍, ରମେଶ ସାଥୁଆ, ଚକ୍ରଧର ବାରିକ, ଗୋପାଳ କୁମାର ଦାସ, ଆରତୀ ପଧାନ, ଗାୟତ୍ରୀ ଷାଣ୍ଢ, ବିଥିକା ଭୋଇ, ଜ୍ୟୋସ୍ନା ମାଝୀ, ଉରକୁଳି ଭୋଇ, ସୁକାନ୍ତି ବାଗ, ସସ୍ମିତା ମେହେର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କୈଳାସ ଚନ୍ଦ୍ର ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗୀତା ଉଦ୍‌ଯାପିତ

**ମନମୁଣ୍ଡା,୧।୧୧(ସମିସ)**



କଣ୍ଟାମାଳ ବ୍ଲକ ଦମାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଦ୍ୱି-ଦିବସୀୟ ବୌଦ୍ଧ ଜିଲାସ୍ତରୀୟ କ୍ରୀଡ଼ା ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଯୋଗ ଦେଇଥିଲେ।

ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍ ଲାଲ୍ ଦୁବେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୩୨୬ ଜଣ ପ୍ରତିଯୋଗୀ ଯୋଗ ଦେଇ ଖୋଖୋ, ଯୋଗ, ଉଚ୍ଚ ଡିଆଁ, ଲମ୍ବଡିଆଁ, ଦୌଡ଼ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। କଣ୍ଟାମାଳ ସୁଦାମ ଚରଣ ମିଶ୍ର, ହରଭଙ୍ଗା ଉମା ଶଙ୍କର ରାଉତ ଓ ବୌଦ୍ଧ ମନୋଜ ଗାଇଗରିଆଙ୍କ ସମେତ ବିଭିନ୍ନ ବିଦ୍ୟାଳୟ କ୍ରୀଡ଼ାଶିକ୍ଷକ ପଞ୍ଚାନନ ସାହୁ, ଅରୁଣ ଖଟୁଆ, ମହେନ୍ଦ୍ର ସାହୁ, ଆଦିନାଥ ଦାସ, ସୁଧୀର ଭୋଇ, ସୁରେନ୍ଦ୍ର ନାଥ ସାହୁ, ଅମରେଶ ପ୍ରଧାନ, ଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା, ମମତା ଦାସ, ବନ୍ଦିତା ବିଶ୍ୱାଳ, ମନ୍ଦାକିନୀ ବଗର୍ତ୍ତୀ, ଶୁଭଶ୍ରୀ ଡାଙ୍ଗ, ବୈଜୟନ୍ତୀ ମିଶ୍ର ପ୍ରମୁଖ କ୍ରୀଡ଼ା ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଶିକ୍ଷକ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଦମାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋବିନ୍ଦ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବିଜେଡି କାମ କରୁଛି: ସ୍ନେହାଙ୍ଗିନୀ





**ଭୁବନେଶ୍ୱର, ୧।୧୧(ସମିସ)**

ବିଜେଡିର ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ନୂଆପଡ଼ା ବ୍ଲକ ଜିଲ୍ଲାପରିଷଦ ଜୋନ-୭ ଅଧୀନ ୬ଟି ପଞ୍ଚାୟତରେ ବ୍ୟାପକ ପ୍ରଚାର ଅଭିଯାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ସମସ୍ୟା ଗୁଡିକୁ ଆଲୋଚନା କରିବା ଏବଂ ସମ୍ପ୍ରଦାୟ ସହଭାଗିତାକୁ ଦୃଢ଼ କରିବା ଆମରି ଲକ୍ଷ୍ୟ ବୋଲି କହିଥିଲେ।ଅଭିଯାନକୁ ଆରମ୍ଭ କରି ଶ୍ରୀମତି ଛୁରିଆ ବିଭିନ୍ନ ଧାର୍ମିକ ସ୍ଥଳ ଯଥା ରାଧା କୃଷ୍ଣ ମନ୍ଦିର, ଦୁର୍ଗା ମଣ୍ଡପ ଏବଂ ରାମାୟଣ ମଣ୍ଡପ ଗୁଡିକୁ ଯାଇ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ମିଶି ସେମାନଙ୍କର ଚିନ୍ତା ଓ ଆକାଂକ୍ଷା ସମ୍ପର୍କରେ ଜାଣିଲେ। ଅଭିଯାନ ସମୟରେ ଶ୍ରୀମତୀ ଛୁରିଆ ଗ୍ରାମବାସୀଙ୍କ ସହିତ କୃଷି ବିକାଶ, ଜୀବିକା ସୁଯୋଗ ଏବଂ ସମୁଦାୟ ଭଳି ପ୍ରଶ୍ନ ଉପରେ ଆଲୋଚନା କଲେ। ଶ୍ରୀମତୀ ଛୁରିଆ ଦୀର୍ଘକାଳୀନ ଜୀବିକା ସୁଧାର ଉପରେ ଜୋର ଦେଲେ, ବିଶେଷତଃ କୌଶଳ ବିକାଶ ଏବଂ ଚାକିରି ସୃଷ୍ଟିକୁ ସମର୍ଥନ କରିବା। ସେ ଶିକ୍ଷା ଏବଂ ସାମାଜିକ ସହଭାଗିତାର ଗୁରୁତ୍ୱ ଉଲ୍ଲେଖ କରି, ମାପିତ ଶ୍ରେଣୀର ଶିଶୁମାନେ ସୁସ୍ଥିତ ଶିକ୍ଷା ପାଇଁ ପ୍ରୋତ୍ସାହନ ଦେଲେ। ସେ ସାଧାରଣ କାମଦାର ଏବଂ ଅର୍ଥନୈତିକ ଭାବରେ ପଡ଼ିଥିବା ଶ୍ରେଣୀଙ୍କ ସହିତ ସମର୍ଥନ ଜଣାଇ, ସମାଜର ସବୁ ସ୍ତର ପାଇଁ ସମାନ ଉନ୍ନତିର ଆବଶ୍ୟକତାରେ ଜୋର ଦେଲେ। ସେ ଅଭିଯାନ ସମୟରେ ବିଜେଡି ସରକାରଙ୍କ ନୂଆପଡ଼ାରେ କରାଯାଇଥିବା ବିକାଶ କାର୍ଯ୍ୟ, ଗ୍ରାମୀଣ ଧାରଣା ପାଇଁ ପ୍ରଭାବଶୀଳ ଉପକାର ସହିତ ସହଯୋଗ ପ୍ରତି ଉଲ୍ଲେଖ କରିଥିଲେ।ଅଭିଯାନରେ ତାଲପଡ଼ା, ଦୁମରିପାଣି, କୋଲଦା ନନ୍ଦପୁର, ହାଲଦି, ଭାଇନସି ମୁଣ୍ଡି, ରାତପାଳି, ମାଉଲିଭଟ୍ଟା, ଲଞ୍ଜିମାର, ସରବଙ୍ଗ, ଖାଲାନା, ପାଟଲଘୁଟକୁରୀ, ମୋହରାଦିହି, ଅମାନାରା, ପାୱାରଟୋଲା, ମୁଢେଲା, ଭାଇନସାଟାଲ, ବାଲୋଡା, ଜାଙ୍ଗୁଲା, ବୁଧିପାଲ୍ଲି, ଅମ୍ଲିଦାଦର, ପାଲସାଦାଦର, ବେହେରେନଦିହି ଏବଂ ଜେଞ୍ଜରା ଅଞ୍ଚଳରେ ସମ୍ପ୍ରଦାୟ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀମତୀ ଛୁରିଆଙ୍କ ସହିତ ପଞ୍ଚାୟତର ସ୍ଥାନୀୟ ନେତାମାନେ ଥିଲେ। ଧ୍ରୁବ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମନୋହର ରନ୍ଧାରୀ ଏବଂ ସୁଦର୍ଶନ ହରିପାଲ ପ୍ରମୁଖ ସାମିଲ ଥିଲେ। ବିଜେଡି ଓଡ଼ିଶାକୁ ଏକ ପ୍ରଗତିଶୀଳ, ସମାନତାମୂଳକ ଏବଂ ସମୃଦ୍ଧ ରାଜ୍ୟ ତିଆରି କରିବା ପାଇଁ କାମ କରୁଛି, ବିଶେଷତଃ ଗ୍ରାମୀଣ ସମ୍ପ୍ରଦାୟଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଧ୍ୟାନରେ ରଖିଛି ବୋଲି ଶ୍ରୀମତୀ ଛୁରୀଆ କହିଛନ୍ତି।

## ସ୍ନେହାଙ୍ଗିନୀଙ୍କ ପାଇଁ ଭୋଟ ମାଗିଲେ ଅତନୁ



**ନୂଆପଡ଼ା, ୧।୧୧(ସମିସ):** ଶନିବାର ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ-୨ରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ପ୍ରଚାର ଶୋଭାଯାତ୍ରାରେ ବିପୁଳ ଜନସମର୍ଥନ ମିଳିଥିବା ଦେଖାଯାଇଥିଲା। ଶତାଧିକ କର୍ମୀଙ୍କ ଗହଣରେ ବିଜେଡିର ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଦୀପାଳି ଦାସ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଶ୍ରୀ ନାୟକ କହିଥିଲେ, ନବୀନ ବାବୁଙ୍କ ନିର୍ଦ୍ଦେଶରେ ଶ୍ରୀମତୀ ଛୁରିଆ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆପଣମାନଙ୍କ ଆଶୀର୍ବାଦ ବିନା ଏହି ସଫଳ ଯାତ୍ରା ଅଧୁରା ରହିବ।ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଶଙ୍ଖ ଚିହ୍ନରେ ମୋହର ମାରି ବିଜେଡିକୁ ବହୁଳ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ବିଜେଡି ନେତାମାନେ ଲୋକଙ୍କୁ ନିବେଦନ କରିଥିଲେ।

## ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ପଥପ୍ରାନ୍ତ ସଭା



**ନୂଆପଡ଼ା, ୧।୧୧(ସମିସ):** ନୂଆପଡ଼ାରେ ଶନିବାର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ବିଶାଳ ପଥପ୍ରାନ୍ତ ସଭାରେ ବିଜେଡି ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ନିର୍ବାଚନର ପ୍ରଚାର କରାଯାଇଛି। ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସୀତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଜନସଭାରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟସଭା ସାଂସଦ ମୁନା ଖାନ୍, ବିଧାୟକ ଗୌତମବୁଦ୍ଧ ଦାସ, ଆୟୁବ ଖାନ, ରାଜେଶ ନିଗମ, ସୁବ୍ରତ ସିଂ, ଅମିତ ସିଂଦେଓ ପ୍ରମୁଖ ଯୋଗଦେଇ ବିଜେଡିକୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଛନ୍ତି।

# ବିଜେପି ବିଧାୟକଙ୍କ ଗିରଫ ଦାବିକଲା ବିଜେଡି

**ବନ୍ଧୁକ ମୁନରେ ନିର୍ବାଚନ ଜିତିବାକୁ ଚାହୁଁଛି ବିଜେପି: ଲେଖାଶ୍ରୀ**

**ନୂଆପଡ଼ା, ୧।୧୧(ସମିସ):**ନୂଆପଡ଼ା ଉପନିର୍ବାଚନ ପାଇଁ ରକ୍ତମୁଖା ସାଜିଛି ବିଜେପି। ଶାନ୍ତିପ୍ରିୟ ଓଡ଼ିଶାରେ ୟୁପି, ବିହାର ଭଳି ନିର୍ବାଚନୀ ହିଂସା ଆରମ୍ଭ କରିଛି ଶାସକ ବିଜେପି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୋମନା ବ୍ଲକରେ ବିଜେପି ବିଧାୟକ ରଘୁରାମ ମାଛଙ୍କ ପିଏସ୍‌ଓଙ୍କ ଦ୍ୱାରା ଫାଙ୍କା ଗୁଳି ଚାଳନା ଘଟଣା। ଏହା ଗଣତନ୍ତ୍ର ପ୍ରତି ବିପଦ ଏବଂ ବିଜେଡି ଏହାର ଦୃଢ଼ ନିନ୍ଦା କରୁଛି। ଏହାକୁ ନୂଆପଡ଼ାବାସୀ କେବେ ବରଦାସ୍ତ କରିବେ ନାହିଁ ବୋଲି ବିଜେଡି ନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଥିଲେ ଯେ, ହିଂସାକାଣ୍ଡ ଘଟାଇବା ସହ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି ବିଜେପି। ଗଣତାନ୍ତ୍ରିକ ପଦ୍ଧତିରେ



ନିର୍ବାଚନ ଜିତିପାରିବେ ନାହିଁ ବୋଲି ବିଜେପି ଜାଣିସାରିଲାଣି। ସେଥିପାଇଁ ପ୍ରତିପକ୍ଷ ଦଳର ନେତାଙ୍କୁ ଧମକାଇବା, ଗୁଳି ଚଳାଇବା ଭଳି କାର୍ଯ୍ୟ ଜରିଆରେ ଆତଙ୍କର ବାତାବରଣ ସୃଷ୍ଟି କରାଯାଉଛି। ଗୁଳିକାଣ୍ଡ ଘଟଣାରେ ବିଜେପି ବିଧାୟକ ଶ୍ରୀ ମାଛକୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ପୁଲିସ ପ୍ରଶାସନ ବିଜେଡି ନେତା ଓ କର୍ମୀମାନଙ୍କୁ ଧମକାଉଛନ୍ତି। ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘର ତଲାସୀ କରାଯାଉଛି, ଅଯଥାରେ ବିଜେଡି ନେତାଙ୍କ ଗାଡ଼ିକୁ ବାରମ୍ବାର ଯାଞ୍ଚ କରାଯାଉଛି। କିନ୍ତୁ ବିଜେପି ବିଧାୟକ ଗୁଳି ଚଳାଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ବିଜେପି ନେତାମାନଙ୍କ ପାଇଁ ସତେ ଯେପରି ଆଇନ କାନୁନ ବୋଲି କିଛି ନାହିଁ। ବିଜେପି ନେତାମାନେ ହିଂସାକାଣ୍ଡ ଘଟାଉ ଥିବାବେଳେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି।

## ନୂଆପଡ଼ା ଏନ୍‌ଏସିରେ ସାରଦାଙ୍କ ପ୍ରଚାର



**ନୂଆପଡ଼ା, ୩୧।୧୦(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ସବୁ ରାଜନୈତିକ ଦଳ ଗଡ଼ ବିଛାଇ ରଖିଛନ୍ତି।ଏଠାରେ ନିର୍ବାଚନୀ ମଞ୍ଚ ଧରିଛନ୍ତି ପୂର୍ବତନ ମନ୍ତ୍ରୀ ସାରଦା ପ୍ରସନ୍ନ ନାୟକ। ଏନ୍‌ଏସିର ୧୪ଟି ୱାର୍ଡ ଟାର୍ଗେଟରେ ରହିଛି।ଗୁରୁବାର ଏବଂ ଶୁକ୍ରବାର ଦୁଇ ଦିନ ଧରି ୧୩ ଏବଂ ୧୪ନମ୍ବର ୱାର୍ଡରେ ଅଧ୍ୟକ୍ଷ ମହମ୍ମଦ ଆଦମଙ୍କ ସହ ମିଶି ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ଏପରିକି ସମସ୍ତଙ୍କୁ ଲୋକେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିବା ଦେଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ସେଠୀ, କାଉନସିଲର ଗିରିଧାରୀ ରଣା, ଜୟନ୍ତୀ ରଣା ପ୍ରମୁଖ ସାମିଲ ଥିଲେ।

## କୋଟେନଚୁଆଁ ପଞ୍ଚାୟତରେ ବିଜେପିର ସମାବେଶ



**ନୂଆପଡ଼ା, ୧।୧୧(ସମିସ):** ନୂଆପଡ଼ା ନିର୍ବାଚନ ମଣ୍ଡଳୀ ଯୋଗେଶ୍ୱର ମଣ୍ଡଳର କୋଟେନଚୁଆଁ ପଞ୍ଚାୟତର ଝାଞ୍ଜିମୁଣ୍ଡାରେ ବିଜେପି ପକ୍ଷରୁ ଜନ ସମାବେଶ ସହିତ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପି ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ସମାବେଶରେ ଭୋଟରଙ୍କୁ ଉଦ୍‌ବୋଧନ ଦେବା ସହ ବିଜେପିକୁ ଭୋଟଦେଇ ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ। ପରେ ଏକ ବାଇକ ଶୋଭାଯାତ୍ରା ନେଇ କୋଟେନଚୁଆଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଚାରରେ କରାଯାଇଥିଲେ। ଶ୍ରୀ ଢୋଲକିଆଙ୍କ ସହ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ସମେତ ପୂର୍ବତନ ମନ୍ତ୍ରୀ ସମୀର ଦାସ, ପୂର୍ବତନ ବିଧାୟକ ଶଙ୍କର ଓରାମଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

**ବିଜେଡିକୁ ସମର୍ଥନ ଜଣାଇଲେ ଭୁଞ୍ଜିଆ ସମ୍ପ୍ରଦାୟ**

# ଆଦିବାସୀ କଲ୍ୟାଣରେ ନବୀନ ବାବୁଙ୍କ ଅବଦାନ ସ୍ମରଣୀୟ

**ନୂଆପଡ଼ା, ୧।୧୧(ସମିସ):** ବିଜେଡି ଶାସନରେ ଆଦିବାସୀମାନଙ୍କ ଉନ୍ନତି ବାସ୍ତବ ରୂପ ନେଇଥିଲା।ଯୁଗ ଯୁଗ ଧରି ଉପେକ୍ଷିତ ଥିବା ଜନଜାତିଙ୍କୁ ସେମାନଙ୍କ ଅଧିକାର ମିଳିଥିଲା।ଏହାକୁ ଚକୋଟିଆ ଭୁଞ୍ଜିଆ ଓ ଭୁଞ୍ଜିଆ ଜାତିର ଲୋକେ କେବେ ଭୁଲିବେ ନାହିଁ। ଶନିବାର ନୂଆପଡ଼ା ବ୍ଲକ ସେଠଯାମପାଣି ପଞ୍ଚାୟତରେ ଆୟୋଜିତ ଜନସଭାରେ ଚକୋଟିଆ ଭୁଞ୍ଜିଆ ଓ ଭୁଞ୍ଜିଆ ସମ୍ପ୍ରଦାୟ ପକ୍ଷରୁ ସ୍ନେହାଙ୍ଗିନୀଙ୍କୁ ସ୍ୱାଗତ ଜଣାଇ ସମର୍ଥନ କରିଛନ୍ତି। ସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ ବର୍ଷରେ ଆଦିବାସୀଙ୍କ ଐତିହାସିକ ପ୍ରଗତି ହୋଇଛି। ଶିକ୍ଷା, ଜୀବିକା, ସଂସ୍କୃତି ଓ ଶାସନ ବ୍ୟବସ୍ଥା ପାଇଁ ଓଡ଼ିଶା ଦେଶର ଏକ ମଡେଲ ରାଜ୍ୟ ହୋଇପାରିଛି।୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ୨, ୫୦୦ରୁ ଅଧିକ ଆଦିବାସୀ ବିଦ୍ୟାଳୟରେ ପିଲାମାନଙ୍କୁ ଆଧୁନିକ ଶିକ୍ଷା ମିଳୁଛି। ସେହିପରି ଲାଭ ଯୋଜନା ଅଧୀନରେ ପ୍ରାୟ ଏକ କୋଟି ଆଦିବାସୀ ମହିଳା ସଂଗ୍ରାହକ ଲାଭାନ୍ୱିତ ହେଉଛନ୍ତି। ଜନଜାତି ଭାଷା ଆୟୋଗଙ୍କ ଦ୍ୱାରା ୨୧ଆଦିବାସୀ ଭାଷାର ସୁରକ୍ଷା ଓ ପ୍ରଚାର ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ୨୩ ଜିଲ୍ଲା ଯାଏଁ ସମ୍ପ୍ରସାରିତ କରିବା ପାଇଁ ନବୀନ ବାବୁଙ୍କ ଉଦ୍ୟମ ବିଜେଡିର ଆଦିବାସୀଙ୍କ ପ୍ରତି ଉତ୍ସର୍ଗୀକୃତ ଭାବନାର ଉଦାହରଣ। ବକ୍ତାମାନେ କହିଥିଲେ ଯେ ମିଶନ ସୁବିଧା, ଜୀବିକା ମିଶନ ଏବଂ ଓପିଇଏଲଆଇପି ପରି ଯୋଜନା ଦ୍ୱାରା ଆଦିବାସୀ ଯୁବ, ଛାତ୍ର





ଓ କୃଷକଙ୍କୁ ସଶକ୍ତ କରାଯାଇଛି। ଓଡ଼ିଶାର ଆଦିବାସୀ ଉନ୍ନତି ଯାତ୍ରା, ସଂସ୍କୃତିକ ଗୌରବ, ଆର୍ଥିକ ସଶକ୍ତିକରଣ ଓ ସାମାଜିକ ନ୍ୟାୟ ଆଧାରିତ ଶାସନ ବ୍ୟବସ୍ଥା ନବୀନ ବାବୁଙ୍କର ସବୁ ଠାରୁ ବଡ ଅବଦାନ ବୋଲି ନେତାମାନେ ଉଲ୍ଲେଖ କରିଥିଲେ।ସଭାରେ ବିଜେଡିର ବରିଷ୍ଠ ନେତା ସୁଦାମ ମାରାଣ୍ଡି, ନିରଞ୍ଜନ ବିଶି, ରମେଶ ମାଝୀ, ଭାନୁ ପ୍ରତାପ ସିଂହ ମାଝୀ, ଡ.ଲେଖାଶ୍ରୀ ସାମନ୍ତସିଂହାର, ତେଜରାଜ ଶବର ଓ ରୂପ ସିଂହ ଭୁଞ୍ଜିଆ ଉପସ୍ଥିତ ଥିଲେ।

## ଯାଦବ ସମାଜ ପ୍ରତି ନବୀନଙ୍କ ଅକୁଣ୍ଠ ସହଯୋଗ ରହିଛି




**ନୂଆପଡ଼ା, ୧।୧୧(ସମିସ):** ଓଡ଼ିଶା ପ୍ରତି ନବୀନ ବାବୁଙ୍କ ଅବଦାନ କେବେ ଭୁଲି ହେବ ନାହିଁ।ଦୁଇ ଦଶନ୍ଧି ଧରି ନବୀନ ବାବୁଙ୍କ ଦୂରଦୃଷ୍ଟି ସମ୍ପନ୍ନ ଶାସନରେ ଓଡ଼ିଶା ଆଜି ସୁନାର ଓଡ଼ିଶା ହୋଇଛି। ଶଙ୍ଖ ଚିହ୍ନ ସହିତ ଆମେ ରହିଥିଲୁ, ଆଉ ଆଗକୁ ମଧ୍ୟ ଅଟଳ ରହିବୁ। ନୂଆପଡ଼ାରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ବିଜୟ ସୁନିଶ୍ଚିତ ବୋଲି ଶନିବାର କୋମନାରେ ଆୟୋଜିତ ଯାଦବ ମହାସଭାରେ ଦମ୍ଭୋକ୍ତି ପ୍ରକାଶ ପାଇଛି। ବରିଷ୍ଠ ଯାଦବ ନେତା କ୍ଷମା ସିଂ ନିଆଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସର୍ବଭାରତୀୟ ଯାଦବ ମହାସଭା ସମ୍ପାଦକ ରାଜୁ ଘିବେଲା ମୁଖ୍ୟବକ୍ତା, ଉତ୍କଳ ଯାଦବ ମହାସଭା ମହାସଚିବ ନନ୍ଦଲାଲ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେଡି ଶାସନ କାଳରେ ଓଡ଼ିଶାରେ ସଦଭାବନାର ନୂଆ ପରମ୍ପରା ସୃଷ୍ଟି ହୋଇଥିଲା। କେବଳ ଯାଦବ ସମ୍ପ୍ରଦାୟ ନୁହେଁ, ଏଠାରେ ବସବାସ କରୁଥିବା ପ୍ରତ୍ୟେକ ସମ୍ପ୍ରଦାୟକୁ ନବୀନ ପଟ୍ଟନାୟକ ସମାନ ଦୃଷ୍ଟିରେ ଦେଖିଛନ୍ତି। କାହା ପ୍ରତି ସେ ଅନ୍ୟାୟ ହେବାକୁ ଦେଇ ନାହାନ୍ତି। ଯାଦବ ସମାଜ ପାଇଁ ନବୀନ ପଟ୍ଟନାୟକଙ୍କର ଅନେକ ଅବଦାନ ରହିଛି।ସେଥିପାଇଁ ନୂଆପଡ଼ା ଉପନିର୍ବାଚନରେ ଯାଦବ ମହାସଭା ବିଜେଡି ପ୍ରତି ନିଜର ସମର୍ଥନକୁ ଅବ୍ୟାହତ ରଖିବ। ସଭାରେ ବରଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା କଳ୍ପନା ଯାଦବ, କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ଓ କଳାହାଣ୍ଡି ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ଭବାନୀପାଟଣା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ତଥା ରାଜ୍ୟ ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ସିନାପାଲି ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଳ, ଝରିଆ ସମାଜ ସଭାପତି ପ୍ରୀତରାମ ରାଉତ, କେସିଙ୍ଗା କାଉନସିଲର ପ୍ରକାଶ ବାଛୋର ଯୋଗଦେଇ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ ପାଇଁ ଆହ୍ୱାନ ଜଣାଇଛନ୍ତି। ପୂର୍ବତନ ଶିକ୍ଷକ କୁଳମଣି ନିଆଲ ସଭା ସଞ୍ଚାଳନ କରିଥିଲେ।

## କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ପ୍ରଚାର



**ନୂଆପଡ଼ା, ୧।୧୧(ସମିସ):** ନୂଆପଡ଼ା ବ୍ଲକ ଜିଲ୍ଲା ପରିଷଦ ଜୋନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ପ୍ରଚାର କରିଛନ୍ତି। ଶନିବାର ଆମାନାରା, ଖଲନା, ପାତାଳଘୁଟକୁରି, ମୋହରଡ଼ିହି, ଘଇଁଶାତାଳ, କେନ୍ଦୁବାହାରା, ବ୍ରାହ୍ମଣୀ, ସିରିବିଡ଼ି, ମୁଷରଙ୍ଗୀ, ଡାଲିପଖାନ ଗାଁରେ ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ, ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଷ୍ଟାର ପ୍ରଚାରକ ଅନିତା ବିଶ୍ୱାଳ ଓ ସୁନିତା ବିଶ୍ୱାଳ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତୁଳେଶ୍ୱର ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସିଦ୍ଧେଶ୍ୱରୀ ଠାକୁର, ବିଜୟାନନ୍ଦ ଚଉଳିଆ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଚନ୍ଦ୍ର ଶଗରିଆ, ଯୁବନେତା କମଳ ଚରଣ ତାଣ୍ଡି, ଜିଲ୍ଲା ମିଡ଼ିଆ ସେଲ ସଂଯୋଜକ ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଆଗାମୀ ୨୦୨୯ ନିର୍ବାଚନ ଲଢ଼ିବ: ଲଲ୍ଲୁ**

# ଡରାଇ-ଧମକାଇ ନିର୍ବାଚନ ଜିତିପାରିବନି ବିଜେପି: କାଡାମ୍

**ନୂଆପଡ଼ା, ୧।୧୧(ସମିସ)**

ନୂଆପଡ଼ାସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଲେ, ନୂଆପଡ଼ା ଓଡ଼ିଶାର ସବୁଠୁ ପଛୁଆ ଜିଲ୍ଲା। ଏହା ମଧ୍ୟ ଆଦିବାସୀ ବହୁଳ ଜିଲ୍ଲା ଭାବରେ ପରିଚିତ। ଏଠାରେ ଫ୍ଲୋରାଇଡଯୁକ୍ତ ପାଣି ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା। ଏଥିପାଇଁ ପ୍ରାୟ ୫୦ ହଜାର ଲୋକ ଫ୍ଲୋରୋଇସି ରୋଗର ଶିକାର ହୋଇଛନ୍ତି। ନୂଆପଡ଼ାରୁ ୪୫ ହଜାର ଜଣ ପଟ୍ଟା ପାଇଁ ଆବେଦନ କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ୭୦୦୦ ପଟ୍ଟା ଦିଆଯାଇଛି। ସିଆରଏଫ ପ୍ରୋଗ୍ରାମ ମାଧ୍ୟମରେ ୮୪୬ଟି ଗ୍ରାମ ସଭା ବନବିଭାଗ ଏବଂ ସରକାରକୁ ଆବେଦନ କରିଥିଲା। କିନ୍ତୁ କେବଳ ୪୬ଟି ଗ୍ରାମସଭାକୁ ଅନୁମତି ମିଳିଛି। ମହୁଲ ଉପରେ ଏମଏସପି ନାହିଁ, କେନ୍ଦୁପତ୍ର ଏବଂ ଅନ୍ୟ ବନ୍ୟଜାତ ଦ୍ରବ୍ୟ ସବୁ ଅତି ଶସ୍ତାରେ ଆଦିବାସୀ ବିକ୍ରି କରିବାକୁ ବାଧ୍ୟ ହେଉଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଅଞ୍ଚଳର ଲୋକସଭା ସଦସ୍ୟ ଥିବା ବେଳେ ଯାହା କିଛି ବୃହତ ଯୋଜନା ହୋଇଥିଲା। ଆମ ପ୍ରାର୍ଥୀ ଘାସିରାମ ମାଝୀ ଦୀର୍ଘ ୩୦ ବର୍ଷହେଲା ତୃଣମୂଳସ୍ତରରେ ଲଢେଇ କରୁଛନ୍ତି। କଂଗ୍ରେସ ପ୍ରଭାରୀ ହିସାବରେ କହିବାକୁ ଚାହେଁ, ଆଗାମୀ ୨୦୨୯ ସାଧାରଣ ନିର୍ବାଚନରେ ମଧ୍ୟ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଓଡ଼ିଶାରେ ଲଢ଼ିବ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଲେ, ଶୁକ୍ରବାର ରାତି କୋମନାର ଏକ ହୋଟେଲରେ କୋରାପୁଟ ବିଜେପି ବିଧାୟକଙ୍କ ପିଏସ୍‌ଓ ମାତାଲ ହୋଇ ଲୋକଙ୍କୁ ଧମକାଇବା ଉଦ୍ଦେଶ୍ୟରେ ଫାଙ୍କା ଗୁଳି ଚାଳନା କରିଛନ୍ତି। ବିଜେପି ନିର୍ବାଚନ ଲଢୁଛି ନା ଲୋକଙ୍କୁ ଧମକ ଚମକ ଦେଇ ପ୍ରଶାସନକୁ ବେଆଇନ କାମ କରି ନିର୍ବାଚନ ହାତେଇବାକୁ ଚାହୁଁଛନ୍ତି। ଆମ ଆଦିବାସୀ ପ୍ରାର୍ଥୀ ସମସ୍ତ ପ୍ରାର୍ଥୀଙ୍କଠାରୁ ଅଧିକ ଲୋକପ୍ରିୟ। ସେ ଲୋକଙ୍କ ସାଥିରେ ଲଢେଇ କରୁଥିବା ଏକ ସଂଗ୍ରାମୀ ସାଥୀ ତେଣୁ ବିଜେପି ଭୟଭୀତ ହୋଇ ଜନସାଧାରଣଙ୍କୁ ଧମକ ଦେବା ରାଜନୀତି କରୁଛି। କିନ୍ତୁ ନୂଆପଡ଼ାବାସୀ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କୁ ଭୋଟ ଦେବେ ବୋଲି ନିଷ୍ପତ୍ତି ନେଇସାରିଲେଣି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ମୁଖପାତ୍ର ଡ଼ ହମିଦ ହୁସେନ, ନୂଆପଡ଼ା ଜିଲ୍ଲା କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଖଳନାୟକ ଭୂମିକାରେ 'ଶୁଭମ୍'


ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ତେବେ ମୁଖ୍ୟ ଆକର୍ଷଣ ହେଲା ଫିଲ୍ମରେ ଖଳନାୟକ ଚରିତ୍ରରେ ନବାଗତ ଅଭିନେତା ଶୁଭମ୍ ପାଢ଼ୀ ଏଣ୍ଟ୍ରି କରିଛନ୍ତି । ଶୁଭମ ପୂର୍ବରୁ ଦୁଇଟି ଫିଲ୍ମ 'କେମିତି କହିବି ମୁଁ' ଓ 'ଶ୍ରୀମାନ ଶ୍ରୀଯୁକ୍ତ'ରେ ଅଭିନୟ କରିସାରିଛନ୍ତି । ତେବେ ଓଲିଉଡ୍‌ରେ ଖଳନାୟକର ଅଭାବ ଥିବା ବେଳେ ଆଉ ଜଣେ ନୂଆ ଖଳନାୟକ ଶୁଭମ୍‌ଙ୍କର ଏଣ୍ଟ୍ରି ନିଶ୍ଚିତ ଏହି ଅଭାବକୁ ପୂରଣ କରିବ । ଯାହାକି ଆଗାମୀ ଦିନ ପାଇଁ ଶୁଭ ଖବର । ଲକ୍ଷେଶ୍ୱର ପ୍ରଡକସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ । କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଗୀତ ଡ. ନିର୍ମଳ ନାୟକ ଏବଂ ଡ. ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି । ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଣାରାଣୀ ଦାଶ ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି । ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ । ସିନେମାଟିରେ ଭରପୂର କମେଡ଼ି ମଧ୍ୟ ଅଛି । ଏହି ଫିଲ୍ମରେ ଗାଁ ପରିବେଶ ତଥା ମାଟିର ବାସ୍ନା ଅନୁଭବ କରି ହେବ । ■

ପରଦା ପଛର କାହାଣୀ



# 'ମୋଗାମ୍ବୋ' ପାଇଁ ସାତ ଦିନରେ କଷ୍ଟ୍ୟୁମ୍ ତିଆରି

ହିନ୍ଦୀ ସିନେମାରେ ଅନେକ ଫିଲ୍ମ ରହିଛି, ଯେଉଁଥିରେ ଅଭିନେତାଙ୍କଠୁ ଅଧିକ ଖଳନାୟକ ଚରିତ୍ର ଲୋକପ୍ରିୟ ହୋଇଛନ୍ତି । ସେଭଳି ଜଣେ ପ୍ରସିଦ୍ଧ ଖଳନାୟକ ଚରିତ୍ର ମଧ୍ୟରେ 'ମୋଗାମ୍ବୋ' ଅନ୍ୟତମ । ଏହି ଚରିତ୍ରଟିରେ ପ୍ରସିଦ୍ଧ କଳାକାର ଅମରିଶ୍ ପୁରୀ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା 'ମିଷ୍ଟର ଇଣ୍ଡିଆ' ଫିଲ୍ମ । ଏହି ସିନେମାରେ ଅମରିଶ୍ ପୁରୀଙ୍କ ସମେତ ଅନିଲ୍ କପୁର୍, ଶ୍ରୀଦେବୀ ଓ ସତୀଶ୍ କୌଶିକ୍‌ଙ୍କ ଲୋକପ୍ରିୟ କଳାକାରମାନେ ଚମତ୍କାର ଅଭିନୟ କରିଥିଲେ । ନିକଟରେ କଷ୍ଟ୍ୟୁମ୍ ଡିଜାଇନ୍‌ର ମାଧବ ଅଗସ୍ତୀ ଫିଲ୍ମର ଲୋକପ୍ରିୟ ଚରିତ୍ର 'ମୋଗାମ୍ବୋ'ର କଷ୍ଟ୍ୟୁମ୍ ପଛର ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହାକୁ ସେ ତାଙ୍କ ପୁସ୍ତକ 'ଷ୍ଟିଚିଂ ଷ୍ଟାରଡମ୍ : ଫର୍ ଆଇକନ୍ସ, ଅନ୍ ଆଣ୍ଡ ଅଫ୍‌ସ୍କ୍ରିନ୍'ରେ ବର୍ଣ୍ଣନା କରିଛନ୍ତି । ଏହି ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି – ଫିଲ୍ମ ନିର୍ଦ୍ଦେଶକ ଶେଖର୍ କପୁର୍ ଓ ନିର୍ମାତା ବୋନି କପୁର୍ ତାଙ୍କ ଦୋକାନକୁ ଆସିଥିଲେ । ଆଉ ତାଙ୍କୁ କହିଥିଲେ "ଆମକୁ ଖଳନାୟକ ପୋଷାକ ଆବଶ୍ୟକ, ଯେଉଁଥିରେ ଉଭୟ ବିଦେଶୀ ଏକଛତ୍ରବାଦୀ ଶାସନ ଓ ଦେଶୀ ଜମିଦାରୀର ସ୍ପର୍ଶ ଥିବ ।" ଏଥିପାଇଁ ମଧାବ ବିଦେଶୀ ଖବରକାଗଜ, ପତ୍ରିକା ଏବଂ ଫିଲ୍ମ ଇତିହାସର ପୁସ୍ତକ ଉପରେ ଗବେଷଣା କରିଥିଲେ । ଅନେକ ପେପର୍ କଟିଂ କରିବା ପରେ ଶେଷରେ ସେ ମୋଗାମ୍ବୋ ପାଇଁ କଷ୍ଟ୍ୟୁମ୍ ଡିଜାଇନ କରିଥିଲେ । ଏହି ପୋଷାକ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ସାତ ଦିନ ସମୟ ଲାଗିଥିଲା । ଏହାକୁ ଦେଖି ଫିଲ୍ମ ପ୍ରଯୋଜକ ବୋନି କପୁର୍ ବେଶ୍ ଖୁସି ହୋଇଥିଲେ । ପୋଷାକ ପ୍ରସ୍ତୁତ କରିବାକୁ ମାଧବ ପାରିଶ୍ରମିକ ବାବଦକୁ ୨୫ ହଜାର ଟଙ୍କା ନେଇଥିଲେ । କିନ୍ତୁ ବୋନି କପୁର୍ ତାଙ୍କ ସୃଜନଶୀଳତା ଦେଖି ଖୁସି ହୋଇ ମାଧବଙ୍କୁ ଆହୁରି ୧୦ ହଜାର ଟଙ୍କା ଅଧିକ ଦେଇଥିଲେ । ଶେଷରେ ଏହି ପୋଷାକକୁ ଦେଖି ଅମରିଶ୍ କହିଥିଲେ 'ମୋଗାମ୍ବୋ ଖୁସ୍ ହୁଆ...' । ■



# ଅନୀସଙ୍କ ଫିଲ୍ମରେ ଅକ୍ଷୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଅନୀସ ବଜ୍‌ମିଙ୍କର ଆଗାମୀ ସିନେମାରେ ଦେଖିବାକୁ ମିଳିବ । ପୂର୍ବରୁ ଦୁହେଁ 'ଥ୍ୟାଙ୍କ ୟୁ', 'ୱେଲକମ୍' ଭଳି ସିନେମାରେ କାମ କରିସାରିଛନ୍ତି । ତେଣୁ ଏବେ ଏହି ଯୋଡ଼ିଙ୍କୁ ପୁଣି ଥରେ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ । ତେବେ ଫିଲ୍ମଟିର ବିଶେଷତ୍ୱ ହେଉଛି ଏହା ଡବଲ୍ ରୋଲ୍ ଉପରେ ଆଧାରିତ । ଅକ୍ଷୟ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏହା ଡବଲ ରୋଲ୍ ଉପରେ ଆଧାରିତ କୌଣସି କମେଡ଼ି ସିନେମା ନୁହେଁ, ବରଂ ଏହା ଏକ ନୂଆ ପାରିବାରିକ ଡ୍ରାମା ଉପରେ ପର୍ଯ୍ୟବସିତ । ଅନ୍ୟପଟେ ପୂର୍ବରୁ କୁହାଯାଉଥିଲା ଅନୀସ ରାମ ଏବଂ ଶ୍ୟାମ ନାମକ ଫିଲ୍ମ ନିର୍ମାଣ କରୁଛନ୍ତି । ଏହା ଏକ ଡବଲ୍ ରୋଲ୍ ଫିଲ୍ମ ହେବ । ଯେଉଁଥିପାଇଁ ପ୍ରଥମେ କାର୍ତ୍ତିକ ଆର୍ଯ୍ୟନ, ରଣବୀର କପୁର, ରଣବୀର ସିଂହ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ହେଲେ ଏବେ ସିନେମା ଲାଗି ଅକ୍ଷୟ ମନୋନୀତ ହୋଇଛନ୍ତି । ଏବେ ଏହା ପ୍ରି-ପ୍ରଡକସନ ପର୍ଯ୍ୟାୟରେ ଅଛି ଏବଂ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ଅନ୍ୟପଟେ ଫିଲ୍ମ ନିର୍ମାତା ଫିଲ୍ମ ସହ ଜଡ଼ିତ ଅନ୍ୟ ତଥ୍ୟ ଗୋପନ ରଖିଛନ୍ତି । ■

# 'ଜେମ୍‌ସ ଅଫ୍ ଓଡ଼ିଶା ୨୦୨୫'ର ବିଜୟିନୀ ଶ୍ରଦ୍ଧା

ଛତ୍ରପୁର ନିକଟ ତାମ୍ପରାଠାରେ 'ଜେମ୍‌ସ ଅଫ୍ ଓଡ଼ିଶା ଇଣ୍ଡିଆ ୨୦୨୫'ର ଦୁଇ ଦିବସୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ସୁନୀତା ୱାଧବନ, ଶ୍ରୀମତୀ ସୁଧା ଚନ୍ଦ୍ରାଣୀ ଖାତ୍ରୀ, ଡକ୍ଟର ଭୁବନେଶ୍ୱରୀ ଦେୱଙ୍ଗନ, ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଅନିତା ମଣ୍ଡଳ, ଆୟୋଜକ ଉମାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡ଼ର ଭାବେ ଅର୍ଚ୍ଚିତା ସାହୁ, ଉପସ୍ଥାପନାରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ରାଣୀ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ଶ୍ରୀଶକ୍ତି । ରାଣୀ ବର୍ଗରେ ସମ୍ବଲପୁରର ଝିଅ ଶ୍ରଦ୍ଧା ପ୍ରଧାନ ବିଜୟୀ ହୋଇଥିବା ବେଳେ ଭୁବନେଶ୍ୱରର ଡାକ୍ତର ମୋନାଲିସା ମିଶ୍ର ପ୍ରଥମ ରନର୍ ଅପ୍ ଏବଂ ସବିତାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ଼ର ମହିମା ସହାରେ ଏବଂ ତେଷା ୱିନର ହୋଇଥିବା ବେଳେ ମାଳତୀ ଜଇଶ୍ୱାଲ ଏବଂ ଭୈରବୀ ପ୍ରଥମ ରନର ଅପ୍ ଏବଂ ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନା ନାହାକ ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସ୍ୱାଧୀନ ଚିନ୍ତାଧାରାକୁ ଆଗକୁ ଆଣିବାରେ ସକ୍ଷମ ହୋଇନଥାଏ । ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱରର ଜେମ୍ସ ଅଫ୍ ଓଡ଼ିଶା ଆରମ୍ଭ କରିଥିଲା ଏହି ପ୍ରୟାସ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ବେଙ୍ଗାଲୁରୁର ବିଭିନ୍ନ ବର୍ଗର ମହିଳା, ଯୁବତୀ, ଏପରିକି ଦିବ୍ୟାଙ୍ଗମାନଙ୍କୁ ଗତ ୨ମାସ ଧରି ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ, ବିୟୁଟି ସହ ଅନ୍ୟାନ୍ୟ ଇଭେଣ୍ଟରେ ତାଲିମ ଦିଆଯାଇଥିଲା । ତେବେ ଜୁରୀମାନଙ୍କ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀମାନେ ଫାଇନାଲ୍ ରାଉଣ୍ଡରେ ଭାଗ ନେଇଥିଲେ । ■





# 'ମହାକାଳୀ'ରେ ଭୂମି

ଫିଲ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମା ତାଙ୍କ ଆଗାମୀ ସିନେମା 'ମହାକାଳୀ'କୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାରେ ଅକ୍ଷୟ ଖାନ୍ନା ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏବେ ସିନେମାର ମୁଖ୍ୟ ଚରିତ୍ର ଉପରୁ ପରଦା ହଟିଛି । ପ୍ରଶାନ୍ତ ପ୍ରଥମ ମହିଳା ସୁପରହିରୋ ଭାବେ ଭୂମି ସେଟ୍ଟିଙ୍କୁ ପରିଚିତ କରାଇଛନ୍ତି । ଭୂମି ୨୦୨୧ ମସିହାରେ କନ୍ନଡ଼ ସିନେମା 'ଇକ୍କତ'ରୁ ନିଜ ସିନେମା କ୍ୟାରିୟର ଆରମ୍ଭ କରିଥିଲେ । ସିନେମାର ପ୍ରଥମ ପୋଷ୍ଟର୍ ମଧ୍ୟ ରିଲିଜ୍ କରାଯାଇଛି । ଏଥିରେ ଭୂମିଙ୍କ ଦମ୍‌ଦାର ତଥା ମହାବତାର ଲୁକ୍ ସାମ୍ନାକୁ ଆସିଛି । ଯାହାକୁ ଲୋକେ ପସନ୍ଦ ମଧ୍ୟ କରିଛନ୍ତି । ତେବେ ସିନେମାର ୫୦ ପ୍ରତିଶତରୁ ଅଧିକ ଭାଗ ସୁଟିଂ ପୂରା ହୋଇଗଲାଣି । ଏବେ ହାଇଦ୍ରାବାଦରେ ବିଶେଷ ଭାବେ ନିର୍ମିତ ଏକ ଭବ୍ୟ ସେଟ୍‌ରେ ଏହାର ସୁଟିଂ ଜାରି ରହିଛି । ତେବେ ସିନେମାର ନାଁରୁ ଏକଥା ଏକପ୍ରକାର ସ୍ପଷ୍ଟ ହେଉଛି ଯେ, ଏହା ଦେବୀ କାଳୀଙ୍କ କାହାଣୀ ସହିତ ଜଡ଼ିତ । ଏହାର କାହାଣୀ ବି ପ୍ରଶାନ୍ତ ବର୍ମା ଲେଖିଛନ୍ତି । ■

ଆଳାପଚାର



# "ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଭଲ ଲାଗେ"

**ତୃପ୍ତି ମିରାମ୍ବିକା, ଅଭିନେତା**

ନୃତ୍ୟର ଅଙ୍ଗଭଙ୍ଗୀ ମାଧ୍ୟମରେ ସେ ନିଜ ମନର ଭାବନାକୁ ପ୍ରକାଶ କରୁଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ନୃତ୍ୟ ପରିବେଷଣ କରୁଥିଲେ । ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲେ କଟକର ତୃପ୍ତି ମିରାମ୍ବିକା । ନୃତ୍ୟକଳା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ବଡ଼ ପରଦା ମଧ୍ୟ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରାୟ ୫ରୁ ୬ଟି ସିନେମାରେ ମୁଖ୍ୟ ନାୟିକାଭାବେ ଅଭିନୟ କରିଛନ୍ତି ତୃପ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଦର୍ପଣ' ଏବଂ 'ମଙ୍ଗଳପୁର ଡାଏରୀ' ସିନେମା ରିଲିଜ୍ ହେବ । ତେବେ ଏହି ଅଭିନେତ୍ରୀଙ୍କ ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ ।

**ଆପଣ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନାୟିକା ହେବାର ରାଜ୍?**

● ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ କରୁଥିଲି । ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ବହୁତ ସମ୍ମାନ ମିଳିଛି ମୋତେ । ସ୍କୁଲରେ ଛୋଟ ଛୋଟ ଅଭିନୟ କରୁଥିଲି । ତେଣୁ ଅଭିନେତ୍ରୀ ହେବାର ଇଚ୍ଛା ଥିଲା । 'ମହାଦେବୀ' ଧାରାବାହିକରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛି । ସିନେମାରେ କାମ କରିବାକୁ ଅଡିସନ୍ ଦେଇ ପ୍ରଥମ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ' କରିଥିଲି । ମୋ ବିପକ୍ଷରେ ଥିଲେ ସମ୍ବିତ । ଏହା ପରେ ଏକାଧିକ ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିଛି । ଆଉ ଦର୍ଶକଙ୍କ ଭଲ ପାଇବା ପାଇଛି ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କଲେ?**

● ନୃତ୍ୟ ମାଧ୍ୟମରେ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡ଼େ । ହେଲେ କ୍ୟାମେରାକୁ ସାମ୍ନା କରିବା ସମୟରେ ମୁଁ ପୂରା ନୂଆ ଥିଲି । ଭୟ ବି ଲାଗୁଥିଲା । ହେଲେ ସମସ୍ତ ଗୁରୁଜନଙ୍କ କଥାକୁ ଶୁଣି କ୍ୟାମେରାକୁ ସାମ୍ନା କରିଥିଲି । ସମୟକ୍ରମେ ମୋର ଅଭ୍ୟାସ ହୋଇଗଲା ।

**ଆଗାମୀ ଯୋଜନା ବିଷୟରେ କିଛି କୁହନ୍ତୁ?**

● ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ପୂର୍ବରୁ ଅମ୍ଳାନ ସାର୍‌ଙ୍କ ସହିତ 'ସମୟ କହିବ କିଏ କାହାର' କରିଥିଲି । ଏହି ସିନେମାକୁ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ଏହାବାଦ୍ ୫ରୁ ୬ଟି ସିନେମାରେ କାମ କରିଛି । ଆଗକୁ ମୋର ସିନେମା 'ଦର୍ପଣ' ରିଲିଜ୍ ହେବ । ଏଥିରେ ସ୍ପିରିଚୁଆଲ ଗୀତ ରହିଛି । ଘଞ୍ଚ ଜଙ୍ଗଲ, ବିଳମ୍ବିତ ରାତିରେ ସୁଟିଂ ହୋଇଛି ସିନେମାଟି । ମୋତେ ଡାହାଣୀ ଲାଗୁଛି, ଯେତେବେଳେ ହୋସ୍ ଆସୁଛି ମୁଁ ଠାକୁରଙ୍କୁ ଡାକୁଛି । ସିନେମା ପାଇଁ ପୂରା ଟିମ୍ ପରିଶ୍ରମ କରିଛୁ । ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଭୂତପ୍ରେତକୁ ନେଇ ତିଆରି ହେଉଥିବା 'ଦର୍ପଣ'କୁ ଦର୍ଶକ ନିଶ୍ଚୟ ଭଲ ପାଇବା ଦେବେ । ଠିକ୍ ସେହିପରି 'ମଙ୍ଗଳପୁର ଡାଏରୀ'ରେ ମୁଁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚରିତ୍ର ନିଭାଉଛି । ଏବେ ଏହି ଫିଲ୍ମର ସୁଟିଂ ଚାଲିଛି । ଏହା ଏକ ସସପେନ୍ସ ଥ୍ରିଲର । ଏଥିରେ ଅମ୍ଳାନ ଅଛନ୍ତି । ତେବେ ଦୁଇଟି ସିନେମାର ମୁଁ ମୁଖ୍ୟ ନାୟିକା ।

**ପଢ଼ା ସହ ଅଭିନୟ କରିବାରେ କେବେ ସମସ୍ୟା ହୋଇନି?**

● ବର୍ତ୍ତମାନ ଏମ୍‌ବିଏ ପଢୁଛି । ନିଜ କାମ ଭିତରୁ ସମୟ କାଢ଼ି ପାଠ ପଢ଼େ । ସୁଟିଂ ନଥିଲେ କ୍ଲାସ୍ କରେ । ଅନ୍‌ଲାଇନ୍‌ରେ ବି ପଢ଼େ । ପଢ଼ାରେ କେବେ ଅବହେଳା କରିନି କି କରିବିନି । ସେମିତି ଯେଉଁ ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ । ଏଲାଇନ୍‌ରେ ଥିବା ଯାଏଁ ମୁଁ ଅଭ୍ୟାସ କରୁଥିବି ।

**ଅଭିନୟକୁ ବାଦ୍ ଦେଲେ କ'ଣ କରନ୍ତି?**

● ଅଭିନୟ ନୃତ୍ୟକୁ ବାଦ୍ ଦେଲେ, ପେଣ୍ଟିଂ କରେ । ମୁରୁଜ ପକାଏ । ନୂଆ ନୂଆ ସ୍ଥାନକୁ ବୁଲିବାକୁ ଭଲ ଲାଗେ ।


**ଆପଣଙ୍କ ଡ୍ରିମ୍ ରୋଲ?**

● ପ୍ରତ୍ୟେକ କଳାକାର ନିଜ ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖନ୍ତି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖିଛି । ହେଲେ ଆକ୍ସନ୍ ସିନେମା କାମ କରିବାକୁ ମୋର ବହୁତ ଇଚ୍ଛା ଅଛି । ଯାହା ବି ରୋଲ୍ ମିଳିବ ତାହାକୁ ସୁରୁଖୁରୁରେ କରିବି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ ହେଲେ କ'ଣ କରିବା ଦରକାର?**

● ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜ ଦକ୍ଷତାକୁ ଚିହ୍ନନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଗୁରୁଜନଙ୍କ କଥା ମାନି ଚାଲିବା ଭଲ । ଲକ୍ଷ୍ୟ ସ୍ଥଳରେ ପଞ୍ଚିବା ପାଇଁ କଠିନରୁ କଠିନ ପରିଶ୍ରମ କରନ୍ତୁ । ■








**ମହିଳା ବିଶ୍ୱକପ୍ କ୍ରିକେଟ**

# ଭାରତ-ଦକ୍ଷିଣ ଆଫ୍ରିକା ଗ୍ରାଣ୍ଡ ଫାଇନାଲ ଆଜି

**ନଭି ମୁମ୍ବଇ,୧।୧୧(ଏଜେନ୍ସି):**

୨୦୨୪ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଖେଳି ନ ଥିଲେ। ଏବେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟରେ ସମାନ କଥା। ଆସନ୍ତାକାଲି ବା ରବିବାର ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣରେ ପ୍ରଥମଥର ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିନାହାନ୍ତି। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ଓ ଭାରତ ୫ ୱିକେଟରେ ୭ଥର ଏବଂ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ମହିଳା କ୍ରିକେଟର ସର୍ବଶ୍ରେଷ୍ଠ ଟ୍ରଫି ଜିତିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହାର ଅର୍ଥ ଆସନ୍ତାକାଲି ଫାଇନାଲରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପ୍ରଥମଥର ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହେବ। ଏଣୁ ଉଭୟ ଦଳ ମଧ୍ୟରେ ଏହି ଫାଇନାଲ ମୁକାବିଲାଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।





**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ:** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ହରମନପ୍ରୀତ କୌର (ଅଧିନାୟିକା), ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଅମନଜ୍ୟୋତ୍ କୌର, ରାଧା ଯାଦବ/ ସ୍ନେହ ରାଣା, ଶ୍ରୀ ଚରଣି, କ୍ରାନ୍ତି ଗୌଡ଼ ଓ ରେଣୁକା ଠାକୁର।

**ଦକ୍ଷିଣ ଆଫ୍ରିକା:** ଲୌରା ୱଲଭାର୍ଟ (ଅଧିନାୟିକା/ୱିକେଟରକ୍ଷକ), ତାଜମିନ ବ୍ରିଟ୍ସ, ଆନେକେ ବୋଷ୍ଟ/ ମାସାବାତା କ୍ଲାସ୍, ସୁନ ଲ୍ୟୁସ୍, ମାରିଜାନ କାପ୍, ସିନାଲୋ ଜାଫ୍‌ତା (ୱିକେଟରକ୍ଷକ), ଆନେରି ଡେରେକସନ, ଟୋଲେ ଟ୍ରାୟନ, ନାଦିନ ଡି କ୍ଲେର୍କ, ଆୟାବୋଙ୍ଗା ଖାଖା, ନୋନକୁଲେକୋ ମାଲ୍‌ବା।

## ସ୍ପିନର ନେବେ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୨୦ଟିରେ ଓ ଦକ୍ଷିଣ ଆଫ୍ରିକା ୧୩ଟିରେ ବିଜୟୀ ହୋଇଛି। କୌଣସି ଦଳ ଏକତରଫା ମ୍ୟାଚ୍ ଜିତିନାହାନ୍ତି। ଦିନିକିଆ ବିଶ୍ୱକପ୍‌ରେ ଉଭୟଙ୍କ ମଧ୍ୟରେ ୬ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୫ଥର ଓ ୨୦୨୨ରେ ଦକ୍ଷିଣ ଆଫ୍ରିକା ମାତ୍ର ଥରେ ବିଜୟୀ ହୋଇଛି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ଭାରତ ପରାଜିତ ହୋଇଛି। ସେହିପରି ଗତ ୩ଟି ଭିନ୍ନ ଭିନ୍ନ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ପରାଜିତ ହୋଇଛି। ଭାରତର ୮୦ ଭାଗ ବିଜୟ ସ୍ପିନରଙ୍କ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇଛି। ଫାଇନାଲ ଜିତିବାକୁ ହେଲେ ଭାରତର ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଦକ୍ଷିଣ ଆଫ୍ରିକାର ଏହି ଗୋଟିଏ ଦୁର୍ବଳତାରୁ ରାଧା ଯାଦବ, ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ଫାଇଦା ଉଠାଇଲେ ଭାରତକୁ ଟାଇଟଲ ମିଳିବା ରାସ୍ତା ପରିଷ୍କାର ହୋଇଯିବ। ଅବଶ୍ୟ ଭାରତୀୟ ଦଳ ସ୍ପିନରମାନଙ୍କୁ ଭଲ ଖେଳିଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ପେସରଙ୍କୁ ମୁକାବିଲା କରିପାରିଲେ ଦଳକୁ ଶ୍ରେଷ୍ଠ ସଫଳତା ମିଳିପାରିବ।

## ବର୍ଷା ହେଲେ ରିଜର୍ଭ ଡେ'

ଫାଇନାଲ ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି କରିଥିଲେ ମଧ୍ୟ ନଭି ମୁମ୍ବଇରେ ଦିନସାରା ସ୍ୱଳ୍ପ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କିନ୍ତୁ ରାତିରେ କମ୍ ବର୍ଷା ହେବ ବୋଲି କୁହାଯାଇଛି। ଖେଳ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଏଣୁ ପଛରେ ବ୍ୟାଟିଂ କରିଥିବା ଦଳକୁ ଏଠାରେ ଫାଇଦା ମିଳିବ। ବର୍ଷା ଯୋଗୁ ଯଦି ଖେଳ ସମ୍ଭବ ନ ହୁଏ, ତେବେ ରିଜର୍ଭ ଡେ ଅର୍ଥାତ୍ ସୋମବାର ଖେଳାଯିବ। ଯେଉଁଠାରୁ ଖେଳ ବନ୍ଦ ରହିବ ସେହିଠାରୁ ରିଜର୍ଭ ଡେ'ରେ ଖେଳ ହେବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

**ଖେଳ ଆରମ୍ଭ : ଅପରାହ୍ଣ ୩ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## କେମିତି ଖେଳିଛନ୍ତି ପ୍ରତିଦ୍ୱନ୍ଦ୍ୱୀ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟରେ ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୩ ଦଳଠାରୁ କ୍ରମାଗତ ମୁକାବିଲାରେ ପରାଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ବିରାଟ ବ୍ୟବଧାନରେ ହରାଇବା ପରେ ଭାରତକୁ ସେମିଫାଇନାଲ ଟିକଟ ମିଳିଥିଲା। ସେମିଫାଇନାଲରେ ଭାରତ ମହିଳା ଦିନିକିଆ କ୍ରିକେଟରେ ରେକର୍ଡ ୩୩୯ ରନ୍‌କୁ ଚେଜ୍ କରି ବିଶ୍ୱରେକର୍ଡ କରିବା ସହ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦଳ କିନ୍ତୁ ଇଂଲଣ୍ଡ ବିପକ୍ଷରେ ମାତ୍ର ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନ୍‌ରେ ଆଉଟ ହୋଇଥିଲା। ଭାରତ ଓ ବାଂଲାଦେଶ ସ୍ପିନରଙ୍କ ବିପକ୍ଷରେ ଦଳ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ଦୁଇ ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଓ ଟୋଲେ ଟ୍ରାୟନ ଦଳର ପରାଜୟକୁ ବିଜୟରେ ପରିବର୍ତ୍ତନ କରିଦେଇଥିଲେ। ସେମିଫାଇନାଲରେ ଦଳ ପରଫେକ୍ଟ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ଶୋଚନୀୟ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏଣୁ ଉଭୟ ଦଳ କିଛି ଦର୍ଶନୀୟ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରି ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି।

## ୱଲଭାର୍ଟ ଓ କାପ୍‌ଙ୍କୁ ଭାରତର ଭୟ

ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତଭାବେ ଯେଉଁ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ସେମାନେ ହେଉଛନ୍ତି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ତଥା ଓପନର ଲୌରା ୱଲଭାର୍ଟ ଓ ମାରିଜାନ କାପ୍। ଏହି ବିଶ୍ୱକପ୍‌ରେ ଜଣେ ମାତ୍ର ଫାଷ୍ଟ ବୋଲର ଘଣ୍ଟାପ୍ରତି ୧୩୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରିଛନ୍ତି। ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ମାରିଜାନ କାପ୍। ସେ ଭାରତର ଟପ୍ ଅର୍ଡର ବ୍ୟାଟରଙ୍କୁ ବାନ୍ଧି ରଖିବାରେ କାପ୍‌ଙ୍କର ବେଶ ଦକ୍ଷତା ରହିଛି। ଅନ୍ୟପକ୍ଷରେ ୱଲଭାର୍ଟ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୧୬୯ ରନ୍‌ର ଇନିଂସ ଖେଳିବା ସହ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୭୦ ରନ୍ କରିଛନ୍ତି। ଏମାନଙ୍କ ବ୍ୟତୀତ ଦଳରେ ଅନ୍ୟ ଖେଳାଳିମାନେ ମଧ୍ୟ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ, ଦୁଇ ଅଲରାଉଣ୍ଡର ନାଦିନ ଓ ଟୋଲେ ଭାରତକୁ ହରାଇଛନ୍ତି। ଭାରତୀୟ ଦଳରେ ଏକାଧିକ ତାରକା ଥିଲେ ମଧ୍ୟ ଓପନର ପ୍ରତୀକା ରାୱଲ ଆଘାତଜନିତ କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି ଓ ତାଙ୍କ ସ୍ଥାନରେ ଶେଫାଳି ବର୍ମାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଛି। ବିସ୍ଫୋରକ ବ୍ୟାଟିଂ ଲାଗି ଜଣାଶୁଣା ଶେଫାଳି ଯଦି ଏହାର ଫାଇଦା ଉଠାନ୍ତି ତେବେ ତାଙ୍କ କ୍ୟାରିୟର ସଜାଡି ନେବେ। ଭଲ ଫର୍ମରେ ଥିବା ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ୍ କୌରଙ୍କଠାରୁ ବଡ଼ ଇନିଂସ ଆଶା କରାଯାଉଛି। ସେମିରେ ନଂ. ୩ରେ ବ୍ୟାଟିଂ କରି ଜେମିମା ଶତକ ସହ ଭାରତର ରେକର୍ଡ ରନ୍ ଚେଜ୍ କରି ଜିତାଇଛନ୍ତି।

## ଫିଲ୍ଡିଂକୁ ନେଇ ଭାରତର ଚିନ୍ତା

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୩୫ଟି କ୍ୟାଚ୍ ନେଇଛି। କିନ୍ତୁ ସର୍ବାଧିକ ୧୮ଟି କ୍ୟାଚ୍ ଡ୍ରପ୍ କରିଛି। ଦଳର ସଫଳତା ହେଉଛି ୬୬ ଶତକଡ଼ା ଓ ଖରାପ କରିଥିବା ଦଳମାନଙ୍କ ମଧ୍ୟରେ ଭାରତର ସ୍ଥାନ ଦ୍ୱିତୀୟ। ଏହା ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ସର୍ବାଧିକ ୩ଟି ଷ୍ଟମ୍ପିଂ ମିସ୍ କରିଥିଲାବେଳେ ସର୍ବାଧିକ ୬ଥର ଓଭରଥ୍ରୋ କରିଛି। ଦଳର ମିସ୍‌ଫିଲ୍ଡ ୭୪ଥର ହୋଇଛି। ଭାରତକୁ ଟାଇଟଲ ଜିତିବାକୁ ହେଲେ ବ୍ୟାଟିଂ ଓ ବୋଲିଂ ସହ ତୃତୀୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଫିଲ୍ଡିଂରେ ମଧ୍ୟ ଉନ୍ନତି କରିବାକୁ ପଡ଼ିବ।

# ଭାରତ-ଅଷ୍ଟ୍ରେଲିଆ ୩ୟ ଟି-୨୦ ଆଜି

**ହୋବାର୍ଟ, ୧।୧୧ (ଏଜେନ୍ସି):** ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଟି-୨୦ ସିରିଜର ତୃତୀୟ ମୁକାବିଲାରେ ରବିବାର ଘରୋଇ ଦଳକୁ ଭେଟିବ। ସ୍ଥାନୀୟ ବେଲେରିଭ ଓଭାଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଅପରାହ୍ଣ ୧ଟା ୪୫ ମିନିଟରେ ଆରମ୍ଭ ହେବ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ଏହି ୩ୟ ଟି-୨୦ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମୁକାବିଲା ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ଶୁକ୍ରବାର ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚକୁ ଘରୋଇ ଅଷ୍ଟ୍ରେଲିଆ ୪୦ ବଲ୍ ଓ ୪ ୱିକେଟ୍ ବଳକା ଥାଇ ବିଜୟୀ ହୋଇଥିଲା। ଫଳରେ ସିରିଜରେ ଅଷ୍ଟ୍ରେଲିଆ ଏବେ ୧-୦ରେ ଅଗ୍ରଣୀ ରହିଛି। ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଘରୋଇ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ଏହି ମୁକାବିଲାରେ ବିଜୟୀ ହୁଏ ତେବେ ଭାରତର ସିରିଜ ଜିତିବାର ଆଶା ମଉଳିଯିବ। ଶେଷ ଦୁଇ ଟି-୨୦ରେ ଭାରତ ବିଜୟୀ ହେଲେ ସିରିଜ ଡ୍ର ରହିବ ନ ହେଲେ ଅଷ୍ଟ୍ରେଲିଆ ବାଜିମାତ୍ କରିନେବ। ଏଭଳିସ୍ଥଳେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତୀୟ ଦଳ ପାଇଁ ଏହି ତୃତୀୟ ଟି-୨୦ ବେଶ୍ ଗୁରୁତ୍ୱବହନ କରୁଛି। ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ଆଗରେ ଯେପରି ଭାରତୀୟ ବ୍ୟାଟର୍ ଆତ୍ମସମର୍ପଣ କଲେ ତାହା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି।

**ତୃତୀୟ ଟି-୨୦**
**ସ୍ଥାନ- ହୋବାର୍ଟ**
**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୪୫**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ହସ୍ପିଟାଲରୁ ବାହାରିଲେ ଆୟର

**ସିଡ୍‌ନୀ, ୧।୧୧ (ଏଜେନ୍ସି):** ଭାରତୀୟ କ୍ରିକେଟର୍ ଶ୍ରେୟସ ଆୟରଙ୍କୁ ନେଇ ଖୁସି ଖବର ଆସିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆରେ ଫିଲ୍ଡିଂ ସମୟରେ ଛାତିରେ ଗୁରୁତର ଆଘାତ ଲାଗି ସିଡ୍‌ନୀରେ ଚିକିତ୍ସିତ ହେଉଥିବା ଆୟରଙ୍କୁ ଶନିବାର ହସ୍ପିଟାଲରୁ ରିଲିଜ କରାଯାଇଛି। କ୍ୟାଚ୍ ଧରିବାକୁ ଯାଇ ଆୟରଙ୍କ ପଞ୍ଜରାରେ ଆଘାତ ଲାଗି ଆଭ୍ୟନ୍ତରୀଣ ରକ୍ତକ୍ଷରଣ ହୋଇଥିଲା। ଯେଉଁଥି ପାଇଁ ସିଡ୍‌ନୀ ଏକ ହସ୍ପିଟାଲରେ ତାଙ୍କର ଜରୁରୀ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଏବେ ରିଲିଜ କରାଯାଇଥିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ ଆୟରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ସେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ବିସିସିଆଇର ମେଡିକାଲ ଟିମ୍ ସହ ସିଡ୍‌ନୀର ଏକ ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ସେ ଏବେ ସିଡ୍‌ନୀରେ ରହିବେ। ଯେବେ ବିମାନରେ ବସିବା ଲାଗି ଉପଯୁକ୍ତ ହେବେ ସେତେବେଳେ ତାଙ୍କୁ ଭାରତ ଅଣାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

# ନିରାଶ କଲେ ଓଡ଼ିଶା ବୋଲର; ଆନ୍ଧ୍ର ୨୨୨/୩

**ବାରବାଟୀ ରଣଜୀ**

**ଭୁବନେଶ୍ୱର, ୧।୧୧ (ସମିସ):** ଘରୋଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ମୁକାବିଲା ଶନିବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ମ୍ୟାଚର ପ୍ରଥମ ଦିବସରେ ଘରୋଇ ଓଡ଼ିଶା ବୋଲର ନିରାଶ କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପ୍ରଥମ ଦିବସ ଖେଳ ଶେଷବେଳକୁ ୬୮ ଓଭରରେ ୩ ୱିକେଟ ହରାଇ ୨୨୨ ରନ ସଂଗ୍ରହ କରିଛି। ଖରାପ ଆଲୋକ ଯୋଗୁ ପ୍ରଥମ ଦିବସରେ ୨୨ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।


ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପାଇଁ ଦୁଇ ଓପନର୍ ଶ୍ରୀକର ଭରତ ଓ ଅଭିଷେକ ରେଡ୍ଡୀ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ଓପନିଂ ୱିକେଟ୍ ଯୋଡ଼ିରେ ୧୬୧ ରନ ସଂଗ୍ରହ କରି ଘରୋଇ ଦଳର ବୋଲରଙ୍କୁ ନିରାଶ କରିଥିଲେ। ଭାରତୀୟ ଟେଷ୍ଟ ଦଳର ୱିକେଟ୍‌କିପର ଦାୟିତ୍ୱ ସମ୍ଭାଳିଥିବା ଶ୍ରୀକର ୯୩ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ୧୨୯ ବଲର ଏହି ପାଳିରେ ସେ ୧୦ ଚୌକା ଓ ୩ଟି ଛକା ମାରିଥିଲେ। ଶ୍ରୀକରଙ୍କୁ ଆଉଟ୍ କରି ସମ୍ବିତ ବରାଳ ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଦଳୀୟ ସ୍କୋର ୨୦୧ ରନ ହୋଇଥିବାବେଳେ ଓଡ଼ିଶାକୁ କ୍ରମାଗତ ୨ଟି ସଫଳତା ମିଳିଥିଲା। ଅନ୍ୟତମ ଓପନର୍ ଅଭିଷେକ ୭୬ ରନ କରି ପ୍ରଥମେ ବାଦଲ ବିଶ୍ୱାଳଙ୍କ ଶିକାର ବନିଥିଲେ। ଏହାପରେ କ୍ରିଜକୁ ଆସିଥିବା ଅଧିନାୟକ ରିକି ଭୁଇ ମଧ୍ୟ ୫ଟି ବଲ୍ ସାମ୍ନା କରି ଥିଲେ ମଧ୍ୟ ଖାତା ଖୋଲି ନ ପାରି ସମ୍ବିତଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ସେକ୍ ରଶିଦ ଓ କିର୍ଦାନ୍ତ କରଣ ସିନ୍ଧେ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ରଶିଦ ୨୫ ଓ ସିନ୍ଧେ ୧୬ ରନ କରି ଖେଳୁଛନ୍ତି। ଘରୋଇ ଓଡ଼ିଶା ପାଇଁ ମଧ୍ୟଗତିର ଦ୍ରୁତ ବୋଲର ସମ୍ବିତ ସବୁଠୁ ସଫଳ ବୋଲର ରହି ୨ଟି ଓ ବାଦଲଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ଖେଳି ୱିକେଟ୍ କିପର ସୌରଭ ଗୌଡ଼ା ଓଡ଼ିଶା ପାଇଁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି। ଓଡ଼ିଶା ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟ୍‌ରେ ପରାସ୍ତ ହୋଇଥିବାବେଳେ ଦ୍ୱିତୀୟ ମୁକାବିଲାରେ ୟୁପି ବିପକ୍ଷରେ ଗୋଟିଏ ପଏଣ୍ଟ ପାଇଛି।

**ଭାରତୀୟ ଟେନିସରେ ଏକ ଯୁଗର ଅନ୍ତ**

# ୪୫ ବର୍ଷରେ ଅବସର ନେଲେ ବୋପନ୍ନା

**ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି):** କିମ୍ବଦନ୍ତୀ ଟେନିସ ଖେଳାଳି ରୋହନ ବୋପନ୍ନା ଶେଷରେ ତାଙ୍କର ଦୁଇ ଦଶନ୍ଧିର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ଶନିବାର ଅବସର ଘୋଷଣା କରିଛନ୍ତି। ବୋପନ୍ନାଙ୍କ ଅବସର ସହ ଭାରତୀୟ ଟେନିସରେ ଏକ ଯୁଗର ଅବସାନ ଘଟିଛି। ବେଙ୍ଗାଲୁରୁ ଜନ୍ମିତ ୪୫ ବର୍ଷୀୟ ବୋପନ୍ନା ଶେଷଥର ଲାଗି ଗତ ୨୮ ତାରିଖରେ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକଙ୍କୁ ସାଥୀ କରି ପ୍ୟାରିସ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଯେଉଁଥିରେ ସେ ରାଉଣ୍ଡ-୩୨ରୁ ହାରି ବିଦାୟ ନେଇଥିଲେ।

ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ବୋପନ୍ନା ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, 'ତୁମର ଜୀବନକୁ ଏପରି ଅର୍ଥ ଦେଇଥିବା ଜିନିଷକୁ ତୁମେ କିଭଳି ଅଲ୍‌ବିଦା କରିପାରିବ। ଅବିସ୍ମରଣୀୟ ୨୦ ବର୍ଷର ଯାତ୍ରା ପରେ ଏବେ ସମୟ ଆସିଯାଇଛି। ଅଫିସିଆଲ୍ ଭାବେ ମୁଁ ମୋ ର୍ୟାକେଟ୍ ଝୁଲାଇଦେଉଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ଜୀବନର ସବୁଠୁ ବଡ଼ ସମ୍ମାନ ଥିଲା।'



### ୪୩ ବର୍ଷରେ ନଂ-୧ ଖେଳାଳି

ଗତବର୍ଷ ପ୍ରାରମ୍ଭରେ ବୋପନ୍ନା ୪୩ ବର୍ଷ ବୟସରେ ବିଶ୍ୱର ଏକ ନମ୍ବର ପୁରୁଷ ଡବଲ୍ସ ଖେଳାଳି ମାନ୍ୟତା ପାଇଥିଲେ। ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ବିଜୟ ହାସଲ କରିବା ପରେ ସେ ଏହି ସଫଳତା ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ ଟ୍ରଫି ଜିତିଥିଲେ। ଫଳରେ ଓପନ୍ ଏରାରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବାର ରେକର୍ଡ ବୋପନ୍ନାଙ୍କ ନାମରେ ଲିପିବଦ୍ଧ ହୋଇଥିଲା। ଏଥିପୂର୍ବରୁ ବୋପନ୍ନା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ୨୦୧୭ରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସରେ ହାସଲ କରିଥିଲେ।

### ଅଳ୍ପକେ ଅଲିମ୍ପିକ ପଦକରୁ ବଞ୍ଚିତ

ତିନିଥର (୨୦୧୨, ୨୦୧୬ ଓ ୨୦୨୪) ଅଲିମ୍ପିକ ଖେଳିବାର ସୌଭାଗ୍ୟ ଲାଭ କରିଥିବା ବୋପନ୍ନା ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସାନିଆ ମିର୍ଜାଙ୍କୁ ସାଥୀ କରି ଖେଳିଥିବା ରୋହନ ମିକ୍ସଡ ଡବଲ୍ସରେ ୪ର୍ଥ ସ୍ଥାନ ହାସଲ କରିଥିଲେ। ବୋପନ୍ନା ୨୦୧୯ରେ 'ଅର୍ଜୁନ' ଓ ୨୦୨୪ରେ 'ପଦ୍ମଶ୍ରୀ' ପୁରସ୍କାର ଜିତିଥିଲେ।

# ଖେତବର, ନିର୍ମଳା ଜିତିଲେ ରାଜ୍ୟ ସ୍କୁଲଚେସ୍



**ଭୁବନେଶ୍ୱର,୧।୧୧(ସମିସ):** ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୬୯ତମ ରାଜ୍ୟ ସ୍କୁଲ ସମୂହର ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଭୁବନେଶ୍ୱରର ଖେତବର ମାଝୀ ଓ ବାଳିକା ବିଭାଗରେ ମଧ୍ୟ ଭୁବନେଶ୍ୱରର ନିର୍ମଳା କୁଲୁ ଚାମ୍ପିଅନ ହୋଇଛନ୍ତି। ବାଳକ ବିଭାଗରେ ଭୁବନେଶ୍ୱରର ଚେମ୍ବୁରୁ ହେମ୍ବ୍ରମ୍, ପୁରୀର ଆଦିତ୍ୟ ପଟ୍ଟନାୟକ, ଗଞ୍ଜାମର ବିଶାଳଜ୍ୟୋତି ପଣ୍ଡା ଓ କେନ୍ଦୁଝରର ଆଶୁତୋଷ ଖୁଣ୍ଟିଆ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ଗଞ୍ଜାମର ପ୍ରତ୍ୟୁଷାରାଣୀ କର, କଟକର ଜୟୀତା ବେହେରା, ସୁନ୍ଦରଗଡର ଭାଗ୍ୟଶ୍ରୀ ସିଂ ଓ କଳାହାଣ୍ଡିର ବବିତା ବେହେରା ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ସର୍ବଭାରତୀୟ ୧୭ ବର୍ଷରୁ କମ୍ ସ୍କୁଲ ଚେସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ତ୍ରିପୁରାର ଅଗରତାଲାରେ ଚଳିତମାସ ଖେଳାଯିବ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆର୍ବିଟର ସୌମ୍ୟକାନ୍ତ ସାହୁ, ବିଭୁଦତ୍ତ ରଥ, ଶ୍ରବଣ ପ୍ରଧାନ ଓ ସନ୍ତୋଷ ସାହୁ ତାଙ୍କୁ ସହାୟତା କରିଥିଲେ। ଖୋର୍ଦ୍ଧାର ବିଜେବି ହାଇସ୍କୁଲରେ ଏହି ପ୍ରତିଯୋଗିତା ୨ ଦିନ ଧରି ଆୟୋଜିତ ହୋଇଥିଲା। ଖେଳ ଶେଷରେ ଶାରିରୀକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି, ବିଏସ୍‌ଇର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଜିଲ୍ଲା ଶିକ୍ଷାଅଧିକାରୀ ସୋନାମିକା ରାୟ, ସହକାରୀ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଜ୍ଞାପାରମିତା ଜେନା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।

# ଟାର୍ଗେଟ୍- ୨୭୫; ଭାରତ-ଏ ୧୧୯/୪

**ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି):** ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଓ ଭାରତ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ରୋଚକସ୍ଥିତିରେ ପହଞ୍ଚିଛି। ୨୭୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ-ଏ ଶନିବାର ତୃତୀୟ ଦିବସ ଷ୍ଟମ୍ପ୍ସ ସୁଦ୍ଧା ୪ ୱିକେଟ୍ ହରାଇ ୧୧୯ ରନ ସଂଗ୍ରହ କରିଛି। ଆହତ ସମସ୍ୟାରୁ ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ ଋଷଭ ପନ୍ତ ୬୪ ରନ ଓ ଆୟୁଷ ବଦୋନୀ କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ଭାରତକୁ ବିଜୟ ଲାଗି ବଳକା ୬ ୱିକେଟ୍‌ରେ ଆଉ ୧୫୬ ରନ ଆବଶ୍ୟକ। ୭୫ ରନରେ ଆଗୁଆଥିବା ଦ. ଆଫ୍ରିକା-ଏ ଶନିବାର ଦ୍ୱିତୀୟ ପାଳିରେ ୧୯୯ ରନ କରିଥିଲା।

GROOM WANTED
for Business Enturpuneer
Brahmin cast
Bride:- 25year, 5.4 feet,
Post Graduate, Father
Established Industrialist
of Eastern India /
Contact- 8984661780

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS